

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୬ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 May 2026
Vol.No. 36 ■ No.118 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଶ୍ୱବଙ୍ଗଫଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ୟୁଏଇରେ ଇରାନର ଭୟଙ୍କର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ: ୩ ଭାରତୀୟ ଆହତ

## ହର୍ମୁଜ ପ୍ରଣାଳୀରେ ଇରାନର ୭ଟି ନୌକା ଧ୍ୱଂସ କଲା ଆମେରିକୀୟ ସେନା






ନୂଆଦିଲ୍ଲୀ,୦୫/୫ : ମଧ୍ୟପ୍ରାଚ୍ୟରେ ପୁଣି ଥରେ ଯୁଦ୍ଧର କଳାବାଦଲ ଘନେଇଛି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଅସ୍ତ୍ରବିରତି ଭଙ୍ଗ ହେବା ପରେ, ଇରାନ ପକ୍ଷରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଉପରେ ଏକାଧିକ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ସୋମବାର ଘଟିଥିବା ଏହି ଆକ୍ରମଣରେ ତିନିଜଣ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ଫୁଜାଇରା ତୈଳ ଶିଳ୍ପାଞ୍ଚଳରେ ଡ୍ରୋନ୍ ଆକ୍ରମଣ ଯୋଗୁଁ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବା ବେଳେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଉଦ୍ଧାର କାର୍ଯ୍ୟ ସରିଛି। ଆହତ ଭାରତୀୟମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଆବୁଧାବିସ୍ଥିତ ଭାରତୀୟ ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ରହି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଇରାନ ଚାରୋଟି କ୍ରୁଜ୍ ମିସାଇଲ୍ ନିକ୍ଷେପ କରିଥିଲା, ଯାହା ମଧ୍ୟରୁ ତିନିଟିକୁ ୟୁଏଇର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଆକାଶରେ ହିଁ ନଷ୍ଟ କରିଦିଆଯାଇଥିବା ବେଳେ ଚତୁର୍ଥଟି ସମୁଦ୍ରରେ ପତିତ ହୋଇଛି। ଫୁଜାଇରା ବନ୍ଦର ୟୁଏଇ ପାଇଁ ବୈଦେଶିକ ତୈଳ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଥିବାରୁ ଏହା ଉପରେ ଆକ୍ରମଣକୁ ଦେଶର ସୁରକ୍ଷା ପ୍ରତି ଏକ ଗୁରୁତର ବିପଦ ବୋଲି କୁହାଯାଉଛି। ଘଟଣାକୁ ନେଇ ୟୁଏଇ ବୈଦେଶିକ ମନ୍ତ୍ରଣାଳୟ ତୀବ୍ର ନିନ୍ଦା କରିବା ସହ ଏହାକୁ ''ବିଶ୍ୱାସଘାତକ'' ଆକ୍ରମଣ ବୋଲି ବର୍ଣ୍ଣନା କରିଛି। ସାମରିକ ଉତ୍ତେଜନା ବଢୁଥିବା ବେଳେ ୟୁଏଇ ସ୍ପଷ୍ଟ କରିଛି ଯେ, ନିଜର ଜାତୀୟ ସୁରକ୍ଷା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର ''ସମ୍ପୂର୍ଣ୍ଣ ଓ ଯଥାର୍ଥ ଅଧିକାର'' ତାଙ୍କର ରହିଛି। ଏହି ଆକ୍ରମଣ ପରେ ଦୁବାଇ ଓ ଆବୁଧାବି ଭଳି ବଡ଼ ସହରରେ ସତର୍କ ସୂଚନା ଜାରି କରାଯାଇଛି।

◆◆ପୃଷ୍ଠା ୭

## ରାଜ୍ୟସଭା ନିର୍ବାଚନରେ ଅନିୟମିତତା: ୧୧ରେ ସିଇଓଙ୍କ ସହିତ ବିଜେଡିର ବୈଠକ

ଭୁବନେଶ୍ୱର , ୦୫/୫ (ନି.ପ୍ର): ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ, ଡ଼ ସସ୍ମିତ ପାତ୍ର ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ୨୮ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏହାପରେ ଭାରତ ନିର୍ବାଚନ ଆୟୋଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ରାଜେନ୍ଦ୍ର କୁମାର ସିଂହ ୨୯ ଏପ୍ରିଲରେ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି, ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିଦ୍ଦେ୍ଦଶ ଦେଇଥିଲେ । ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ୧୧ ମଇ ତାରିଖ ସକାଳ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହିତ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି । ବିଜେଡି ତରଫରୁ ବିରୋଧୀ ଦଳ ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ: ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ରାଜ୍ୟସଭା ନିର୍ବାଚନ ପୋଲିଂ ଏଜେଂଟ ଶ୍ରୀ ପ୍ରତାପ ଦେବ: ବିରୋଧୀ ଦଳ

◆◆ପୃଷ୍ଠା ୭

## ୧୫ ହଜାର ଟଙ୍କା ଲାଞ୍ଚ ନେଇ ବଙ୍ଗମୁଣ୍ଡା ତହସିଲର କୋର୍ଟ ଅମିନ ଗିରଫ



ଭୁବନେଶ୍ୱର, ୦୫/୫ (ନି.ପ୍ର): ଜମି ବିଭାଜନ ଓ ଅଲଗା ଆରଓଆର (ପଟ୍ଟା) ପ୍ରଦାନ କରିବା ନିମନ୍ତେ ହିତାଧିକାରୀଙ୍କ ଠାରୁ ୧୫ହଜାର ଟଙ୍କା ଲାଞ୍ଚ ନେଇ ବଲାଙ୍ଗୀରଜିଲ୍ଲା ବଙ୍ଗମୁଣ୍ଡା ତହସିଲର କୋର୍ଟ ଅମିନ ନିର୍ମଳେନ୍ଦୁ କବି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଠାରୁ ମିଳିଥିବା ସୂଚନାନୁସାରେ, ଆବେଦନକାରୀ ଜମିର ବିଭାଜନ ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ଏଥିପାଇଁ ପ୍ରତ୍ୟେକ ଆବେଦନକାରୀଙ୍କ ଠାରେ ଜମିର ସ୍କେଚ୍ ନକ୍ସା ରହିବା ଜରୁରି ଅଟେ। ଏଣୁ ଆବେଦନକାରୀ ଉକ୍ତ ଅମିନଙ୍କୁ ଭେଟିଥିଲେ। ମ୍ୟାପ୍ ପ୍ରସ୍ତୁତ କରିବାକୁ ଆବେଦନ କରିଥିଲେ। ଏଥିପାଇଁ ଉକ୍ତ କୋର୍ଟ ଅମିନ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

◆◆ପୃଷ୍ଠା ୭

## କମିଲା ଏଲ୍‌ପିଜି ବ୍ୟବହାର : ୨୦୨୫ ଏପ୍ରିଲ ତୁଳନାରେ ଏହା ୧୬.୧୬ ପ୍ରତିଶତ କମ୍

ନୂଆଦିଲ୍ଲୀ,୦୫/୫ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ବନ୍ଦ ପାଇଁ ଦେଶକୁ ଏଲ୍ ପିଜି ଆସିବାରେ ଅସୁବିଧା ସୃଷ୍ଟି ହୋଇଛି। ଏଥିପାଇଁ ଦେଶରେ ଉଭୟ ଘରୋଇ ଓ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଏପ୍ରିଲରେ ଦେଶରେ ଏଲ୍‌ପିଜି ବ୍ୟବହାର ୧୬.୧୬ ପ୍ରତିଶତ କମିଯାଇଛି। ସୂଚନା ଅନୁଯାୟୀ, ଏପ୍ରିଲରେ ୨.୨ ନିୟୁତ ଟନ୍ ଏଲ୍‌ପିଜି ବ୍ୟବହାର ହୋଇଛି। ୨୦୨୫ ଏପ୍ରିଲ ତୁଳନାରେ ଏହା ୧୬.୧୬ ପ୍ରତିଶତ କମ୍। ଚଳିତବର୍ଷ ମାର୍ଚ୍ଚରେ ବ୍ୟବହାର ହୋଇଥିବା ୨.୩୭୯ ନିୟୁତ ଟନ ଏଲ୍‌ପିଜି ତୁଳନାରେ ମଧ୍ୟ ଏହା କମ୍ ବୋଲି ପେଟ୍ରୋଲିୟମ ମନ୍ତ୍ରାଳୟର ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି) ତଥ୍ୟରୁ ଜଣାଯାଇଛି।

## ୮ଟି ଜିଲ୍ଲା ନିମନ୍ତେ ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତା ଓ ଜିଲ୍ଲା ସଭାପତି ନିଯୁକ୍ତ

ଭୁବନେଶ୍ୱର, ୦୪/୫ (ନି.ପ୍ର): ଆଜି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ୮ଟି ଜିଲ୍ଲାର ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଆଜି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରିତ ବିଜ୍ଞପ୍ତିରେ ଏନେଇ ସୂଚିତ କରାଯାଇଛି । ଜାରି ବିଜ୍ଞପ୍ତି ଅନୁସାରେ, ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ, ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୌତମ ବୁଦ୍ଧ ଦାସ, ଅନୁଗୁଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀ କାନ୍ତ ପ୍ରଧାନ, ବୌଦ୍ଧ କାର୍ଯ୍ୟକାରୀ ସଭାପତି ମହିଧର ରଣା, ଢେଙ୍କାନାଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ଅନ୍ୟ ଏକ ବିଜ୍ଞପ୍ତିରେ ଦଳର କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଉପସଭାପତି ଭାବେ ବାଲେଶ୍ୱରର ରଘୁନାଥ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ନିକଟରେ ରଘୁନାଥ ମହାନ୍ତି ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେହିଭଳି ଜଗତସିଂହପୁରର ରଘୁନନ୍ଦନ ଦାସ, ବାଲେଶ୍ୱରର ଜୀବନପ୍ରଦୀପ ଦାସ, ବାରିପଦାର ସାନନ୍ଦ ମାରାଣ୍ଡି, କଟକ ସଦରର ଚନ୍ଦ୍ର ସାରଥୀ ବେହେରା, ସତ୍ୟବାଦୀର ରମା ରଞ୍ଜନ ବଳିଆରସିଂହଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ସୁଦର୍ଶନ ହରିପାଲ, ପ୍ରଦୀପ କୁମାର ସାହୁ, ସୁଜାତା ସାହୁ, ମନୋରମା ମହାନ୍ତି, ମାଧବ ଧଡ଼ା, ରୁପେଶ କୁମାର ପାଣିଗ୍ରାହୀ, ସୁନୀଲ ମହାନ୍ତି,

◆◆ପୃଷ୍ଠା ୭

## ଗୁଜରାଟରୁ ପୁଞ୍ଜିନିବେଶ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ: ଶିଳ୍ପପତିଙ୍କ ସହ କଲେ ଆଲୋଚନା




ଭୁବନେଶ୍ୱର, ୦୫/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ତିନି ଦିନିଆ ଗୁଜରାଟ ଗସ୍ତ ଆରମ୍ଭ କରିଛନ୍ତି। ଆଜି ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ସେ ଶିଳ୍ପପତିମାନଙ୍କୁ ଭେଟି ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି। ନିବେଶକମାନଙ୍କ ପସନ୍ଦ ପାଲଟିଥିବା ଓଡ଼ିଶାରେ ନିବେଶ କରିବାକୁ ସେ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି । ନିବେଶକମାନେ ଓଡ଼ିଶାର ରସାୟନ, ଗ୍ଲାସ୍ ଓ ଉପକରଣ, ଧାତବ ଭଳି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପୁଞ୍ଜିନିବେଶ ଆଣିବାକୁ ଯାଇଥିବା ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍‌କୁ ଅହମଦାବାଦରେ ଭବ୍ୟ ସ୍ୱାଗତ କରାଯାଇଥିଲା। ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଅସାହି ସଙ୍ଗୱନ କଲର୍ସ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଗୋକୁଳ ଜୟକୃଷ୍ଣ, ଅତୁଲ ଲିମିଟେଡ୍‌ର

◆◆ପୃଷ୍ଠା ୭

## କୋଟିଆରେ ପଟ୍ଟା ଓ ଭତ୍ତା ବାଂଟିଲେ ମନ୍ତ୍ରୀ

ଭୁବନେଶ୍ୱର, ୦୫/୫ (ନି.ପ୍ର): ଆଇନ ତଥ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ କୋରାପୁଟର ସୀମାନ୍ତ ଅଂଚଳ କୋଟିଆରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ପଟ୍ଟା ବଂଟନ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲେଖିଛନ୍ତି - କୋଟିଆ ମାଟିରେ ଜନସେବାର ସଙ୍କଳ୍ପ ଆଜି କୋରାପୁଟ ଗସ୍ତ ଅବସରରେ ସୀମାନ୍ତ କୋଟିଆ ଠାରେ ଆୟୋଜିତ ଏକ ଭବ୍ୟ ସମାବେଶରେ ଯୋଗଦେଲି ।

## ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ସମ୍ପର୍କ ବଢ଼ିବ: ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୦୫/୫ (ନି.ପ୍ର): ପଶ୍ଚିମବଙ୍ଗରେ ବିଜେପିର ବିପୁଳ ବିଜୟ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ପଶ୍ଚିମବଙ୍ଗବାସୀଙ୍କୁ ପ୍ରଥମେ ଧନ୍ୟବାଦ କାରଣ ସେମାନେ ବିକାଶ , ନାରୀ ସୁରକ୍ଷା ,ଏବଂ ଦେଶର ସାର୍ବଭୌମତ୍ୱ ନାଁରେ ବିଜେପିକୁ ବିଜୟୀ କରିଛନ୍ତି। ସେମାନେ ଆଶା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବଙ୍ଗାଳ ଆହୁରି ଉନ୍ନତି କରିବ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ , ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପ୍ରାୟ ୭୦୦/୮୦୦ କର୍ମକର୍ତାଙ୍କ ସହ ୨୫ ଜଣ ବିଧାୟକ, ମନ୍ତ୍ରୀ ଓ ଅନ୍ୟ ନେତାମାନେ ସେଠାକୁ ଯାଇଥିଲେ। ନୂଆ ସରକାର ଫଳରେ ପଶ୍ଚିମବଙ୍ଗଓ ଓଡ଼ିଶା ମଧ୍ୟରେ ସମ୍ପର୍କ ବଢ଼ିବ।

## ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୮କୁ ବୃଦ୍ଧି ପାଇବ



ନୂଆଦିଲ୍ଲୀ,୦୫/୫ : ସୁପ୍ରିମ୍‌କୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୮କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ଆଜି ଏକ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁପ୍ରିମ୍‌କୋର୍ଟରେ ପ୍ରଧାନ ବିଚାରପତିଙ୍କ ସମେତ ମୋଟ୍ ୩୪ ଜଣ ବିଚାରପତି ଅଛନ୍ତି। ସରକାର ଆଉ ୪ ଜଣ ବିଚାରପତି ବଢ଼ାଇବାକୁ ଦି ସୁପ୍ରିମ୍‌କୋର୍ଟ (ନମ୍ବର ଅଫ୍ ଜଜେସ୍) ଆକ୍ଟ ୧୯୫୬ର ସଂଶୋଧନ ପାଇଁ ସଂସଦରେ ଦି ସୁପ୍ରିମ୍‌କୋର୍ଟ (ନମ୍ବର ଅଫ୍ ଜଜେସ୍) ସଂଶୋଧନ ବିଲ୍, ୨୦୨୬ ଆଗତ କରିବା ପାଇଁ ଏକ ପ୍ରସ୍ତାବକୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏକ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସୁପ୍ରିମ୍‌କୋର୍ଟରେ ଯଦି ବିଚାରପତିଙ୍କ ସଂଖ୍ୟା ଆଉ ୪ ବଢ଼େ ତେବେ ପ୍ରଧାନ ବିଚାରପତିଙ୍କୁ ଛାଡ଼ିଦେଲେ ସୁପ୍ରିମ୍‌କୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୭ରେ ପହଞ୍ଚିବ। ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସୁପ୍ରିମ୍‌କୋର୍ଟ ଅଧିକ ପାରଦର୍ଶିତାର ସହ କାମ କରିବେ ଏବଂ ତ୍ୱରିତ ନ୍ୟାୟ ମିଳିପାରିବ। ଉଲ୍ଲେଖଯୋଗ୍ୟ, ୧୯୫୦ରେ ସୁପ୍ରିମ୍‌କୋର୍ଟ ଗଠନ ହେବା ସମୟରେ ପ୍ରଧାନ ବିଚାରପତିଙ୍କ ସମେତ ମୋଟ୍ ୮ ଜଣ ବିଚାରପତି ଥିଲେ। ୧୯୫୬ରେ ଏହି ସଂଖ୍ୟା ୧୧କୁ ବୃଦ୍ଧି ପାଇଥିଲା। ଏହାପରେ ୧୯୬୦ରେ ଏହା ୧୪କୁ ବୃଦ୍ଧି ପାଇଲା ଏବଂ ୧୯୭୭ରେ ୧୮କୁ ବୃଦ୍ଧି ପାଇଲା। ପରେ ୧୯୮୬ରେ ବିଚାରପତିଙ୍କ ସଂଖ୍ୟା ୧୮ରୁ ୨୬କୁ ବୃଦ୍ଧି ପାଇଲା। ୨୦୦୯ରେ ଏହି ସଂଖ୍ୟା ୩୧କୁ ବୃଦ୍ଧି ପାଇଲା ଏବଂ ୨୦୧୯ରେ ୩୧ରୁ ଏହା ୩୪କୁ ବୃଦ୍ଧି ପାଇଥିଲା। ନୂଆ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ସୁପ୍ରିମ୍‌କୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୮ରେ ପହଞ୍ଚିବ।

## ପଶ୍ଚିମବଙ୍ଗରେ ମେ ୯ରେ ନୂଆ ସରକାରର ଶପଥଗ୍ରହଣ: ସୂଚନା ଦେଲେ ରାଜ୍ୟ ବିଜେପି ସଭାପତି

### ଭୋଟ ଚୋରି ଅଭିଯୋଗ ଆଣିଲେ, ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମନା କଲେ ମମତା






ନୂଆଦିଲ୍ଲୀ,୦୫/୫ : ୨୦୨୬ ବିଧାନସଭା ନିର୍ବାଚନରେ ପଶ୍ଚିମ ବଙ୍ଗରେ ଭାରତୀୟ ଜନତା ପାର୍ଟି ବହୁମତ ହାସଲ କରିବା ପରେ ଏବେ ସମସ୍ତଙ୍କ ନଜର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ରହିଛି। ବିଜେପି ରାଜ୍ୟ ସଭାପତି ସମିକ ଭଟ୍ଟାଚାର୍ଯ୍ୟଙ୍କ ସୂଚନା ଅନୁଯାୟୀ, ଆସନ୍ତା ୯ ତାରିଖରେ ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ । କାରଣ, ଏହି ଦିନଟି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ହୋଇଥିବାରୁ ଏହାକୁ ଏକ ସାଂସ୍କୃତିକ ଓ ଐତିହାସିକ ମୁହୂର୍ତ୍ତ ଭାବେ ଚୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ପଦ ପାଇଁ ଶୁଭେନ୍ଦୁ ଅଧିକାରୀ, ଦିଲୀପ ଘୋଷ ଏବଂ ସମିକ ଭଟ୍ଟାଚାର୍ଯ୍ୟଙ୍କ ନାମ ଚର୍ଚ୍ଚାରେ ଥିବାବେଳେ, ଚୂଡ଼ାନ୍ତ ନିଷ୍ପତ୍ତି ଦିଲ୍ଲୀରେ ବିଜେପିର ସଂସଦୀୟ ବୋର୍ଡ ନେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଆଲୋଚନା ପରେ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରାଯିବ। ୧୫ ବର୍ଷର ଟିଏମସି ଶାସନର ଅନ୍ତ ଘଟାଇ ବିଜେପି ୨୦୬ଟି ଆସନ ସହ ଏହି ବିରାଟ ବିଜୟ ହାସଲ କରିଛି। ବେଙ୍ଗଲ ବିଧାନସଭା ନିର୍ବାଚନରେ ହାରିବା ପରେ ବିଜେପି ବିରୋଧରେ ଭୋଟ ଚୋରି ଅଭିଯୋଗକୁ ତୀବ୍ର କରିଛନ୍ତି ମମତା ବାନାର୍ଜୀ। ସେ ବେଙ୍ଗଲରେ ନିର୍ବାଚନ ହାରି ନାହାନ୍ତି, ବରଂ ଜନାଦେଶକୁ ବଳପୂର୍ବକ ଲୁଟ କରି ନିଆଯାଇଥିବା କହିଛନ୍ତି। ନିର୍ବାଚନରେ ହାରି ନଥିବାରୁ ସେ ପରମ୍ପରା ଅନୁସାରେ ରାଜ୍ୟପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ ବୋଲି ଆଜି ସାମ୍ବାଦିକ

◆◆ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର: ୬୭ଟି ଅଭିଯୋଗ ଶୁଣାଣି କଲେ ଜିଲ୍ଲାପାଳ

ଜୟପୁର, ୦୫/୦୫ (ନି.ପ୍ର): ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଆଜି କୋରାପୁଟ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୬୭ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ତନ୍ମଧ୍ୟରୁ ୧୧ଟି ଗୋଷ୍ଠୀଗତ ଓ ୫୬ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ମିଳିତ ଥିଲା। ଆର୍ଥିକ ସହାୟତା, ଘର ପଟ୍ଟା, ଜମି ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା, ରାସ୍ତା ଓ ଯାତାୟାତ, ବିଦ୍ୟୁତ ସରବରାହ ଏବଂ ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଆସିଥିଲା। ୧୩ ବର୍ଷ ଧରି ବକେୟା ଆରଏସିପି ଅର୍ଥ ପାଇନାହାନ୍ତି। ମଞ୍ଜୁର ହୋଇଥିଲେ ସୁଦ୍ଧା ଆଜି ଯାଏଁ ପ୍ରଦାନ କରାଯାଇ ନାହିଁ। ଆରଏସିପି ବକେୟା ପ୍ରାପ୍ତ ଥିବା ହିତାଧିକାରୀଙ୍କ ମଧ୍ୟରୁ ୨୧ ଜଣ ଶିକ୍ଷକଙ୍କ ମୃତ୍ୟୁ ବରଣ କରିଥିବା ବେଳେ ଦୁଇ ଶହେରୁ ଊର୍ଦ୍ଧ୍ୱ ଅବସର ହେଲେଣି, କେତେକ ରୋଗାକ୍ରାନ୍ତ ହେଲେଣି ତଥାପି କୌଣସି ପଦକ୍ଷେପ ନେଲାନାହିଁ ପ୍ରଶାସନ। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଶିକ୍ଷକମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ତା. ୦୧.୦୧.୨୦୧୩ ରୁ ମଞ୍ଜୁର ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବକେୟା ଅର୍ଥ ରାଶି ପାଇ ନପାରି ସେମାନେ ଚରମ ହତାଶାରେ ଅଛନ୍ତି। ଶିକ୍ଷକମାନେ ଜଣାଇଛନ୍ତି ଯେ ୨୦୨୩ ମସିହାରୁ ବାରମ୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁରଙ୍କୁ ଆବେଦନ କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଏହି ଦୀର୍ଘ ୧୩ ବର୍ଷର ବିଳମ୍ବ ଯୋଗୁଁ ହିତାଧିକାରୀଙ୍କ ମଧ୍ୟରୁ ୨୧ ଜଣ ଶିକ୍ଷକ ଇହଲୀଳା ସମ୍ବରଣ କରିସାରିଛନ୍ତି। ସମଗ୍ର ଓଡ଼ିଶାରେ ପାଇସାରିଛନ୍ତି, କେବଳ ଜୟପୁର ବ୍ଲକ ବଂଚିତ ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, ସମଗ୍ର ଓଡ଼ିଶାର ସମସ୍ତ ଜିଲ୍ଲା ଓ ସମସ୍ତ ବ୍ଲକର ଶିକ୍ଷକମାନେ ଆରଏସିପି ବକେୟା ପାଇସାରିଥିବା ବେଳେ କେବଳ ଜୟପୁର ବ୍ଲକର ୩୫୦ରୁ ଅଧିକ ଶିକ୍ଷକ ଏହି ସୁବିଧାରୁ ସମ୍ପୂର୍ଣ୍ଣ ବଂଚିତ ରହିଛନ୍ତି। ଏହା ଏକ ଗମ୍ଭୀର ବିଷମତା ବୋଲି ସେମାନେ କହିଛନ୍ତି। ଏନେଇ ଜିଲ୍ଲାପାଳ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି।

ସେହିପରି ଜୟପୁର ବ୍ଲକ କଙ୍ଗା ଗ୍ରାମର ୬ ଜଣ ଚାଷିଙ୍କୁ କେନାଲରୁ ଜଳ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ରାଜ୍ୟ ଏକ୍ରୋ ଇଣ୍ଡଷ୍ଟ୍ରିଜ କରପରେସନ ଜରିଆରେ ଏକ ସୌରଚାଳିତ ଲିଫ୍ଟ ଇରିଗେସନ ପଏଂଟ କରିବା ପାଇଁ ଅନୁମତି ପାଇଅଛି। ଏଣୁ ମୁଖ୍ୟ କେନାଲ କଙ୍ଗା ଠାରୁ ପାଣି ଉଠାଇବା ପାଇଁ ଅନୁମତି ଦେଲେ ୬ ଜଣ ଚାଷି ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି କୋଟପାଡ଼ ତହସିଲ ଅନ୍ତର୍ଗତ ବତାସନା ଗ୍ରାମପଂଚାୟତର ସରକାରୀ ଜମି ଜବରଦଖଲକାରୀଙ୍କୁ ହଟେଇ ଜମିହୀନଙ୍କ ମଧ୍ୟରେ ବଂଟନ କରିବା ସହ କେତେକ ମୁଖ୍ୟ ଦାବିର ସମାଧାନ ନିମନ୍ତେ ଦାବି କରାଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କୋଟପାଡ଼ ଜୋନ୍ ଓ ଜିଲ୍ଲା ପରିଷଦ ପକ୍ଷରୁ ଦାବି କରାଯାଇଛି ଯେ, ବତାସନା ପଂଚାୟତ ଅଂଚଳରେ ଦୀର୍ଘ ବର୍ଷ ତଳେ ବୁଡ଼ି ଅଂଚଳର ପରିବାର ବର୍ଗଙ୍କୁ ଥଇଥାନ କରିବା ପାଇଁ ବାସଗୃହ ଓ ଚାଷ ଜମି ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିଲା। ଥଇଥାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ଲାଭାର୍ଥୀମାନେ ସରକାର ଯୋଗାଇଥିବା ଜମିକୁ ଭୋଗ ଦଖଲ କରିବା ସହ ବତାସନା ପଂଚାୟତର ବିସ୍ତୀର୍ଣ୍ଣ ସରକାରୀ ଜମିକୁ ମଧ୍ୟ ଜବରଦଖଲ କରି ଚାଲିଛନ୍ତି। ବତାସନା ପଂଚାୟତରେ ଅନେକ ଗରୀବ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଲୋକ ବସବାସ କରି ଆସୁଛନ୍ତି ଯେଉଁମାନେ କି ସେଠାକାର ମୂଳ ଅଧିବାସୀ। ଅଥଚ ଅନେକ ପରିବାରଙ୍କ ପାଖରେ ଜମି ନାହିଁ କି ଘର ପଟ୍ଟା ମଧ୍ୟ ନାହିଁ। ଆମ୍ଭେ ବତାସନା ମୌଜାର ଅଧିବାସୀମାନେ ଅନେକ ବାର କୋଟପାଡ଼ ତହସିଲଦାରଙ୍କୁ ଏ ବିଷୟରେ ଜଣାଇଛୁ। ଅଂଚଳର ସର୍ଭେ କରି ସରକାରୀ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଓ ଜମି ହୀନଙ୍କୁ ବଂଟନ କରିବା ପାଇଁ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ପୁନର୍ବାର ଆମ୍ଭେ ଆପଣଙ୍କ ପାଖରେ ବିନମ୍ର ନିବେଦନ କରୁଛୁ ଯେ, ସମୁଦାୟ ବିଷୟକୁ ବିଚାରକୁ ନେଇ ବତାସନା ମୌଜାରେ ସରକାରୀ ସର୍ଭେ କରାଯାଉ। ବେଆଇନ ଭାବେ ଜବରଦଖଲ କରିଥିବା ଜମିକୁ ଉଦ୍ଧାର କରି ସେଠାକାର ମୂଳ ଅଧିବାସୀ ଜମିହୀନ ମାନଙ୍କୁ ଦିଆଯାଉ।

# ବିଦ୍ୟୁତ୍ ଠିକା କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ୦୫/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ବେଆଇନ୍ ଭାବରେ ଛଟେଇ ଆଦେଶର ପ୍ରତ୍ୟାହାର ନିମନ୍ତେ ଠିକା ଶ୍ରମିକ ସଂଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଇଲେକ୍ଟ୍ରିସିଟି ଠିକା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ତଥା ବରିଷ୍ଠ ଆଇନ୍ଜୀବୀ ଭୀମସେନ ଭୂୟାଁ, ୱାର୍କିଂ ପ୍ରେସିଡେଂଟ କୃଷ୍ଣଚନ୍ଦ୍ର ମଲ୍ଲିକ, ଗିରିଶ ଚନ୍ଦ୍ର ବେହେରା, ଚର୍ତୁଭୁଜ ଦାସ, ଆଶୀଷ ସ୍ୱାଇଁ, ମନୋଜ ନାୟକ, ଅମୀୟ ରଂଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ କଷ୍ଟ କଷ୍ଟିଂ ନାମରେ ଓ.ଇ.ଆର.ସି କୁ ଦୋଷ ଦେଇ ୧୮ ବର୍ଷରୁ ଅଧିକ କାମ କରି ଆସୁଥିବା କର୍ମଚାରୀ ମଧ୍ୟରୁ କିଛି କର୍ମଚାରୀଙ୍କୁ ଟିପିସିଓ ଡିଏଲ୍ର ଏଜେନ୍ସି (ବି.ଏ) ତରଫରୁ ଛଟେଇ ନୋଟିସ୍ ଦିଆଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା, ୨୦୨୨ ମସିହାରୁ ଟିପିସିଓଡିଏଲ୍ରେ ସ୍ଥାୟୀ ନିଯୁକ୍ତି ପାଇ ପରୀକ୍ଷା ଦେଇ ପାସ୍ କରିଥିଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ମିଳିପାରିନାହିଁ, ସମସ୍ତ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଦେବାର ଆଦେଶ ପ୍ରଦାନ କରାଯାଉ, କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଉଥିବା ଶ୍ରମିକମାନଙ୍କର ସର୍ବନିମ୍ନ ବେତନ ଲାଗୁ କରାଯାଉ, ସମାନ କାମକୁ ସମାନ ବେତନ ପ୍ରଦାନ କରାଯାଉ, ବିଲ୍ କଲେକ୍ଟର ମାନଙ୍କୁ କୁଶଳୀ ଶ୍ରମିକ ହିସାବରେ ଅନ୍ତର୍ଭୁକ୍ତ କରାଯାଉ, ଛଟେଇ ହୋଇଥିବା ସିସି କର୍ମଚାରୀମାନଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଦିଆଯାଉ ଆଦି ଦାବିଗୁଡ଼ିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରକାଶ କୁଣ୍ଡ, ଜ୍ଞାନରଂଜନ ସାମଲ, ପ୍ରଶାନ୍ତ ବାରିକ, ମାନସ ଦାସଙ୍କ ସମେତ ଶତାଧିକ ଇଲେକ୍ଟ୍ରିସିଟି ଠିକା ଶ୍ରମିକ ସଂଘର କର୍ମଚାରୀ ଉପସ୍ଥିତ ଥିଲେ।

# ଟାଇକାଣ୍ଡୋ ବେଲ୍ଟ ଗ୍ରେଡିଂ ପରୀକ୍ଷା, ବେଲ୍ଟ କୃତିତ୍ୱ ହାସଲ କଲେ ୧୯ ଜଣ ପ୍ରତିଯୋଗୀ

ବୌଦ୍ଧ , ୦୫/୦୫ (ନି.ପ୍ର): ବୌଦ୍ଧର ଆର୍ଟସ ଟେମ୍ପଲ କରାଟେ ଓ ଟାଇକାଣ୍ଡୋ ଆସୋସିଏସନ ପକ୍ଷରୁ ବୌଦ୍ଧ ରାମଲୀଳା ପଡିଆଠାରେ ଅନୁଷ୍ଠାନର ବାର୍ଷିକ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷକ ତଥା ଥାର୍ଡ ଡନ ବ୍ଲାକ ବେଲ୍ଟ ସୁଧିର କୁମାର ବାରିକ୍ ଙ୍କ ନେତୃତ୍ୱରେ ସୁବର୍ଣ୍ଣପୁର ଆସୋସିଏସନ ର ପ୍ରଶିକ୍ଷକ ସରୋଜ ପୁଜାହାରୀ ଓ ସୁଶାନ୍ତ କୁମ୍ଭାର ବେଲ୍ଟ ଗ୍ରେଡିଂ ଟେଷ୍ଟକୁ ପରିଚାଳନା କରିଥିଲେ। ତିନିଜଣ ଅଭିଜ୍ଞ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୧୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ କ୍ଷ ବୌଦ୍ଧ ଆସୋସିଏସନର ୧୭ ଜଣ ଓ ସୁବର୍ଣ୍ଣପୁର ଆସୋସିଏସନର ୨ ଜଣ ପ୍ରତିଯୋଗୀ ବିଭିନ୍ନ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୟଲୋ ବ୍ଲେଟରେ ୯ ଜଣ, ଅରେଞ୍ଜ ବେଲ୍ଟ ରେ ୫ ଜଣ ,ପରପଲ ବେଲ୍ଟରେ ୧ ଜଣ, ବ୍ରାଉନ ବେଲ୍ଟରେ ସ୍ନେହାରାଣୀ ମିଶ୍ର ଏବଂ ଓମପ୍ରକାଶ ଅମାତ ଉତ୍ତିର୍ଣ୍ଣ ହୋଇ ବେଲ୍ଟ କୃତିତ୍ୱ ହାସଲ କରିଥିଲେ। ସୁବର୍ଣ୍ଣପୁର ଆସୋସିଏସନ ର ୨ ଜଣ ପ୍ରତିଯୋଗୀ ବ୍ଲାକ୍ ବେଲ୍ଟ ହାସଲ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ନବମ ଡନ ବ୍ଲାକ ବେଲ୍ଟ ଡ. ଜ୍ଞାନରଂଜନ ମହାନ୍ତି, ମୁଖ୍ୟବକ୍ତା ଭାବରେ ବୌଦ୍ଧ ପୌରପାଳିକା ର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ଆର୍ଟସ ଟେମ୍ପୁଲ ର ସଭାପତି ରଞ୍ଜିତ କୁମାର ରାଉତ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ବେଲ୍ଟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଡ.ମହାନ୍ତି ପ୍ରତିଯୋଗୀଙ୍କୁ ଉଚ୍ଚ ଆଶା ରଖି କଠିନ ପରିଶ୍ରମ କରିବାକୁ ଆହ୍ୱାନ କରିଥିଲେ। ପୌରାଧକ୍ଷ ଶ୍ରୀମିଶ୍ର ବୌଦ୍ଧ ଆର୍ଟସ ଟେମ୍ପଲର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲେ। ଆର୍ଟସ ଟେମ୍ପଲର ପ୍ରଶିକ୍ଷକ ସୁଧୀର ବାରିକ୍ ସମସ୍ତ ପ୍ରତିଯୋଗୀ,ଅଭିଭାବକ ଓ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଦସ୍ୟ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ।

# ଝାରସୁଗୁଡାର ଦୁଇ ମାଟ୍ରିକ ଟପ୍ପରଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା

ଝାରସୁଗୁଡା, ୦୫/୦୫ (ନି.ପ୍ର): ଝାରସୁଗୁଡା ଜିଲ୍ଲାର ଦୁଇଜଣ ମାଟ୍ରିକ ଟପ୍ପରଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମହାସମାଧାନ ଶିବିର ଶେଷ ପରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ କାର୍ଯ୍ୟାଳୟରେ ଏହି ସମ୍ବର୍ଦ୍ଧନା ଅନୁଷ୍ଠାନ ଆୟୋଜିତ ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ, ମୁନିସିପାଲ ହାଇସ୍କୁଲ, ଏକାତାଲିର ଛାତ୍ର ନମନ ପ୍ରଧାନ ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଝାରସୁଗୁଡାର ଛାତ୍ର ସୁଦାମ ବେହେରାଙ୍କୁ ଜିଲ୍ଲାପାଳ ଫଳ ଓ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ। ଉଭୟ ଛାତ୍ର ୯୬.୩୩ ପ୍ରତିଶତ ନମ୍ବର ରଖି ସମଗ୍ର ଓଡ଼ିଶାରେ ଶ୍ରେଷ୍ଠ ୫ ମେଧାବୀଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ରାଧାକାନ୍ତ ଗଡ଼ତିଆ ଓ ବ୍ଲକ ଶିକ୍ଷା ଅଧିକାରୀ ଆନୀଲ କୁମାର ପଟେଲ ସହିତ ଉଭୟ ଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ଅବସରରେ ସୁଦାମ ବେହେରା ଭବିଷ୍ୟତରେ ନିଟ୍ ପରୀକ୍ଷାରେ ସଫଳତା ଲକ୍ଷ୍ୟ ରଖିଥିବା ବେଳେ, ନମନ ପ୍ରଧାନ ଜେ ଇ ଇ ପରୀକ୍ଷାରେ କୃତିତ୍ୱ ହାସଲ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଉଭୟ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଭବିଷ୍ୟତରେ ଭଲ ମଣିଷ ହେବା ସହିତ ଏହିପରି ପରିଶ୍ରମ ଜାରି ରଖିଲେ ସେମାନେ ନିଶ୍ଚୟ ସଫଳତାର ଶୀର୍ଷକୁ ପହଂଚିବେ।

# ମଇ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନୂଆପଡ଼ା, ୦୫/୦୫ (ନି.ପ୍ର): ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ତତ୍ତ୍ୱାବଧାନରେ ଆସନ୍ତା ମଇ ୯ ତାରିଖ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ନୂଆପଡା ଜିଲ୍ଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡ଼େନ କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ମୋଟର ଦୂର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ ଓ ଜଳ ଯୋଗାଣ ବିଲ୍ ଦେୟଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ୍-ମୋକଦ୍ଦମା ସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନି, ଫୌଜଦାରୀ ମୋକଦ୍ଦମା ଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ମୋକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ। ସବିଶେଷ ବିବରଣୀ ନିମନ୍ତେ ନୂଆପଡ଼ା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟର ହେଲ୍ପଲାଇନ୍ ନମ୍ବର ୦୬୬୭୮-୨୨୫୩୩୬ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ସଚିବ ନବନୀତା ଦାଶ ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁନୀଲ କୁମାର ଦାସ, ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ଜଜ୍ ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ ଡି ଜେ ଏମ୍ ସ୍ନାତକୀ ଦାଶ, ଜିଲ୍ଲା ଓକିଲ ସଂଘ ସଭାପତି କ୍ଷୀତିଶ ବୋଧନକର, ଉପସଭାପତି ପ୍ରକାଶ ସ୍ୱାଇଁ, ସଚିବ ପ୍ୟାରିଲାଲ ଦେୱାଙ୍ଗନ, ଜାତୀୟ ସରକାରୀ ଏବଂ ବେସରକାରୀ ବ୍ୟାଙ୍କ ଗୁଡ଼ିକର ପ୍ରବନ୍ଧକଗଣ, ଟାଟା ପାୱାର ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରା ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କଙ୍କୁ ଅଧିକରୁ ଅଧିକ ପ୍ରାକ୍-ମୋକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ମାମଲାଗୁଡ଼ିକର ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ କରିବାକୁ ଆହ୍ୱାନ କରିଥିଲେ। ସେହିପରି ସଚିବ ସୁଶ୍ରୀ ଦାଶ ଆସନ୍ତା ମଇ ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ବୁଝାମଣା ଓ ସରଳ ଉପାୟରେ ନିଜ ନିଜର ମାମଲାର ସମାଧାନ ପାଇଁ ଆହ୍ୱାନ କରିଥିଲେ।

# କାଲିମେଳାରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି : ୬୧ଟି ଆବେଦନ ଗ୍ରହଣ ସହ ସେବା ପ୍ରଦାନ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ

ମାଲକାନଗିରି, ୦୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆଜି କାଲିମେଳା ବ୍ଲକର ଲୁଗେଲ ଗ୍ରାମପଂଚାୟତ ପରିସରରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ତାହାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ସମୁଦାୟ ୬୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ଯେଉଁଥିରେ ୩୯ଟି ବ୍ୟକ୍ତିଗତ ଏବଂ ୨୨ଟି ଗ୍ରାମଭିତିକ ସାମୂହିକ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ମୁଖ୍ୟତଃ ଆବାସ ଯୋଜନାରେ ପକ୍କା ଘର, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତା, ନୂତନ ରାସନ କାର୍ଡ, ଜମି ପଟ୍ଟା ସମସ୍ୟା ଏବଂ ଗ୍ରାମରେ ପାନୀୟ ଜଳ ଓ ରାସ୍ତାଘାଟର ଉନ୍ନତିକରଣ ଭଳି ବିଷୟରେ ଲୋକେ ଅଭିଯୋଗ କରିଥିଲେ।ଅଭିଯୋଗ ଶୁଣାଣି ସହିତ ଲୋକଙ୍କୁ ତୁରନ୍ତ ସରକାରୀ ସେବା ଯୋଗାଇ ଦେବା ପାଇଁ ଶିବିର ପରିସରରେ ଏକ ସ୍ୱତନ୍ତ୍ର ସେବା ପ୍ରଦାନ କ୍ୟାମ୍ପ ମଧ୍ୟ ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପ ଜରିଆରେ ବିଭିନ୍ନ ବିଭାଗର ସେବାଗୁଡ଼ିକୁ ଗୋଟିଏ ସ୍ଥାନରେ ଉପଲବ୍ଧ କରାଯାଇଥିଲା, ଯାହାଫଳରେ ଲୋକଙ୍କୁ ବାରମ୍ବାର ସରକାରୀ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିନଥିଲା।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଆଜି ସିମିଳିବାଞ୍ଚା, କାମୱାଡା, ବଡଦୁରାଲ, ଅଣ୍ଡ୍ରାପାଲି, ପଦ୍ମଗିରୀ ଏବଂ ଆମ୍ବଗୁଡ଼ା ପଂଚାୟତରେ ମଧ୍ୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ପ୍ରଶାସନକୁ ଲୋକଙ୍କ ପାଖରେ ପହଂଚାଇବା ଏବଂ ସମସ୍ୟାର କ୍ଷୀପ୍ର ସମାଧାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପୌରପାଳିକା ସ୍ୱଚ୍ଛତା ଟେଣ୍ଡର୍ସରେ ବେଆଇନ ଓ ଅନ୍ୟାୟ ହୋଇଥିବା ନେଇ ଅଭିଯୋଗ

ଜୟପୁର, ୦୫/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ପୌରପାଳିକାରେ ସ୍ୱଚ୍ଛତା କାର୍ଯ୍ୟପାଇଁ ପ୍ରକାଶିତ ଟେଣ୍ଡରରେ ବେଆଇନ ଓ ଅନ୍ୟାୟ ପ୍ରକ୍ରିୟା ଅନୁସରଣ କରାଯାଇଛି ବୋଲି ଆଜି କିଛି କାଉନସିଲର ଅଭିଯୋଗ କରିଛନ୍ତି। ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କାଉନସିଲରମାନେ ଲିଖିତ ଭାବେ ଜଣାଇଛନ୍ତି। ଗତ ଫେବୃଆରୀ ୨୫ ତାରିଖରେ ଟେଣ୍ଡରର ନମ୍ବର ୧୦୩୮ ମାଧ୍ୟମରେ ସ୍ୱଚ୍ଛତା କାର୍ଯ୍ୟ ପାଇଁ ଚୂଡ଼ାନ୍ତ କରାଯାଇଥିଲା। ସହରର ପରିମଳ ବ୍ୟବସ୍ଥା ନିମନ୍ତେ କାଉନସିଲର ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲେ। କିନ୍ତୁ, ଟେଣ୍ଡରର ବାହାର କରାଯିବା ସମୟରେ ନା ସ୍ୱାସ୍ଥ୍ୟ ଅଧିକାରୀ ଥିଲେ ନା କମିଟିର କୌଣସି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଟେଣ୍ଡର କମିଟିକୁ ବିଶ୍ୱାସରେ ନନେଇ ପ୍ରକ୍ରିୟା ସମାପ୍ତ କରାଯାଇଛି। ଏହି ଟେଣ୍ଡର କାର୍ଯ୍ୟ ନିମନ୍ତେ ପରିଷଦ କମିଟି ସଦସ୍ୟ ଓ ପରାମର୍ଶଦାତାଙ୍କୁ ଅନ୍ଧାରରେ ରଖାଯାଇଛି। ଏକାଧିକ ପକ୍ଷଙ୍କର ସମାନ ସ୍କୋର ଓ ବିଡ ଥିବା ସ୍ଥିତିରେ ପ୍ରଥମେ ଲଟେରୀ ମାଧ୍ୟମରେ ଟେଣ୍ଡରର ଚୂଡାନ୍ତ କରାଯାଇଥିଲା। ପରେ ଆଉ ଥରେ ଦ୍ୱିତୀୟ ଲଟେରି ଡକାଯାଇଥିଲା। ଯାହା ଏକ ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବା ପାଇଁ ପୂର୍ବ ପରିକଳ୍ପିତ ବୋଲି ସନ୍ଦେହ କରାଯାଉଛି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। କାଉନସିଲର ମାନେ କହିଛନ୍ତି ଯେ, ଏହି ଟେଣ୍ଡର ଯିଏ ପାଉ ନା କାହିଁକି ପ୍ରକୃତ ଆବେଦନକାରୀଙ୍କୁ ମିଳୁ। ଏନେଇ ଜିଲ୍ଲାପାଳ କହିଛନ୍ତି ଡୁଡା କମ୍ପାନୀକୁ ଏନେଇ ଅବଗତ କରାଯିବ। ଭିନ୍ନ ଭିନ୍ନ ଦଳ ଭିନ୍ନ ଭିନ୍ନ ମତ ଦେଉଛନ୍ତି ତେଣୁ ଡୁଡା କମ୍ପାନୀ ପୌର କାର୍ଯ୍ୟାଳୟକୁ ଆସି ସିସିଟିଭି ଫୁଟେଜ ଯାଂଚ୍ କରିବା ପରେ ପୁଣିଥରେ ଟେଣ୍ଡର କରାଯିବ ନା ଯାହା ନାମରେ ଟେଣ୍ଡର ବାହାରିଛି ତାକୁ ଦିଆଯିବ ସେନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କାଉନସିଲର ପାର୍ଥସାରଥୀ ମଲ୍ଲିକ, ଦେବରାଜ ଚୌଧୁରୀ, ଏନ. ଲକ୍ଷ୍ମୀନାରାୟଣ, ପି.ପଦ୍ମା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧବାହାଲ ହାଇସ୍କୁଲର ଏ-୧ ଶୂନ୍ୟ ଫଳାଫଳକୁ ନେଇ ଅସନ୍ତୋଷ

ଝାରସୁଗୁଡା, ୦୫/୦୫ (ନି.ପ୍ର): ଏମସିଏଲ ବନ୍ଧବାହାଲ ଶିଳ୍ପାଚଂଳରେ ଅବସ୍ଥିତ ଓଡ଼ିଆ ହାଇସ୍କୁଲରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ ଶୂନ୍ୟ ରହିଥିବାରୁ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ସହିତ ସମ୍ପୃକ୍ତ ବିଦ୍ୟାଳୟରେ ଶିକ୍ଷାର ମାନ ଉପରେ ଗୁରୁତର ପ୍ରଶ୍ନ ଉଠିଛି।

ସ୍ଥାପନାର ପ୍ରାରମ୍ଭିକ ଦିନରେ ବିଦ୍ୟାଳୟରେ ଶିକ୍ଷାର ମାନ ଉଚ୍ଚ ଥିବା ସତ୍ତ୍ୱେ, ପରବର୍ତୀ ସମୟରେ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା ରହିଥିଲେ ମଧ୍ୟ ଏହା ପ୍ରାୟୋଗିକ ଭାବେ ଶିକ୍ଷାର ଉନ୍ନତିରେ ଉପକୃତ ହେଉନାହିଁ ବୋଲି ଆଲୋଚନା ହେଉଛି। ବର୍ତମାନ ବିଦ୍ୟାଳୟରେ କେବଳ ୩ ଜଣ ସ୍ଥାୟୀ ଶିକ୍ଷକ ଓ ୨ ଜଣ ଅତିଥି ଶିକ୍ଷକଙ୍କ ଉପରେ ପାଠ ପଢ଼ା ଚାଲିଛି। ଏହାର ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ କମିବାରେ ଲାଗିଛି। ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟ ଶିକ୍ଷାର ବିକାଶ ଦିଗରେ ପ୍ରୟାପ୍ତ ଗୁରୁତ୍ୱ ଦେଉନଥିବା ଅଭିଯୋଗ ରହିଛି। ଉଲ୍ଲେଖନୀୟ ଯେ, ବିଗତ ସରକାର ସମୟରେ ବିଦ୍ୟାଳୟଟି ୫-ଟି ଯୋଜନାରେ ସାମିଲ ହୋଇ ବିପୁଳ ଅର୍ଥ ବ୍ୟୟରେ ଭିତିଭୂମିର ଉନ୍ନତି କରାଯାଇଥିଲା। କିନ୍ତୁ ତାହା ସତ୍ତ୍ୱେ ମଧ୍ୟ ଗୁଣାତ୍ମକ ଶିକ୍ଷାର ଅଭାବ ନେଇ ପ୍ରଶ୍ନ ଉଠୁଛି।

ଚଳିତ ବର୍ଷ ୪୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୧ ଜଣ ଉତୀର୍ଣ୍ଣ ହୋଇଛନ୍ତି ଓ ଜଣେ ଅନୁତୀର୍ଣ୍ଣ ହୋଇଛନ୍ତି। ତେବେ କୌଣସି ଛାତ୍ରଛାତ୍ରୀ ଏ-୧ ଗ୍ରେଡ ପାଇନଥିବା ଲକ୍ଷ୍ୟ କରାଯାଇଛି। ଫଳାଫଳ ଅନୁସାରେ ୩ ଜଣ ଏ-୨, ୫ ଜଣ ବି-୨, ୯ ଜଣ ସି, ୨୧ ଜଣ ଡି ଓ ୩ ଜଣ ଇ ଗ୍ରେଡରେ ପାସ୍ କରିଛନ୍ତି।

ସ୍ଥାନୀୟ ଅଂଚଳବାସୀଙ୍କ କହିବା ଅନୁସାରେ, ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଓ ଶିକ୍ଷାର ମାନ ବୃଦ୍ଧି ପାଇଁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା, ୦୫/୦୫ (ନି.ପ୍ର): ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ), ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ, (କେନ୍ଦୁପତ୍ର) ଏ ମାଧବୀଲତା, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୬୯ଗୋଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ଏଭଳି ମୋଟ୍ ୮୩ ଗୋଟି ଅଭିଯୋଗର ଶୁଣାଣୀ ଜିଲ୍ଲାପାଳ କରିଥିଲେ। ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଜଣେ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ତତ୍କାଳିନ ସହାୟତା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରିଥିଲେ। ସେହିପରି, ଆଉ ଜଣେ ଅସହାୟ ବ୍ୟକ୍ତିଙ୍କୁ ରେଡ୍ କ୍ରସ ପାଣ୍ଠିରୁ ତତ୍କାଳୀନ ସହାୟତା ପ୍ରଦାନ କରାଯାଇଥିଲା। ଡେପୁଟୀ ଜିଲ୍ଲାପାଳ ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ପୁରୀ, ୦୫/୦୫ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ।ଏଥିରେ ମୋଟ ୪୫ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୩୭ ଗୋଟି ବ୍ୟକ୍ତିଗତ,୬ ଗୋଟି ଗ୍ରାମ ସମ୍ବନ୍ଧୀୟ ,୨ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୬ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀ ରେ ଏସ ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମ ର କମିଶନର ସ୍ନେହା ଅରୁଗୁଲା,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଗବେଷକ ନିରଞ୍ଜନ ମେକାପଙ୍କ ବିୟୋଗରେ ସ୍ମୃତିସଭା

କେନ୍ଦ୍ରାପଡା, ୦୫/୦୫ (ନି.ପ୍ର): ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ଆନୁକୂଲ୍ୟରେ ବିଶିଷ୍ଟ ଗବେଷକ, କେନ୍ଦ୍ରାପଡା ମାଟିର ସୁଯୋଗ୍ୟ ସନ୍ତାନ, ସୁଯୋଗ୍ୟ ସାହିତ୍ୟିକ, ଶିକ୍ଷକ ସଂଗଠକ ନିରଞ୍ଜନ ମେକାପଙ୍କ ବିୟୋଗରେ ଏକ ସ୍ମୃତି ଚାରଣ ସଭା ସ୍ମୃତି କମିଟିର ପ୍ରାକ୍ତନ ସଭାପତି କବି କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ପବ୍ଲିକ୍ ରିଡିଂଙ୍ଗ ରୁମ୍ ପ୍ରକୋଷ୍ଠରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଗଣେଶ୍ୱର ବେହେରା ଯୋଗଦାନ କରି କହିଲେ, ନିରଞ୍ଜନ ମେକାପଙ୍କ ପ୍ରତିଟି ପୁସ୍ତକ ଓଡିଆ ସାହିତ୍ୟର ମହାର୍ଘ୍ୟ ସମ୍ପତି ଖାଲିନୁହେଁ ସେ ମଧ୍ୟ କେନ୍ଦ୍ରାପଡାର ସମ୍ପତି ଥିଲେ। ମୁଖ୍ୟ ବକ୍ତା ଭାବରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ସମ୍ମାନୀୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ବରିଷ୍ଠ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, କେନ୍ଦ୍ରାପଡା ଓକିଲ ସଂଘର ସଭାପତି ରବିନ୍ଦ୍ର ନାରାୟଣ ମହାନ୍ତି, ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟିର ସଂପାଦକ ରମଣୀରଞ୍ଜନ ରାଉତରାୟ, ଗୋଲଖ ଚନ୍ଦ୍ର ପରିଡା, ଉପସଭାପତି ଧିରେନ୍ଦ୍ର ଦାସ, ଉପଦେଷ୍ଟା ଶୁଭାଂଶୁ କୁମାର ଦାସ, ପ୍ରାକ୍ତନ ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ଯୋଗଦାନ କରି ନିରଞ୍ଜନ ମେକାପଙ୍କର ଜୀବନ ସଂଗ୍ରାମ ଓ ସାହିତ୍ୟକୃତି ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଜାତିସୃଷ୍ଟି ତତ୍ତ୍ୱ: ଏକ ଆଲୋଚନା



## ଅଧ୍ୟାପକ ଗୋପବନ୍ଧୁ

ଆମେ ଯେତେବେଳେ ଜାତିପ୍ରଥାର ଉଚ୍ଛେଦ କଥା କହିବା ସେ ସମୟରେ ଜାତିପ୍ରଥାର ପ୍ରାରମ୍ଭ ବିଷୟରେ ମଧ ଆଲୋଚନା କରିବା ଜରୁରୀ। କେଉଁ ପରିସ୍ଥିତିରେ ଏହାର ସୃଷ୍ଟି ହୋଇଛି ଓ ଏହାର ଆବଶ୍ୟକତା କଣ ଥିଲା ଏବଂ ଏହା ସହିତ ଜାତି ସୃଷ୍ଟି ସମ୍ବନ୍ଧରେ କେଉଁସବୁ ଧାର୍ମିକ ତତ୍ତ୍ୱ ଓ ଐତିହାସିକ ସୂଚନା ରହିଛି ସେଗୁଡିକର ମଧ ଆଲୋଚନା ହେବା ଆବଶ୍ୟକ। ତୁଳନାତ୍ମକ ବିଚାର ମାଧମରେ ନିର୍ଣ୍ଣୟ ହେବା ଆବଶ୍ୟକ କେଉଁଟି ଠିକ୍ ଓ କେଉଁଟି ଭୁଲ। ବର୍ତ୍ତମାନର ପରିପ୍ରେକ୍ଷୀରେ ଏହାର ଆବଶ୍ୟକତା କେତେ ରହିଛି ଓ ଏହା କେତେ ମାତ୍ରାରେ ଯୁକ୍ତିଯୁକ୍ତ ତାହାର ମଧ୍ୟ ବିବେଚନା ହେବା ଆବଶ୍ୟକ। ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଆଗକୁ ବଢିବାରେ ସହାୟକ ହୁଏ। ଏହା ସଭ୍ୟତାର ଉଚ୍ଚ ସୋପାନକୁ ନେଇଯାଏ।

ଆମ ସମସ୍ତଙ୍କୁ ଜ୍ଞାତ ଯେ ଜାତିବ୍ୟବସ୍ଥା ହିନ୍ଦୁ ସମାଜରେ ପରିଲକ୍ଷିତ ହୁଏ। ଏହି ଧର୍ମର ପ୍ରାଧାନ୍ୟ ଭାରତବର୍ଷ ଓ ନେପାଳରେ ରହିଛି। ତେଣୁ ଉଭୟ ରାଷ୍ଟ୍ରରେ ଜାତିପ୍ରଥା ରହିଛି। କେତେକଙ୍କ ଯୁକ୍ତି ଯେ ଭିନ୍ନ ଧର୍ମରେ ମଧ ଜାତିପ୍ରଥା ରହିଛି। ଏହା ସତ୍ୟ ଯେ ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ପନ୍ଥୀ ରହିଛନ୍ତି। ଧାର୍ମିକ ବିଚାର ଓ ଅନୁସରଣର ମାର୍ଗକୁ ନେଇ ଭିନ୍ନ ଭିନ୍ନ ଗୋଷ୍ଠୀ ରହିଛନ୍ତି। ଯେଉଁପରି ଇସାଇମାନଙ୍କ ମଧରେ କ୍ୟାଥଲିକ ଓ ପ୍ରୋଟେଷ୍ଟାଣ୍ଟ ଗୋଷ୍ଠୀ, ମୁସଲମାନମାନଙ୍କ ମଧରେ ସିହା ଓ ସୁନି, ଏହିପରି ବିଭିନ୍ନ ଧର୍ମରେ ବିଭାଗମାନ ରହିଛି। ଏହା ସହିତ ଅଞ୍ଚଳ ଭିତ୍ତିରେ ବିଭିନ୍ନ ଗୋଷ୍ଠୀ ମଧ୍ୟ ରହିଛି। ଏହି ବିଭାଗଗୁଡିକ ଜାତିପ୍ରଥାର ଅବିକଳ ନକଲ ନୁହେଁ। ଜାତିବାଦର ମୂଳ ଚରିତ୍ର ଏହି ବିଭାଗ ଗୁଡିକରେ ଦେଖିବାକୁ ମିଳେ ନାହିଁ। ଛୁଆଁ-ଅଛୁଆଁ ଓ ଉଚ୍ଚନୀଚ ଭେଦଭାବ ଏହି ଗୋଷ୍ଠୀମାନଙ୍କ ମଧରେ ପ୍ରାୟତଃ ନଥାଏ।

ଜାତିବ୍ୟବସ୍ଥା ହିନ୍ଦୁ ସମାଜର ଅଂଶବିଶେଷ ହୋଇ ଯାଇଛି। କାରଣ ମହର୍ଷି ମନୁଙ୍କ ପ୍ରଦତ୍ତ ବର୍ଣ୍ଣବ୍ୟବସ୍ଥା ହିନ୍ଦୁ ସମାଜର ଅବିଚ୍ଛେଦ୍ୟ ଅଂଶ ଅଟେ। କେତେକ ହିନ୍ଦୁ ପଣ୍ଡିତ ବିବେଚନା କରନ୍ତି ଏହା ହିନ୍ଦୁଧର୍ମର ଅନିବାର୍ଯ୍ୟ ବିଷୟ। ଆଉ କେତେକେ ଏହାକୁ ହିନ୍ଦୁଧର୍ମର ଅନାବଶ୍ୟକ ଦିଗଭାବେ ଗ୍ରହଣ କରନ୍ତି। ବର୍ଣ୍ଣବ୍ୟବସ୍ଥାରୁ ଜାତିପ୍ରଥାର ସୃଷ୍ଟି ହୋଇଛି। ପ୍ରାରମ୍ଭରେ ସେ ଚାରିବର୍ଣ୍ଣ କଥା କହିଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ଏହି ଚାରି ବର୍ଣ୍ଣରୁ ହଜାର ହଜାର ଜାତି ସୃଷ୍ଟି ହୋଇଛି। ବର୍ତ୍ତମାନ ଏହା ପାଖା ପାଖି ସାତ ହଜାର ଜାତିରେ ପହଁଞ୍ଚିଛି। ଅର୍ଥାତ୍ ହିନ୍ଦୁ ସମାଜ ସାତ ହଜାର ଭାଗରେ ବିଭକ୍ତ। ପ୍ରତ୍ୟେକ ଜାତିର ସ୍ୱତନ୍ତ୍ର ନୀତିନିୟମ ରହିଛି। ଭିନ୍ନ ଜାତିଠାରୁ ନିଜକୁ କିପରି ପୃଥକ ରଖାଯାଇ ପାରିବ ତାର ବିଧିବିଧାନ ରହିଛି। ସ୍ଥଳ ବିଶେଷରେ ନିଜସ୍ୱ ଭାଷା ଓ ସଂସ୍କୃତିର ବିକାଶ ଗୋଟିଏ ଜାତିର ସ୍ୱତନ୍ତ୍ରତାକୁ ସ୍ଥାପିତ କରିଥାଏ। ଜାତିବ୍ୟବସ୍ଥା ଆନ୍ତର୍ଜାତିକ ବିବାହକୁ ଅସିଦ୍ଧ କରିଥାଏ। ଯଦି ହୁଏ ତେବେ ଭୟାବହ ପରିସ୍ଥିତି ତିଆରି ହୁଏ। ହଣାକଟା ପର୍ଯ୍ୟନ୍ତ କଥାଯାଏ। ଅନର କିଲିଂ ବି ହୁଏ।

ମହର୍ଷି ମନୁଙ୍କ ମନୁସ୍ମୃତି ଅନୁଯାଇ ଜାତିପ୍ରଥାର ମୂଳ ଆଧାର ହେଉଛନ୍ତି ବ୍ରହ୍ମା। ତାଙ୍କର ବିଭିନ୍ନ ଅଙ୍ଗରୁ ବିଭିନ୍ନ ଜାତିର ସୃଷ୍ଟି ହୋଇଛି। ତାଙ୍କ ମୁହଁରୁ ବ୍ରାହ୍ମଣମାନେ, ବାହୁରୁ କ୍ଷତ୍ରୀୟମାନେ, ଜାନୁରୁ ବୈଶ୍ୟମାନେ ଓ ପାଦରୁ ଶୂଦ୍ରମାନେ ସୃଷ୍ଟି ହୋଇଛନ୍ତି। ଏ ପ୍ରକାର ସୃଷ୍ଟିତତ୍ତ୍ୱ କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାକୁ ପଡିବ। ପ୍ରଥମରେ ଏହି ସୃଷ୍ଟିତତ୍ତ୍ୱ ଅନୁଯାୟୀ ବ୍ରହ୍ମା କଣ କେବଳ ବିଶ୍ୱର ହିନ୍ଦୁମାନଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ପ୍ରାୟତଃ ଭାରତବର୍ଷ ଓ ନେପାଳରେ ବସବାସ କରନ୍ତି। କାରଣ ଏହି ଚାରବର୍ଣ୍ଣ କେବଳ ହିନ୍ଦୁ ଧର୍ମରେ ଦେଖିବାକୁ ମିଳେ। ଦ୍ୱିତୀୟରେ ହିନ୍ଦୁଧର୍ମ ବାଦେ ଅନ୍ୟ ଯେଉଁ ଧର୍ମର ଲୋକ ରହିଛନ୍ତି ଏବଂ ଭାରତବର୍ଷ ଓ ନେପାଳକୁ ଛାଡ଼ି ଅନ୍ୟ ଦେଶର ଲୋକମାନଙ୍କୁ କିଏ ସୃଷ୍ଟି କରିଛନ୍ତି ? ତୃତୀୟରେ ଯଦି ସମସ୍ତଙ୍କୁ ବ୍ରହ୍ମା ସୃଷ୍ଟି କରିଛନ୍ତି, ତେବେ ହିନ୍ଦୁ ବାଦେ ଅନ୍ୟମାନେ ବ୍ରହ୍ମାଙ୍କ କେଉଁ ଅଙ୍ଗରୁ ସୃଷ୍ଟି ହୋଇଛନ୍ତି ? ଏପ୍ରକାର ସୃଷ୍ଟିତତ୍ତ୍ୱ ଯୁକ୍ତିଯୁକ୍ତ ନୁହେଁ ଓ ଗ୍ରହଣୀୟ ମଧ ନୁହେଁ। ଏହି ସୃଷ୍ଟି ତତ୍ତ୍ୱକୁ ଯଦି ସ୍ୱୀକାର କରାଯାଏ, ତେବେ ବିଶ୍ୱର ଅନ୍ୟ ଦେଶର ଲୋକମାନେ କେଉଁ ବର୍ଣ୍ଣରେ ଯିବେ ? ଭିନ୍ନ ଧର୍ମର ଲୋକମାନେ କେଉଁ ବର୍ଣ୍ଣରେ ଯିବେ ? ଆଦିବାସୀମାନେ କେଉଁ ବର୍ଣ୍ଣର ହେବେ ?

ମହର୍ଷି ମନୁଙ୍କର ସୃଷ୍ଟିତତ୍ତ୍ୱକୁ ଗ୍ରହଣ କଲେ ବିଜ୍ଞାନ ଅନୁମୋଦିତ କ୍ରମ ବିବର୍ତ୍ତନବାଦକୁ ଛାଡିବାକୁ ପଡିବ। କ୍ରମ ବିବର୍ତ୍ତନବାଦ ଅନୁସାରେ ମନୁଷ୍ୟମାନେ ବାନର ଜାତୀୟ ପ୍ରାଣୀରୁ ବହୁ ବର୍ଷଧରି ପରିବର୍ତ୍ତନ ପ୍ରକ୍ରିୟା ମଧ୍ୟ ଦେଇ ବର୍ତ୍ତମାନ ଅବସ୍ଥାରେ ପହଞ୍ଚିଛନ୍ତି। ଏହାହିଁ ସତ୍ୟ। ବହୁ ଶୋଧନ ଓ ପରୀକ୍ଷା-ନିରୀକ୍ଷା ପରେ ଏହି ସିଦ୍ଧାନ୍ତକୁ ଗ୍ରହଣ କରାଯାଇଛି। ବିଜ୍ଞାନ ମନୁଷ୍ୟମାନଙ୍କର ଆକସ୍ମିକ ସୃଷ୍ଟିକୁ ଗ୍ରହଣ କରେନାହିଁ। କେହି ଜଣେ ମନୁଷ୍ୟମାନଙ୍କୁ ତାଙ୍କ ଇଚ୍ଛା ଅନୁସାରେ ସୃଷ୍ଟି କରିଛନ୍ତି ତାହା ମଧ ଗ୍ରହଣୀୟ ହୁଏ ନାହିଁ। ଜଣେ ମନୁଷ୍ୟ ପୁରୁଷ ଓ ସ୍ତ୍ରୀର ମିଳନରେ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରୀୟା ମଧରେ ଜନ୍ମ ନିଏ। ମନୁଷ୍ୟର ଯେ କୌଣସି ଅଙ୍ଗ ପିଲା ଜନ୍ମ କରିପାରିବ ନାହିଁ। ଏହା ଛଡା ତାଙ୍କ ତତ୍ତ୍ୱରେ ସେ କେବଳ ମନୁଷ୍ୟର ସୃଷ୍ଟି କଥା କହିଛନ୍ତି। ଏହା ଯେ ବଂଶାନୁକ୍ରମିକ ହେବ ଏକଥା କହି ନାହାଁନ୍ତି। ଅର୍ଥାତ୍ ବ୍ରାହ୍ମଣର ପୁଅ ବ୍ରାହ୍ମଣ ହେବ। ତଦନୁରୂପେ ଅନ୍ୟ ବର୍ଣ୍ଣର ପିଲାମାନେ ସେହି ବର୍ଣ୍ଣଭାବେ ପରିଚିତ ହେବେ ସେ ବିଷୟକୁ ସ୍ପଷ୍ଟ କରିନାହାଁନ୍ତି। ମନୁଷ୍ୟମାନେ ସିନା ବ୍ରହ୍ମାଙ୍କ ବିଭିନ୍ନ ଅଙ୍ଗରୁ ସୃଷ୍ଟି ହେଲେ, କିନ୍ତୁ ଯେଉଁ ବିଭିନ୍ନ ପ୍ରକାର ଜୀବ ଜନ୍ତୁ ରହିଛନ୍ତି ସେମାନେ ବ୍ରାହ୍ମାଙ୍କ କେଉଁ ଅଙ୍ଗରୁ ସୃଷ୍ଟି ହୋଇଛନ୍ତି ? ମୋଟ ଉପରେ ଦେଖିବାକୁ ଗଲେ ଏପ୍ରକାର ସୃଷ୍ଟିତତ୍ତ୍ୱ ସୃଷ୍ଟି ପ୍ରକ୍ରିୟାକୁ ସଠିକଭାବେ ବର୍ଣ୍ଣନା କରିପାରୁ ନାହିଁ। ଏପ୍ରକାର ତ୍ୱତ୍ତ ବିଜ୍ଞାନସିଦ୍ଧ ମଧ ନୂହେଁ।

ଅନ୍ୟ ଏକ ତତ୍ତ୍ୱ ଭାଗବତ ଗୀତାରେ ରହିଛି। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି ଯେ ସେ କର୍ମ ଅନୁସାରେ ଜାତି ସୃଷ୍ଟି କରିଛନ୍ତି। ଏହା ଗ୍ରହଣୀୟ ବିଷୟ। ଯିଏ ଯେଉଁ କାର୍ଯ୍ୟ ସମ୍ପାଦନ କରେ ସେ ସେହି ଜାତି ନାମରେ ପରିଚିତ ହେବ। ଏଥିରେ ଅସୁବିଧା ନାହିଁ। ଏହି ଦୃଷ୍ଟିରୁ ବିଭିନ୍ନ ପ୍ରକାର ବୃତ୍ତି ଅନୁସାରେ ଜାତି ରହିବା ସ୍ୱାଭାବିକ। କିନ୍ତୁ ଏହି ବୃତ୍ତି ଅନୁସାରେ ବଂଶାନୁକ୍ରମିକ ଜାତି ହେବ ତାହା ସେ କେଉଁଠାରେ ଉଲ୍ଲେଖ କରିନାହାଁନ୍ତି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ଲୋକ ନିଜ କର୍ମ ଅନୁସାରେ ସେ କେଉଁ ଜାତିର ତାହା ନିର୍ଣ୍ଣୟ ହେବ। ଏହି ଦୃଷ୍ଟିରୁ ଶିକ୍ଷାଦାନ କରୁଥିବା ଓ ଜ୍ଞାନ ଚର୍ଚ୍ଚା କରୁଥିବା ଶିକ୍ଷକ ସମାଜ ବ୍ରାହ୍ମଣ, ସୈନ୍ୟବାହିନୀ ଓ ପୋଲିସରେ ଥିବା ଲୋକମାନେ କ୍ଷତ୍ରୀୟ, ଦୋକାନ ବଜାର ଖୋଲିଥିବା ବେପାରୀମାନେ ବୈଶ୍ୟ ଓ ସଫେଇ କାର୍ଯ୍ୟ କରୁଥିବା ଲୋକମାନେ ଶୂଦ୍ର ଭାବେ ପରିଚିତ ହେବା କଥା। ବର୍ତ୍ତମାନର ଜାତିବ୍ୟବସ୍ଥାର ଜଣେ ବ୍ରାହ୍ମଣ ଲଣ୍ଡ୍ରି ଓ ବିୟୁଟି ପାର୍ଲର୍ ପରି ବ୍ୟବସାୟ କଲେ ଶୂଦ୍ର ଏବଂ ଜଣେ ଶୂଦ୍ର ସୈନ୍ୟବାହିନୀରେ ଗଲେ କ୍ଷତ୍ରୀୟଭାବେ ଓ ଶିକ୍ଷାଦାନ କରୁଥିଲେ ବ୍ରାହ୍ମଣଭାବେ ପରିଚିତ ହେବା ଆବଶ୍ୟକ। ଅର୍ଥାତ୍ ଜଣେ ବ୍ୟକ୍ତିର କର୍ମ ଅନୁସାରେ ତାର ଜାତି ନିର୍ଣ୍ଣୟ ହେବା କଥା। କିନ୍ତୁ ଏପରି ହେଉ ନାହିଁ। ଭାଗବାନ ଶ୍ରୀକୃଷ୍ଣ ଯେଉଁ ଅର୍ଥରେ ଜାତିର ସୃଷ୍ଟି କଥା କହିଛନ୍ତି ସେହି ଅର୍ଥରେ ଜାତି ନିର୍ଣ୍ଣୟ ହେଉନାହିଁ। ଏହାର ଅର୍ଥ ବର୍ତ୍ତମାନର ଜାତିବ୍ୟବସ୍ଥା ଧର୍ମାନୁମୋଦିତ ନୁହେଁ। ବର୍ତ୍ତମାନର ପରିପ୍ରେକ୍ଷୀରେ ଏହାର ବିକୃତରୂପ ପ୍ରଚଳିତ ହେଉଛି। କର୍ମ ଅନୁସାରେ ଜାତି ନିର୍ଣ୍ଣୟ ଆଦର୍ଶଗତ ଦିଗ। ବଂଶାନୁକ୍ରମିକ ଜାତି ଅପେକ୍ଷା କର୍ମଭିତ୍ତିକ ଜାତି ଶ୍ରେୟସ୍କର ଓ ଯୁକ୍ତିଯୁକ୍ତ।

ଅନ୍ୟ ଏକ ଯୁକ୍ତି ହେଉଛି ଜାତିପ୍ରଥା ଇଚ୍ଛାକୃତଭାବେ ସୃଷ୍ଟି କରାଯାଇଛି। ଏହାର ସପକ୍ଷରେ ଐତିହାସିକ ସୂଚନା ମଧ ଅଛି। ଅନେକଙ୍କ ମତ ଯେ ଭାରତବର୍ଷରେ ଆର୍ଯ୍ୟ ଓ ଅନାର୍ଯ୍ୟ ବିବାଦରୁ ଜାତିପ୍ରଥାର ସୃଷ୍ଟି। ଅନେକ ଐତିହାସିକଙ୍କ ମତ ଯେ ଆର୍ଯ୍ୟମାନେ ବହିରାଗତ। ସେମାନେ ପର୍ଯ୍ୟାୟକ୍ରମେ ଆକ୍ରମଣକରି ସମଗ୍ର ଉତ୍ତର ଭାରତକୁ ଅଧିକାର କରି ନେଇଛନ୍ତି। ଏମାନେ ସିନ୍ଧୁସଭ୍ୟତାର ଧ୍ୱଂସସାଧନ କରିଥିଲେ। ଏହି ସମୟରେ ଜାତିପ୍ରଥା ନଥିଲା। ଆର୍ଯ୍ୟମାନଙ୍କ ପାଇଁ ସମସ୍ୟା ଥିଲା ମୂଳ ବାସୀନ୍ଦାମାନଙ୍କ ଏକତା। ବେଳେ ବେଳେ ଏମାନେ ଏକତାବଦ୍ଧ ଭାବେ ଆକ୍ରମଣ କରୁଥିଲେ ଓ ଆର୍ଯ୍ୟମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲେ। ତେଣୁ ଏମାନଙ୍କ ଏକତାକୁ ନଷ୍ଟ କରିବା ଜରୁରୀ ଥିଲା। ଏକତା ଭଙ୍ଗପାଇଁ ଚତୁରତାର ସହିତ ଜାତି ବିଭାଜନର ସୃଷ୍ଟି କରାଯାଇଛି। ଯାହା ଏବେବି ବଳବତ୍ତର ରହିଛି। ଆଉ କେବେବି ଏମାନେ ଏକ ହୋଇ ନପାରିବାର ଏହା ଦୀର୍ଘସୂତ୍ରୀ ଯୋଜନା ବୋଲି ଏମାନେ ମତବ୍ୟକ୍ତ କରନ୍ତି।

ଭାରତୀୟ ସଭ୍ୟତା ଆଗକୁ ବଢିଚାଲିଛି। ଜାତି ସୃଷ୍ଟି ସମ୍ବନ୍ଧରେ ଇତିହାସ କଣ କହୁଛି, ଏହାକୁ ନେଇ ଧାର୍ମିକ ଅବଧାରଣା କଣ ରହିଛି, ତାହା ଆଉ ବିଶେଷ ଗୁରୁତ୍ୱ ବହନ କରୁନାହିଁ। ଆମ ପାଇଁ ପ୍ରାଥମିକତା ହେଉଛି ସମାଜକୁ ଐକବଦ୍ଧ କରିବା। ସମାଜରେ ସମାନତା ସ୍ଥାପନ କରିବା। ଭାଇଚାରାକୁ ପ୍ରୋତ୍ସାହିତ କରିବା। ଜାତିପ୍ରଥା ଏ ସମସ୍ତ ମାନବୀୟ ଓ ମୋହନୀୟ ଗୁଣର ପରିପନ୍ଥୀ। ତେଣୁ ଏହାର ଉତ୍ପାଟନ ସମୟର ଆବଶ୍ୟକତା ଅଟେ। ହିନ୍ଦୁଧର୍ମର ମୂଳତତ୍ତ୍ୱରେ କେଉଁଠାରେ ବି ଜାତିବ୍ୟବସ୍ଥା ନାହିଁ। ପରେ ଏହାକୁ ସଂଯୋଗ କରାଯାଇଛି। ବଂଶାନୁକ୍ରମିକ ଜାତିବାଦ ଏକ ଅବାଞ୍ଛିତ ଦିଗ। ଏଥିପାଇଁ ଏକତା ଆସି ପାରୁନାହିଁ। ବିଭେଦ ଲାଗିରହିଛି। କିଛି ଲୋକ ଜାତି ନିର୍ଯାତନାର ଶୀକାର ହୋଇ ଭିନ୍ନ ଧର୍ମକୁ ପଳାଉଛନ୍ତି। ଏ ଦିଗରେ ଅନୁଶୀଳନର ଆବଶ୍ୟକତା ରହିଛି। ଧାର୍ମିକ ଆଦର୍ଶର ଉଚ୍ଚ ସୋପାନକୁ ଯିବାପାଇଁ ଜାତିପ୍ରଥାର ଉତ୍ପାଟନ ବର୍ତ୍ତମାନର ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ ହୋଇପଡିଛି ପରି ମନେହୁଏ।

+ ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି ଓ ଦିବ୍ୟମୂର୍ତ୍ତି ମାତା

## ଅଲେଖ ଚନ୍ଦ୍ର ସାମଲ



ସାଧାରଣତଃ ମଣିଷ ଯେଉଁମାନଙ୍କ ଠାରୁ ଜନ୍ମ ଗ୍ରହଣ କରେ ତାଙ୍କୁ ମା' ବାପା ରୂପେ ଗ୍ରହଣ କରିଥାଏ । କିନ୍ତୁ ଅବତାରମାନେ ଯେତେବେଳେ ସଂସାରରେ ମାନବ ରୂପେ ଜନ୍ମ ଗ୍ରହଣ କରନ୍ତି ସେମାନେ କାହାକୁ ମା, ବାପାଙ୍କ ସ୍ଥାନ ଦେବେ ନିଜେ ତାହା ବାଛିକରି ସେମାନଙ୍କ ମାଧମରେ ଜନ୍ମ ଗ୍ରହଣ କରିଥାନ୍ତି । ତାହା ସଙ୍ଗେ ସଙ୍ଗେ ମାଆବାପାଙ୍କୁ ମଧ ମାୟାଚ୍ଛନ୍ନ କରି ଦିଅନ୍ତି ଯେଉଁଥି ପାଇଁ ସେମାନେ ଏହି ସତ୍ୟଟି ବିସ୍ମିତ ହୋଇ ଯାଆନ୍ତି । ପୁନଶ୍ଚ ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ପୁତ୍ରର କାର୍ଯ୍ୟକଳାପ ଓ କଥା ଚାତୁରୀ ଓ ତୀକ୍ଷ୍ଣବୃଦ୍ଧିର ଝଲକ ଦେଖି ନିଜେ ନିଜେ ଆଚମ୍ବିତ ହୋଇଥାନ୍ତି । ଯେ, ସତେ କ'ଣ ଏ ପୁତ୍ରକୁ ଆମେ ଜନ୍ମ ଦେଇଛୁ । ପ୍ରକୃତ କଥା ହେଲା ବାପାମା ଜନ୍ମ ଦେଇଥାନ୍ତି - ତାଙ୍କର ଇଚ୍ଛାରେ ସେ ଜନ୍ମ ଦେବାକୁ ଚାହିଁବା ଯୋଗୁଁ।

ଶ୍ରୀରାମ, ଶ୍ରୀକୃଷ୍ଣ, ପର୍ଶୁରାମ, ଶ୍ରୀଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ, ଭଳି ଅବତାର ପୁରୁଷମାନେ ତାଙ୍କ ନିଜ ଇଚ୍ଛା ବଳରେ ହିଁ ମାତୃଗର୍ଭ ବାଛି ନେଇଥାନ୍ତି । ଖ୍ରୀଷ୍ଟଧର୍ମରେ ମଧ ଅନୁରୂପ ଘଟଣାର ବର୍ଣ୍ଣନା ଦେଖାଯାଏ । ଯୀଶୁଖ୍ରୀଷ୍ଟ ଇଚ୍ଛା କରି ମାଜ୍ଞାଶେରୀଙ୍କ ବିବାହ ପୂର୍ବରୁ ତାଙ୍କ ଗର୍ଭରେ ଆଶ୍ରୟ ନେଇଥିଲେ । ସମସ୍ତେ ପ୍ରସବପ୍ରକ୍ରିୟା ମାଧମରେ ଜନ୍ମ ଲାଭ କରନ୍ତି କିନ୍ତୁ ଉପରୋକ୍ତ ମହାନ ବ୍ୟକ୍ତିଗଣ ପ୍ରଥମେ ପ୍ରବେଶ କରିଥାନ୍ତି ଓ ପରେ ପ୍ରସବ ହୋଇ ଆସନ୍ତି ସଂସାରକୁ । ଭଗବାନ, ଭଗବତ୍ ଐଶ୍ୱର୍ଯ୍ୟ ସମ୍ପନ୍ନ ଓ ଭଗବତ ଗୁଣଜ୍ଞ ପୁରୁଷମାନେ ମଧ ସୃଷ୍ଟି ପ୍ରକ୍ରିୟାର ବିଧିକୁ ମାନି ନିଜେ ଅବତରଣ କରିବା ସମୟରେ ମଧ ଗୋଟିଏ ମାତୃଗର୍ଭକୁ ଆଶ୍ରୟ କରିଥାନ୍ତି । ଜନ୍ମଲାଭ କରିବା ପରେ ସମାଜରେ ପରିଚୟ ଲାଭ କରିବା ପାଇଁ ଜଣେ ପିତାର ମାଧମ ଲୋଡ଼ିଥାନ୍ତି।

ମାତା ଈଶ୍ୱରାମ୍ମାଙ୍କୁ ଏହି କାର୍ଯ୍ୟ ପାଇଁ ଲୋଡ଼ି ଥିଲେ ଭଗବାନ ସତ୍ୟସାଇ ।



ଗୋଟିଏ ବର୍ତ୍ତୁଳାକାର ଘନନୀଳ ପିଣ୍ଡ କେବଳ ମାତାଙ୍କ ଜ୍ଞାତ ସାରରେ ଗଗନ ମଣ୍ଡଳରୁ ଖସି ଈଶ୍ୱରାମ୍ମାଙ୍କ ଗର୍ଭରେ ଲୀନ ହୋଇଗଲେ । ତତ୍‌କ୍ଷଣାତ୍ ମାତା ତାହାର ସଂଘାତରେ ଚେତା ହରାଇ ଭୂପତିତା ହୋଇପଡ଼ିଲେ । ଗ୍ରାମର ଅନ୍ୟ ମହିଳାମାନେ ଜଳସଂଗ୍ରହ କରିବାକୁ ଆସି ମାତାଙ୍କୁ ନେଇ ଶାଶୁଙ୍କ ସମୀପରେ ପହଞ୍ଚାଇ ଦେଲେ । ସବୁ ଶୁଣି ସାରିଲା ପରେ ସେ ସମୟର ତଥା ସେ ଅଞ୍ଚଳର ଗ୍ରାମ୍ୟ ଚଳଣି ଅନୁସାରେ ଶାଶୁ ଓ ବୋହୁ ସ୍ଥିର କଲେ ଯେ ଏହା ଗୋପନ ରଖାଯିବ । ପୂର୍ବ ତିନି ସନ୍ତାନଙ୍କ ଗର୍ଭାବାସ ସମୟର ଅନୁଭୂତି ଈଶ୍ୱରାମ୍ମାଙ୍କର ଥିଲା । ଏଥରର ଅନୁଭୂତି ଥିଲା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଓ ଭିନ୍ନ ସ୍ତରର । ଏହାଥିଲା ଅଦୃଷ୍ଟ ପୂର୍ବ, ଅଶ୍ରୁତ ପୂର୍ବ, ଅଚିନ୍ତ୍ୟ ପୂର୍ବ । ସେ ଅନୁଭୂତିକୁ ପ୍ରକାଶ କରିବା ପାଇଁ ଅଭିଧାନରେ ଭାଷା ନଥିଲା । ତେଣୁ ସେ ସବୁକୁ ମାତା ତାଙ୍କ ଅନ୍ତରରେ ଭେଦି ରହିବା ପାଇଁ ବାଧ ହେଉଥିଲେ । ଶାଶୁଲାକ୍ଷାମ୍ମା ବୋହୁର ଚକ୍ଷୁ ଯୁଗଳକୁଚାହିଁ ରହୁଥିଲେ । ବେଳେ ବେଳେ କମ୍ପିତ ଅଧର ଯାହା ପ୍ରକାଶ କରିବାକୁ ଉଦ୍ୟତ ହୋଇ ପରବର୍ତ୍ତୀ ସମୟରେ ଶାନ୍ତ ହୋଇଯାଉଛି । ତାହାକୁ ବେଶ ଲକ୍ଷ କରିପାରୁଥିଲେ । ସମୟ ଗଡ଼ି ଯିବା ସଙ୍ଗେ ସଙ୍ଗେ ସନ୍ତାନର ଆଗମନ ତଥା ମୁଖ ଦର୍ଶନ ପାଇଁ ମାଆ ଓ ଜେଜେମାଆଙ୍କ ବ୍ୟଗ୍ରତା ବଢ଼ିବା ସ୍ୱାଭାବିକ । କିନ୍ତୁ ମାଆଙ୍କ ଅନ୍ତରାତ୍ମା ଚାହିଁଥାଏ ଏହି ସନ୍ତାନଟି ଆଉ କିଛି ସମୟ ଧରି ଗର୍ଭରେ ରହନ୍ତା କି ? ସ୍ୱର୍ଗୀୟ ଆନନ୍ଦମୟ ଅନୁଭୂତି ଆଉ କିଛି ଦିନ ପାଇଁ ମିଳନ୍ତା । ସନ୍ତାନ ଜନ୍ମ ପରେ ଏତାଦୃଶ ଅନୁଭୂତି ଆଉ ରହିବ କି ନାହିଁ ସେ ଆଶଙ୍କାରେ ମାତା ଯେଉଁ ବ୍ୟଥା ପାଉଥିଲେ ତାହା ମଧ ମଧୁମୟ ଥିଲା । ବିରାଟ ପରିବାର ଭିତରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ପୂର୍ବକ ଏହି ନୂତନ ଅନୁଭୂତିକୁ ଆସ୍ୱାଦନ କରିବାକୁ ଇଚ୍ଛାଥିଲେ ମଧ ପରିବେଶ ଅନୁକୂଳ ହେଉନଥିଲା ।

ସମୟ ତାହାର କର୍ତ୍ତବ୍ୟକୁ କେବେ ହେଳା କରେ ନାହିଁ । ସମୟର ପଞ୍ଜିକା ଅନୁଯାୟୀ ମାତା ଈଶ୍ୱରାମ୍ମା ୧୯୨୬ ନଭେମ୍ବର ୨୩ ପ୍ରାତଃ କାଳରେ ଭାର ମୁକ୍ତ ହେଲେ । ଭିତରୁ ମିଳୁଥିବା ଆନନ୍ଦ ବର୍ତ୍ତମାନ ବାହାରୁ ମିଳିବାକୁ ଆରମ୍ଭ ହେଲା । ହେଲେ ତାହା ବହୁତ କମ୍ ସମୟ ପାଇଁ ରହିଲା । ଶିଶୁର ଚାଲିବା ଆରମ୍ଭ ହେଲା ମାତ୍ରେ ମାତାଙ୍କର ଦୌଡ଼ିବା ଆରମ୍ଭ ହେଲା । ଏ ଦୌଡ଼ିବା ସହିତ ସଦାସର୍ବଦା ସତର୍କ ଓ କେଉଁ ଅନାଗତ ବିପତ୍ତି କେତେବେଳେ ଉପସ୍ଥିତ ହୋଇଯିବ ସେ ଚିନ୍ତାରେ ମାତା ଆହୁରି ବେଶୀ ଭାରାକ୍ରାନ୍ତ ହୋଇ ରହିଥିଲେ । ପରବର୍ତ୍ତୀ ସମୟରେ ଏ ଦୁଃଖ କିଛି ନୁହେଁ ବୋଲି ଧାରଣା ହେଲା । କାରଣ ଏହାଠାରୁ ବଡ଼ ବଡ଼ ବିପଦ ଓ ଆଶଙ୍କା ମାଆ ହୃଦୟକୁ ନିଶ୍ଚିନ୍ତ ହୋଇ ରହିବାକୁ ଦେଲା ନାହିଁ । ବିଦ୍ୟାରମ୍ଭ ଆରମ୍ଭ ହେଲା ଗ୍ରାମ ବିଦ୍ୟାଳୟରେ । ବିଦ୍ୟାଳୟକୁ ଯିବାର ଯେତିକି ସମୟ ଘରୁ ଅନୁପସ୍ଥିତ ରହିବାକୁ ହୋଇଥିଲା ସେତକ ସମୟ ମାର ଦେହ ଘର କାମ କରୁଥିଲେ ମଧ ମନରେ ପୁତ୍ରର ସୁରକ୍ଷା ଦାୟିତ୍ୱ ତାଙ୍କୁ ଖୁବ୍ ଆନ୍ଦୋଳିତ କରେ । ମାତାଙ୍କ କଷ୍ଟ ସେଦିନ ସୀମା ଟପିଥିଲା । ସବୁଠାରୁ କୋମଳ ହୃଦୟକୁ ପଥର କରିବାକୁ ପଡ଼ିଥିଲା ଯେଉଁଦିନ ପୁଅ ଘୋଷଣା କଲା, ମୁଁ ତୁମ ପୁଅ ନୁହେଁ, ମୋ ଭକ୍ତମାନେ ମୋତେ ଡାକିଲେଣି, ମୁଁ ଆଉ ତୁମ ଘରେ ରହିପାରିବି ନାହିଁ । ମୁଁ ସମସ୍ତଙ୍କ ବାବା, ତୁମର ମଧ । ଆଜିଠାରୁ ତୁମେ ମଧ ମୋର ଝିଅ ଓ ବାପା ମୋର ପୁଅ । ବଜ୍ର ଛିଡ଼ି ପଡ଼ିଲା ମାତାଙ୍କ ମଥାରେ । ଚର୍ତୁଦିଗ ଅନ୍ଧାର ଦିଶିଲା । କେହି ଯଦି ଚେଷ୍ଟାକରି ପୁଅକୁ ଘରକୁ ଫେରାଇ ଆଣିପାରନ୍ତା ସମସ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା, କେବଳ ମାତାଙ୍କ ଦୁଗ୍ଧାନ୍ନ ଥାଳି ଓ ଅନ୍ତରର ଅଳି ମୁହୂର୍ତ୍ତକ ପାଇଁ ପୁତ୍ରକୁ ଅଟକାଇ ପାରିଥିଲା।

ମାଆ ଭାବୁଥାନ୍ତି 'ଆମେ ତ ଜନ୍ମ ଦେଇନାହୁଁ, ସେ ଇଚ୍ଛାକରି ଜନ୍ମ ହୋଇଛି । ଏ ପର୍ଯ୍ୟନ୍ତ ତା ଇଚ୍ଛାରେ ଥିଲା । ଏଠାରେ ରହିବ କିଏ ଯାହା କରିବ ତା ଇଚ୍ଛାରେ କରିବ । ଆମେ କେବଳ ଯଦି ତାକୁ ଦେଖିପାରୁଥିବୁ, ସେତିକି ଯଥେଷ୍ଟ ।' ବହୁକଷ୍ଟରେ ଶପଥ କରାଇ ନେଇଥିଲେ ଗୃହତ୍ୟାଗ କର ପଛେ, ଜନ୍ମସ୍ଥାନ ତ୍ୟାଗ କରନା । ଅବତାରଙ୍କ ମାଆ ହେବା ସୌଭାଗ୍ୟର କଥା । କେତେ ଜନ୍ମର କେତେ ନିଷ୍ପାପର ତପସ୍ୟାର ଫଳ । ସେହି ତପସ୍ୟାର କଷ୍ଟ ସହିଥିବା ଯୋଗୁଁ ପୁତ୍ରର ନିନ୍ଦା, ପ୍ରଶଂସାରେ ଅପ୍ରଭାବିତ ରହିବାର ତପସ୍ୟା ପୁନଶ୍ଚ କରିବାକୁ ପଡିଥାଏ । ମାତାଙ୍କ ଚରଣ ତଳେ ପ୍ରଣତି ଢ଼ାଳିବା ସଙ୍ଗେ ସଙ୍ଗେ ସେ ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି, ଦିବ୍ୟ ମର୍ତ୍ତିକୁ ବାରମ୍ୱାର ପ୍ରଣାମ କେବଳ ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୬୧୨୩

# ନବେ ବର୍ଷରେ ଓଡ଼ିଆ ସିନେମା



## ରାଜେଶ୍ ରାୟ

ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ପ୍ରମୁଖ ଆଧାର ଭାବେ ସିନେମା ଜଗତର ସୃଷ୍ଟି ହୋଇଛି । ଏହି କ୍ରମରେ ଓଡ଼ିଆ ସିନେମାକୁ ଦେଖିଲେ ତାହା ଉତ୍କଳୀୟ ପୃଷ୍ଠଭୂମିର ଅବିଚ୍ଛେଦ୍ୟ ଅଂଶ ରୂପେ ଅଧିଷ୍ଠିତ ଥିବା ପରିଲକ୍ଷିତ ହୁଏ । ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ପାଇବା ପରେ ସାଂସ୍କୃତିକ , ସାମାଜିକ ଏବଂ ରାଜନୈତିକ ବିବର୍ତ୍ତନର ମୁହୂର୍ତ୍ତ ଉନ୍ମୁକ୍ତ ହେଲା । ଏହାର ଠିକ୍ ୨୭ ଦିନପରେ ଅର୍ଥାତ୍ ୧୯୩୬ ମସିହା ଅପ୍ରେଲ ୨୮ ତାରିଖରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ସୀତା ବିବାହ ମୁକ୍ତିଲାଭ କଲା । ଏହି ସିନେମାର ସ୍ରଷ୍ଟା ଥିଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ । ପୁରାଣରୁ ରାମସୀତାଙ୍କ ବିବାହ କଥାବସ୍ତୁକୁ ନେଇ ସୀତା ବିବାହ ସିନେମାର ପରିକଳ୍ପନା ହୋଇଥିଲା । ପ୍ରସିଦ୍ଧ ନାଟ୍ୟକାର କାମପାଳ ମିଶ୍ରଙ୍କ ଦ୍ୱାରା ରଚିତ ଏକ ନାଟକର କାହାଣୀକୁ ନେଇ ସୀତା ବିବାହ କୋଲକାତାର କାଳୀ ଫିଲ୍ମସ ଷ୍ଟୁଡିଓରେ ସୁଟିଂ କରାଗଲା । ସର୍ବମୋଟ ୩୦ ହଜାର ଟଙ୍କା ବଜେଟରେ ପ୍ରସ୍ତୁତ ଏହି ସିନେମାର ଅବଧି ଥିଲା ୨ ଘଣ୍ଟା ଏବଂ ଏଥିରେ ୧୪ ଟି ଗୀତକୁ ସ୍ଥାନିତ କରାଯାଇଥିଲା । ସୀତା ବିବାହ ସିନେମା ନିର୍ମାଣ ସମୟରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସବୁଠୁ ବଡ଼ ସମସ୍ୟା ଥିଲା କଳାକାର ଚୟନ , ବିଶେଷ କରି ନାୟିକା ଚୟନ ପାଇଁ ସେ ଚିନ୍ତାରେ ପଡ଼ିଥିଲେ କାରଣ ସେ ସମୟରେ ନାରୀ ମାନଙ୍କ ପାଇଁ ସିନେମାରେ ଅଭିନୟ କରିବା ଉପରେ ସାମାଜିକ ପ୍ରତିବନ୍ଧକ ଲଗାଯାଇଥିଲା କିନ୍ତୁ ଅନେକ ପ୍ରୟାସ ପରେ ଶେଷରେ ଶ୍ରୀମତୀ ପ୍ରଭାବତୀ ଦେବୀ ସୀତା ଭୂମିକାରେ ଅଭିନୟ କରିବା ପାଇଁ ସମ୍ମତି ଜଣାଇଲେ । ସେହିପରି ରାମ ଭୂମିକାରେ ମକ୍ଖନ ଲାଲ୍ ବାନାର୍ଜୀ ଏବଂ ବିଶ୍ୱାମିତ୍ର ଭୂମିକାରେ ସ୍ୱୟଂ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଅଭିନୟ କରିଥିଲେ । ପୁରୀରେ ଥିବା ଜଗନ୍ନାଥ କ୍ଲବର ସଦସ୍ୟ ମାନଙ୍କ ସହଯୋଗ ଏବଂ ପ୍ରେରଣା ଯୋଗୁ ପ୍ରଥମ ଓଡ଼ିଆ ସିନେମା କଟକ , ପୁରୀ , ବ୍ରହ୍ମପୁର ଏବଂ ସମ୍ବଲପୁରରେ ମୁକ୍ତିଲାଭ କରିଥିଲା । ସେତେବେଳେ ଟିକେଟରେ ବିବିଧତା ରହିଥିଲା , ମାଟିରେ ବସି ଦେଖୁଥିବା ଦର୍ଶକଙ୍କ ପାଇଁ ଚାରି ପଇସା ଏବଂ ଖଟ ଉପରେ ବସି ଦେଖୁଥିବା ଦର୍ଶକଙ୍କ ପାଇଁ ଦୁଇଅଣା ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ଦୁଃଖର କଥା ହେଉଛି ଏହି ଚଳଚ୍ଚିତ୍ରଟି ସେହିପରି ଆଶାନୁରୂପ ଆର୍ଥିକ ସଫଳତା ପାଇ ପାରିନଥିଲା ଯେଉଁ କାରଣରୁ କାଳୀ ଫିଲ୍ମସ ବନ୍ଦ ହୋଇଗଲା ଏବଂ ଆର୍ଥିକ ଦୁର୍ଦ୍ଦିନତାରେ ପଡ଼ି ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ମାତ୍ର ୪୬ ବର୍ଷ ବୟସରେ ଦେହାନ୍ତ ଘଟିଲା । ତେବେ ସୀତା ବିବାହ ମୁକ୍ତିଲାଭ କରିବାର ଆଗାମୀ ୧୪ ବର୍ଷ ଯାଏ କୌଣସିବି ଓଡ଼ିଆ ସିନେମା ନିର୍ମାଣ ହୋଇପାରିଲା ନାହିଁ ଯାହାର ପ୍ରମୁଖ କାରଣ ଥିଲା ଆର୍ଥିକ ବିଫଳତା କିନ୍ତୁ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୪୮-୪୯ ମସିହାରେ ଶିବ ପ୍ରତାପ ସିଂହଦେଓ ଏବଂ ଗୌର ପ୍ରତାପ ସିଂହଦେଓଙ୍କ ମିଳିତ ଉଦ୍ୟମରେ ' ଗ୍ରେଟ୍ ଇଷ୍ଟର୍ଣ୍ଣ ମୁଭିଟୋନ୍ ' ନାମକ ଏକ ପ୍ରଯୋଜନା ସଂସ୍ଥା ମୁଣ୍ଡ ଟେକିଲା ଯାହା ଅଧୀନରେ ' ଲଳିତା' ଶୀର୍ଷକ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କଲା । ପ୍ରଥମଥର ପାଇଁ ଚଳଚ୍ଚିତ୍ରର ସମସ୍ତ ପର୍ଯ୍ୟାୟ ଯଥା ନିର୍ଦ୍ଦେଶନା , ପ୍ରଯୋଜନା , ସଙ୍ଗୀତ ଏବଂ ଗୀତରଚନା ଆଦି ବୃତ୍ତିଗତ ଏବଂ ନିଷ୍ଠାପୂର୍ଣ୍ଣ ଭାବେ ପରିଚାଳିତ ହୋଇଥିଲା । ୧୯୫୦ ଦଶକରେ ଓଡ଼ିଆ ସିନେମା ଇତିହାସରେ ପ୍ରଥମ ବ୍ଲକବାଷ୍ଟର ସିନେମା ଶ୍ରୀ ଜଗନ୍ନାଥ ମୁକ୍ତିଲାଭ କରିଥିଲା । ଏହି ଚଳଚ୍ଚିତ୍ରଟି କଟକରେ ୧୦ ସପ୍ତାହ ଏବଂ କୋଲକାତାରେ ୬ ସପ୍ତାହ ପ୍ରଦର୍ଶିତ ହୋଇ ରେକର୍ଡ଼ ସୃଷ୍ଟି କଲା । ୧୯୫୦ ପରେ ପୌରାଣିକ କାହାଣୀରୁ ବାହାରି ସାମାଜିକ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ଧୀରେ ଧୀରେ ଋଦ୍ଧିମନ୍ତ ହେଲା ଯାହାର ପ୍ରମାଣ ହେଉଛି ସପ୍ତଶଯ୍ୟା ( ୧୯୫୧ ) , ଆମରି ଗାଁ ଝିଅ ( ୧୯୫୩) , ଭାଇ ଭାଇ ( ୧୯୫୬ ) ଇତ୍ୟାଦି । ୧୯୫୮ ରେ ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନ ସ୍ଥାପିତ ହୋଇ ୧୯୫୯ ମସିହାରେ ମହାଲକ୍ଷ୍ମୀ ପୂଜା ଶୀର୍ଷକ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା ଯାହାକୁ ପ୍ରଥମଥର ପାଇଁ ହିନ୍ଦୀରେ ଡବିଂ କରାଗଲା । ୧୯୬୦ ଦଶକରେ ଓଡ଼ିଆ ସିନେମା ଜଗତର ସୁବର୍ଣ୍ଣ ଯୁଗ ଆରମ୍ଭ ହେଲା । ୧୫ ଅପ୍ରେଲ ୧୯୬୦ ରେ ଶ୍ରୀ ଲୋକନାଥ କଥାଚିତ୍ର ମୁକ୍ତିଲାଭ କରି ୧୦୦ ଦିନରୁ ଅଧିକ ସମୟ ଯାଏ ପ୍ରଦର୍ଶିତ ହୋଇ ଜାତୀୟ ପୁରସ୍କାର ପାଇଲା । ସେହିପରି ୧୯୭୬ ରେ ଗପ ହେଲେବି ସତ ଶୀର୍ଷକରେ ପ୍ରଥମ ପୂର୍ଣ୍ଣ ଦୈର୍ଘ୍ୟ ରଙ୍ଗୀନ ଓଡ଼ିଆ ଚଳଚ୍ଚିତ୍ର ସାମ୍ନାକୁ ଆସିଲା । ଏହାପରଠାରୁ ଓଡ଼ିଆ ସିନେମା ଜଗତ ଆଉ ପଛକୁ ଫେରି ଚାହିଁନି । ନିଜର ଉଦ୍ୟମ ବଳରେ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ମନଛୁଆଁ ଚଳଚ୍ଚିତ୍ର ଭେଟି ଦେଇଛି ଯଥା ଯାଯାବର, ଅଦିନ ମେଘ, ଘର ସଂସାର, ନାଗଫାଶ, ଚିଲିକା ତୀରେ , ଧରିତ୍ରୀ , ଦଣ୍ଡା ବାଳୁଙ୍ଗା, ହାକିମ ବାବୁ , ସୁନା ଚଢ଼େଇ ଇତ୍ୟାଦି । ୧୯୭୬ ମସିହାରେ ବିଧିବଦ୍ଧ ଭାବେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ପ୍ରତିଷ୍ଠା ହେବାପରେ ଓଡ଼ିଆ ସିନେମା ଜଗତ ସରକାରୀ ସ୍ତରରେ ଏକ ସ୍ୱତନ୍ତ୍ର ଶିଳ୍ପ ସଂସ୍ଥାର ମାନ୍ୟତା ପାଇଲା । ୧୯୯୦ ଦଶକରେ ଟିଭି ଓ କେବୁଲର ପ୍ରଭାବ ଉର୍ଦ୍ଧ୍ୱଗାମୀ ହେଉଥିଲେ ମଧ ସିନେମା ହଲକୁ ଦର୍ଶକ ଟାଣି ହୋଇ ଆସୁଥିଲେ ଯାହାର କାରଣ ଥିଲା ନିଛକ ଓଡ଼ିଆ କାହାଣୀ ଏବଂ କଳାକାରଙ୍କ ଜୀବନ୍ତ ଅଭିନୟ । ସେତେବେଳେ ଅଭିନୟ କରୁଥିବା କଳାକାରଙ୍କ ମଧରେ ଶ୍ରୀରାମ ପଣ୍ଡା, ପ୍ରଶାନ୍ତ ନନ୍ଦ , ମହେଶ୍ୱତା ରାୟ , ଦୁଃଖୀରାମ ସ୍ୱାଇଁ , ଜୟୀରାମ ସାମଲ, ଦେବୁ ବୋଷ , ଉତ୍ତମ ମହାନ୍ତି , ଅପରାଜିତା , ବିଜୟ ମହାନ୍ତି , ତନ୍ଦ୍ରା ରାୟ , ହର ପଟ୍ଟନାୟକ, ମିହିର ଦାସ, ରାଇମୋହନ ପରିଡ଼ା, ଋନୁ ପରିଜା , ଚୌଧୁରୀ ଜୟ ପ୍ରକାଶ , କୁନା ତ୍ରିପାଠୀଙ୍କ ପରି କଳାକାରଙ୍କୁ ଆଜିବି ଦର୍ଶକ ହୃଦୟରେ ସ୍ଥାନ ଦେଇଛନ୍ତି। ପରବର୍ତ୍ତୀ କାଳରେ ସିଦ୍ଧାନ୍ତ ମହାପାତ୍ର , ଅନୁଭବ ମହାନ୍ତି , ସବ୍ୟସାଚୀ , ଅରିନ୍ଦମ , ବାବୁଶାନ୍ ଙ୍କ ଭଳି ଅଭିନେତା ଏବଂ ରଚନା ବାନାର୍ଜୀ , ଅନୁ ଚୌଧୁରୀ, ମାମା ମିଶ୍ର , ବର୍ଷା ପ୍ରିୟଦର୍ଶିନୀ , ଅର୍ଚ୍ଚିତାଙ୍କ ପରି ଅଭିନେତ୍ରୀ ଆସିବା ପରେ ଓଡ଼ିଆ ସିନେମା ଜଗତର ଆଧୁନିକ ବିବର୍ତ୍ତନ ହେଲା । ଆଜିବି ଦର୍ଶକଙ୍କ ହୃଦୟରେ ପ୍ରଶାନ୍ତ ନନ୍ଦ ମହେଶ୍ୱତା, ଉତ୍ତମ ଅପରାଜିତା , ସିଦ୍ଧାନ୍ତ ରଚନା , ଅନୁଭବ ବର୍ଷାଙ୍କ ଯୋଡ଼ି ସତେଜ ହୋଇ ରହିଛି । କେବଳ ସିନେମା ଜଗତ ନୁହେଁ ବରଂ ୯୦ ଦଶକ ପରେ ଓଡ଼ିଆ ସଙ୍ଗୀତ ଜଗତ ମଧ ନିଜର ଏକ ସ୍ୱତନ୍ତ୍ର ପରିଚୟ ଉପଲବ୍ଧି କରିଥିଲା ଏବଂ ଅକ୍ଷୟ ମହାନ୍ତିଙ୍କ ପରି ବେତାଜ୍ ବାଦଶାହଙ୍କୁ ସୃଷ୍ଟି କଲା କିନ୍ତୁ ୨୦୧୦ ପରେ ଓଡ଼ିଆ ସିନେମାର ଚମକ୍ ଧୀରେ ଧୀରେ କ୍ଷୀଣ ହେବାରେ ଲାଗିଲା ଯାହାର କାରଣ ହେଉଛି ନିଛକ କାହାଣୀକୁ ଏଡ଼ାଇ ଦକ୍ଷିଣୀ ଓ ହିନ୍ଦୀ ସିନେମାକୁ ଅନୁକରଣ କରିବା । ଏହାର ପ୍ରଭାବ ସ୍ୱରୂପ ଦର୍ଶକ ଓଡ଼ିଆ ସିନେମାରୁ ମୁହଁ ଫେରାଇ ନେଲେ । ବିଶେଷ କରି କରୋନା କାଳରେ ଓଡ଼ିଆ ସିନେମା ଶିଳ୍ପରେ ଦେଖା ଯାଇଥିବା ସଙ୍କଟ ଚିରସ୍ମରଣୀୟ କିନ୍ତୁ ୨୦୨୨ ପରେ ପରେ ଓଡ଼ିଆ ସିନେମା ପୁଣି ଝାଡ଼ି ଝୁଡ଼ି ହୋଇ ଛିଡ଼ା ହେବାକୁ ଚେଷ୍ଟା କରିଛି ଯାହାର ପ୍ରମାଣ ସ୍ୱରୂପ ଦମନ , ପ୍ରତୀକ୍ଷା , ବୋଉ ବୁଟୁ ଭୂତ, ବର ବଧୂ ଏବଂ ବର୍ତ୍ତମାନ ମୁକ୍ତିଲାଭ କରିଥିବା ମୁରବି, କାଙ୍ଗୁଲା ଭଳି ଚଳଚ୍ଚିତ୍ରକୁ ଦର୍ଶକ ମାନେ ଭରପୁର ଭଲପାଇବା ଦେବାସହ ହଲ ମୋଡ଼ ନେଉଛନ୍ତି । ନୂଆ ପିଢ଼ି ଭାବେ ଓଡ଼ିଆ ସିନେମା ଜଗତରେ ପାଦ ଥାପିଥିବା ଦିପନ୍ୱିତ, ଶିବାନୀ, ଶୈଳେନ୍ଦ୍ର, ସୂର୍ଯ୍ୟମୟୀ , ଭୂମିକା, ସନୋଜ, ? ମନ୍ମୟଙ୍କ ପରି କଳାକାର ଆଗାମୀ ଭବିଷ୍ୟତକୁ ଉଜ୍ଜଳ କରିବା ପାଇଁ କରୁଥିବା ପ୍ରୟାସ ପ୍ରଶଂସନୀୟ । ସେହିପରି ଦୁର୍ବିସହ ହୋଇ ପଡ଼ିଥିବା ଓଡ଼ିଆ ସଙ୍ଗୀତ ଜଗତ ମଧ ଭିନ୍ନ ସ୍ୱାଦର ନିଛକ ସଙ୍ଗୀତ ପ୍ରସ୍ତୁତ କରି ଭଲପାଇବା ସାଉଁଟିବାରେ ସଫଳ ହେଲାଣି କିନ୍ତୁ ଏବେବି ଅନେକ ସମସ୍ୟା ଓଡ଼ିଆ ସିନେମା ଶିଳ୍ପକୁ ଘେରି ରହିଛି ଯଥା ହଲର ଅଭାବ , ଓଡ଼ିଆ ସିନେମାକୁ ଅଧିକ ଦିନ ପ୍ରୋତ୍ସାହନ ନଦେଇ ଦକ୍ଷିଣୀ ଓ ହିନ୍ଦୀ ସିନେମାକୁ ଦେବା ଇତ୍ୟାଦି । ବର୍ତ୍ତମାନର ସାମାଜିକ ଗଣମାଧ୍ୟମ ଯୁଗରେ ଓଟିଟି, ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମରେ ମଧ ଓଡ଼ିଆ ସିନେମାର ଶାଖା ପ୍ରଶାଖା ଅଗ୍ରସର ହେଉଛି । ଚାହୁଁ ଚାହୁଁ ଆଜି ୯୦ ବର୍ଷରେ ପାଦ ଥାପିଛି ଓଡ଼ିଆ ସିନେମା , ଅନେକ ଘାତ ପ୍ରତିଘାତକୁ ସହି ଆଜି ନିଜକୁ ନୂଆ ରୂପେ ଜନ୍ମ ଦେଇଛି ଯାହାର ସମସ୍ତ ଶ୍ରେୟ ଯିବ ସେହି ନିର୍ମାତା ଓ କଳାକାରମାନଙ୍କୁ ଯାହାଙ୍କ ଅପ୍ରାଣ ଉଦ୍ୟମ ଯୋଗୁ ଏହି ଉପଲବ୍ଧି ମିଳିଛି । ଆଗାମୀ ଦିନରେ ଏହି ଯାତ୍ରା ଆହୁରି ସଫଳ ହେଉ ଏବଂ ଦର୍ଶକଙ୍କ ହୃଦୟରେ ପୂର୍ବପରି ଓଡ଼ିଆ ସିନେମାର ସ୍ଥାନ ବିସ୍ତାରିତ ହେଉଥାଉ ଏହାହିଁ କାମନା ।

+ଜୟପୁର , କୋରାପୁଟ
ମୋ: ୬୩୭୧୫୫୫୯୪୦

# ପାଇଲଟଙ୍କ ମୃତ୍ୟୁ ଏବଂ ଅଣଦେଖା ଉଡ଼ାଣ ସୁରକ୍ଷା ନିୟମ

ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ବିମାନ ଚାଳକମାନଙ୍କ କାର୍ଯ୍ୟଭାର ଏବଂ ସୁରକ୍ଷା ନିୟମାବଳୀର ଅନୁପାଳନକୁ ନେଇ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ହୋଇଛି, ଯାହା ଉଭୟ ପାଇଲଟ ଏବଂ ଯାତ୍ରୀମାନଙ୍କ ନିରାପତ୍ତା ସହିତ ଜଡ଼ିତ । ମାତ୍ର ୪୮ ଘଣ୍ଟା ମଧ୍ୟରେ ଦୁଇ ଜଣ ଭାରତୀୟ ବ୍ୟାବସାୟିକ ବିମାନ ଚାଳକଙ୍କ ଅକାଳ ବିୟୋଗ ଏହି ସମସ୍ୟାର ଗମ୍ଭୀରତାକୁ ପଦାରେ ପକାଇଛି । ଗତ ଏପ୍ରିଲ ମାସ ଶେଷ ଭାଗରେ ଏୟାର ଇଣ୍ଡିଆର କ୍ୟାପଟେନ ତରୁଣଦୀପ ସିଂହ ବାଲିରେ ବିଶ୍ରାମ ନେଉଥିବା ସମୟରେ ହୃଦଘାତରେ ପ୍ରାଣ ହରାଇଥିଲେ । ଏହାର ଠିକ ଗୋଟିଏ ଦିନ ପରେ ବେଙ୍ଗାଲୁରୁଠାରେ ଆକାସା ଏୟାରର କ୍ୟାପଟେନ ଅର୍ଜୁନ ନାଇଡୁ ଏକ ଗ୍ରାଉଣ୍ଡ ଟ୍ରେନିଂ ସେସନ ଚାଲିଥିବା ବେଳେ ହୃଦଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ । ଏହି ଘଟଣାଗୁଡ଼ିକ କୌଣସି ବିଚ୍ଛିନ୍ନ ବା ସାଧାରଣ ଘଟଣା ନୁହେଁ, ବରଂ ଏହା ହେଉଛି ବର୍ଷ ବର୍ଷ ଧରି ଅଣଦେଖା କରାଯାଇଥିବା ଏକ ବ୍ୟବସ୍ଥାଗତ ତ୍ରୁଟିର ପରିଣାମ । ଏହି ଦୁଇଟି ମୃତ୍ୟୁ ପରେ ଏୟାରଲାଇନ୍ ପାଇଲଟ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ବା ଆଲପା ସିଧାସଳଖ ଭାବରେ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଦାୟୀ କରିଛି। ନୂତନ ଉଡ଼ାଣ ସୁରକ୍ଷା ନିୟମାବଳୀ ବା ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ସ ନିୟମକୁ ଲାଗୁ କରିବାରେ ସରକାରଙ୍କ ଅହେତୁକ ବିଳମ୍ବ ଏବଂ କର୍ପୋରେଟ୍ ଚାପରେ ମୁଣ୍ଡ ନୁଆଁଇବା ନୀତି ଯୋଗୁଁ ବିମାନ ଚାଳକମାନେ ଅତ୍ୟଧିକ କ୍ଳାନ୍ତି ଏବଂ ମାନସିକ ଚାପର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଗତ କିଛି ମାସର ତଥ୍ୟ ଉପରେ ନଜର ପକାଇବା, ତେବେ ସ୍ଥିତି ଆହୁରି ଉଦବେଗଜନକ ମନେହୁଏ । ଗତ ୨୦୨୩ ମସିହା ଅଗଷ୍ଟ ମାସରେ ମଧ୍ୟ ସମାନ ଧରଣର ଅଘଟଣମାନ ଘଟିଥିଲା, ଯେଉଁଥିରେ ନାଗପୁର ବିମାନବନ୍ଦରରେ ଇଣ୍ଡିଗୋ ଏୟାରଲାଇନ୍ସର ଜଣେ ୪୦ ବର୍ଷୀୟ କ୍ୟାପଟେନ ମନୋଜ ସୁବ୍ରମଣ୍ୟମ ଉଡ଼ାଣ ପୂର୍ବରୁ ବୋର୍ଡିଂ ଗେଟ୍ ନିକଟରେ ଟଳି ପଡ଼ିଥିଲେ । ସେହି ସମୟରେ ଦିଲ୍ଲୀରୁ ଦୋହା ଯାଉଥିବା ଏକ ବିମାନରେ ଯାତ୍ରୀ ଭାବରେ ଯାତ୍ରା କରୁଥିବା କତାର ଏୟାରୱେଜର ଜଣେ ବରିଷ୍ଠ ବିମାନ ଚାଳକ ମଧ୍ୟ ହୃଦଘାତରେ ପ୍ରାଣ ହରାଇଥିଲେ । ଅଗଷ୍ଟ ୨୦୨୩ ଠାରୁ ବର୍ତ୍ତମାନ ସୁଦ୍ଧା ଅତିକମରେ ପାଞ୍ଚ ଜଣ ଭାରତୀୟ ବିମାନ ଚାଳକ ନିଜ ଡ୍ୟୁଟି ସମୟରେ କିମ୍ବା ବିଶ୍ରାମ ସମୟରେ ପ୍ରାଣ ହରାଇଛନ୍ତି ଏବଂ ଆଶ୍ଚର୍ଯ୍ୟର କଥା ହେଉଛି ଏହି ସମସ୍ତଙ୍କ ବୟସ ୫୦ ବର୍ଷରୁ କମ ଥିଲା । ଏହି ଆକଳନ ସ୍ପଷ୍ଟ କରୁଛି ଯେ ବିମାନ ଚାଳକମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କ୍ଷେତ୍ରରେ ବଡ଼ ଧରଣର ଅବହେଳା କରାଯାଉଛି ।

ଏହି ସମସ୍ୟାର ମୂଳ କାରଣକୁ ବୁଝିବାକୁ ହେଲେ ଆମକୁ ବିମାନ ଚାଳକମାନଙ୍କ କାର୍ଯ୍ୟଶୈଳୀ ଏବଂ ସେମାନଙ୍କ ଉପରେ ପଡୁଥିବା ଅତ୍ୟଧିକ ଚାପ ବିଷୟରେ ଗଭୀର ବିଶ୍ଳେଷଣ କରିବାକୁ ପଡ଼ିବ । ଏକ ବେସରକାରୀ ବିମାନ ସୁରକ୍ଷା ସଂସ୍ଥା ବା ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୦୯ ମସିହାରୁ ୨୦୨୩ ମସିହା ମଧ୍ୟରେ ଅସ୍ଥାୟୀ ଭାବେ ଡାକ୍ତରୀ ଅନୁପଯୁକ୍ତ ବା ଟେମ୍ପୋରାରୀ ମେଡିକାଲି ଅନଫିଟ୍ ଘୋଷିତ ହୋଇଥିବା ବିମାନ ଚାଳକଙ୍କ ସଂଖ୍ୟାରେ ପ୍ରାୟ ୫୨୦ ପ୍ରତିଶତ ବୃଦ୍ଧି ଘଟିଛି । ଏହି ବିପୁଳ ବୃଦ୍ଧି ପ୍ରମାଣ କରୁଛି ଯେ ଆମ ଦେଶର ବିମାନ ଚାଳକମାନେ କ୍ରମାଗତ ଭାବରେ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ହୋଇପଡୁଛନ୍ତି । ବିମାନ ଚାଳନା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପେଶା ଅଟେ, ଯେଉଁଥିରେ ସାମାନ୍ୟତମ ତ୍ରୁଟି ଅନେକ ଜୀବନ ନେଇପାରେ । ଜଣେ ବିମାନ ଚାଳକଙ୍କୁ ବିଭିନ୍ନ ଟାଇମ୍ ଜୋନ୍ ଅତିକ୍ରମ କରିବାକୁ ପଡ଼ିଥାଏ, ଯାହା ସେମାନଙ୍କ ଶରୀରର ସ୍ୱାଭାବିକ ଜୈବିକ ଘଣ୍ଟା ବା ସର୍କାଡିଆନ୍ ରିଦିମ୍ କୁ ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ କରିଥାଏ । ରାତି ଅନିଦ୍ରା ହୋଇ କ୍ରମାଗତ ଭାବରେ ବିମାନ ଉଡ଼ାଇବା, ପର୍ଯ୍ୟାପ୍ତ ବିଶ୍ରାମ ନ ମିଳିବା ଏବଂ ବିମାନ କମ୍ପାନୀଗୁଡ଼ିକର ଅମାନବୀୟ ରୋଷ୍ଟରିଂ ପ୍ରକ୍ରିୟା ଯୋଗୁଁ ପାଇଲଟମାନେ ଭୟଙ୍କର କ୍ଳାନ୍ତିର ଶିକାର ହେଉଛନ୍ତି । କ୍ରୋନିକ୍ ଫ୍ୟାଟିଗ୍ ବା ଦୀର୍ଘସ୍ଥାୟୀ କ୍ଳାନ୍ତି କେବଳ ଶାରୀରିକ ଦୁର୍ବଳତା ସୃଷ୍ଟି କରେ ନାହିଁ, ବରଂ ଏହା ରକ୍ତଚାପ ବୃଦ୍ଧି, ହୃଦରୋଗ ଏବଂ ଅନ୍ୟାନ୍ୟ ଜୀବନନାଶକ ରୋଗର ଆଶଙ୍କାକୁ ମଧ୍ୟ ବହୁଗୁଣିତ କରିଦିଏ । ଏହି ଅତ୍ୟଧିକ କ୍ଳାନ୍ତ ଅବସ୍ଥାରେ ନିଷ୍ପତ୍ତି ନେବାର କ୍ଷମତା ଏବଂ ପ୍ରତିକ୍ରିୟା ସମୟ ବା ରିଆକ୍ସନ୍ ଟାଇମ୍ ଯଥେଷ୍ଟ କମିଯାଏ, ଯାହାକି ଆକାଶ ମାର୍ଗରେ କୌଣସି ଜରୁରୀକାଳୀନ ପରିସ୍ଥିତି ସମୟରେ ଏକ ବଡ଼ ଦୁର୍ଘଟଣାର କାରଣ ସାଜିପାରେ। ଏହିପରି ଏକ ଗମ୍ଭୀର ପରିସ୍ଥିତିରେ ମଧ୍ୟ ବିମାନ କମ୍ପାନୀଗୁଡ଼ିକ ନିଜର ବ୍ୟାବସାୟିକ ଲାଭକୁ ଦୃଷ୍ଟିରେ ରଖି ପାଇଲଟମାନଙ୍କୁ ବିଶ୍ରାମ ନେବା ପାଇଁ ସୁଯୋଗ ଦେଉନାହାନ୍ତି । ଯଦି କୌଣସି ପାଇଲଟ କ୍ଳାନ୍ତି କାରଣରୁ ଉଡ଼ାଣରୁ ଅବ୍ୟାହତି ମାଗନ୍ତି, ତେବେ ତାଙ୍କୁ ବିଭିନ୍ନ ଉପାୟରେ ହଇରାଣ କରାଯାଉଛି କିମ୍ବା ଦଣ୍ଡିତ କରାଯାଉଛି ବୋଲି ପାଇଲଟ ସଂଘ ବାରମ୍ବାର ଅଭିଯୋଗ କରିଆସିଛି ଯାହାକି ଏକ ଅତ୍ୟନ୍ତ ଚିନ୍ତାଜନକ ବିଷୟ କାରଣ ।

ଏହି ସଙ୍କଟର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାର ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବା ଡିଜିସିଏ ଗତ ଜାନୁଆରୀ ୨୦୨୪ ରେ ସଂଶୋଧିତ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ସ ବା ଏଫଡିଟିଏଲ ନିୟମାବଳୀ ଘୋଷଣା କରିଥିଲେ। ଏହି ନୂତନ ନିୟମାବଳୀରେ ବିମାନ ଚାଳକମାନଙ୍କ ସୁରକ୍ଷା ଏବଂ ବିଶ୍ରାମ ପାଇଁ ଅନେକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପୂର୍ବରୁ ପାଇଲଟମାନଙ୍କୁ ସପ୍ତାହରେ ମାତ୍ର ୩୬ ଘଣ୍ଟାର ବିଶ୍ରାମ ମିଳୁଥିବା ବେଳେ ନୂତନ ନିୟମରେ ଏହାକୁ ବୃଦ୍ଧି କରି ୪୮ ଘଣ୍ଟା କରାଯାଇଥିଲା । ସେହିପରି ଦୈନିକ ଉଡ଼ାଣ ଡ୍ୟୁଟି ସମୟକୁ ସର୍ବାଧିକ ୧୦ ଘଣ୍ଟାରେ ସୀମିତ ରଖାଯାଇଥିଲା ଏବଂ ରାତି ସମୟରେ ବିମାନ ଅବତରଣ ବା ନାଇଟ୍ ଲ୍ୟାଣ୍ଡିଂ ସଂଖ୍ୟାକୁ ସପ୍ତାହରେ ମାତ୍ର ଦୁଇ ଥର ମଧ୍ୟରେ ସୀମିତ କରାଯାଇଥିଲା । ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଏହା ଭାରତୀୟ ବିମାନ ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଦାବି କରିଥିଲେ । ଏହି ନିୟମଗୁଡ଼ିକ ଜୁନ୍ ୧, ୨୦୨୪ ରୁ କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ନିୟମଗୁଡ଼ିକ କେବଳ କାଗଜପତ୍ରରେ ହିଁ ସୀମିତ ରହିଗଲା । ଯେତେବେଳେ ଏହି ନିୟମକୁ ଲାଗୁ କରିବାର ସମୟ ଆସିଲା, ସେତେବେଳେ ଦେଶର ପ୍ରମୁଖ ଘରୋଇ ବିମାନ କମ୍ପାନୀଗୁଡ଼ିକ ଏହାକୁ ତୀବ୍ର ବିରୋଧ କରିଥିଲେ । ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସର ଆକଳନ ଅନୁଯାୟୀ, ଯଦି ଏହି ନୂତନ ବିଶ୍ରାମ ନିୟମ ଲାଗୁ ହୁଏ, ତେବେ ବିମାନ କମ୍ପାନୀଗୁଡ଼ିକୁ ସେମାନଙ୍କର ପ୍ରାୟ ୨୦ ପ୍ରତିଶତ ଉଡ଼ାଣ ବାତିଲ କରିବାକୁ ପଡ଼ିବ କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ସଂଖ୍ୟକ ପାଇଲଟ ନାହାନ୍ତି । ଏହି ନିୟମ ପାଳନ କରିବାକୁ ହେଲେ ଏୟାରଲାଇନ୍ସଗୁଡ଼ିକୁ ଅତିରିକ୍ତ ୧୫ ରୁ ୨୦ ପ୍ରତିଶତ ନୂଆ ପାଇଲଟ ନିଯୁକ୍ତି ଦେବାକୁ ପଡ଼ିବ, ଯାହା ସେମାନଙ୍କ ଉପରେ ଏକ ବଡ଼ ଆର୍ଥିକ ବୋଝ ପକାଇବ । ଏହି ବ୍ୟାବସାୟିକ ଚାପ ଆଗରେ ସରକାର ମୁଣ୍ଡ ନୁଆଁଇଲେ ଏବଂ ନୂତନ ନିୟମର କାର୍ଯ୍ୟକାରିତାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଲେ । ସରକାର ଏହି ନିୟମ ଲାଗୁ କରିବା ପାଇଁ ଏୟାରଲାଇନ୍ସଗୁଡ଼ିକୁ ବାରମ୍ବାର କୋହଳ ବ୍ୟବସ୍ଥା ବା ରିଲାକ୍ସେସନ୍ ପ୍ରଦାନ କରିଚାଲିଛନ୍ତି । ଉଦାହରଣ ସ୍ୱରୂପ, ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ ଭଳି ବଡ଼ କମ୍ପାନୀଗୁଡ଼ିକୁ ଦୀର୍ଘ ଦୂରତା ଉଡ଼ାଣ ପାଇଁ ସ୍ୱତନ୍ତ୍ର ରିହାତି ଦିଆଯାଇଛି । ଏହିଭଳି ଭାବରେ ସୁରକ୍ଷା ନିୟମକୁ ଅଣଦେଖା କରିବା ଏକ ସୁସ୍ଥ ବ୍ୟବସ୍ଥାର ଲକ୍ଷଣ ନୁହେଁ ।

ବିମାନ କମ୍ପାନୀଗୁଡ଼ିକର ଏହି ମନମୁଖୀ କାର୍ଯ୍ୟ ଏବଂ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଆଲପା ଦୃଢ଼ ସ୍ୱର ଉତ୍ତୋଳନ କରିଛି । ଆଲପା ପକ୍ଷରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଲେଖାଯାଇଥିବା ଏକ ପତ୍ରରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ବାରମ୍ବାର ନିୟମ କୋହଳ କରିବା ଦ୍ୱାରା ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ସର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ଯେଉଁ ରିହାତିଗୁଡ଼ିକ କେବଳ ଏକ ସାମୟିକ ବ୍ୟବସ୍ଥା ବା ଜରୁରୀକାଳୀନ ସ୍ଥିତି ପାଇଁ ଦିଆଯାଇଥିଲା, ତାହା ଏବେ ନିୟମିତ ଅଭ୍ୟାସରେ ପରିଣତ ହୋଇଛି। ଏହାର ଅର୍ଥ ହେଉଛି ବିମାନ କମ୍ପାନୀଗୁଡ଼ିକ କୌଣସି ସୁରକ୍ଷା ବଫର୍ ବିନା ନିୟାମକ ସୀମାର ଶେଷ ବିନ୍ଦୁରେ କାର୍ଯ୍ୟ କରୁଛନ୍ତି । ଏହାଦ୍ୱାରା ପାଇଲଟମାନଙ୍କ ଉପରେ କାର୍ଯ୍ୟଭାର ଅତ୍ୟଧିକ ବଢ଼ିଯାଉଛି ଏବଂ ସେମାନଙ୍କର ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ଗୁରୁତର ପ୍ରଭାବ ପଡୁଛି । ଆଲପା ଦାବି କରିଛି ଯେ ଡିଜିସିଏ ତୁରନ୍ତ ଏହି ସମସ୍ତ କୋହଳ ବ୍ୟବସ୍ଥାକୁ ପ୍ରତ୍ୟାହାର କରୁ ଏବଂ ନୂତନ ଏଫଡିଟିଏଲ ନିୟମକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ଲାଗୁ କରୁ । ଏହା ସହିତ ପାଇଲଟମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଯେପରିକି ସ୍ଥାୟୀ ଡାକ୍ତରୀ ଅନୁପଯୁକ୍ତତା ବା ପିଏମୟୁ ଏବଂ ଅସ୍ଥାୟୀ ଡାକ୍ତରୀ ଅନୁପଯୁକ୍ତତା ବା ଟିଏମୟୁ ଆକଳନକୁ ନିୟମିତ ବ୍ୟବଧାନରେ ସାର୍ବଜନୀନ କରାଯିବା ଉଚିତ ବୋଲି ସଂଘ ଦାବି କରିଛି । ଏହି ତଥ୍ୟଗୁଡ଼ିକୁ ଗୋପନ ରଖିବା ଦ୍ୱାରା ବିମାନ ସୁରକ୍ଷା ପ୍ରତି ଥିବା ବିପଦକୁ ଲୁଚାଇବାର ପ୍ରୟାସ କରାଯାଉଛି ବୋଲି ଏକ ସାଧାରଣ ଧାରଣା ସୃଷ୍ଟି ହେଉଛି । ଏକ ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଫାଟିଗ୍ ରିପୋର୍ଟିଂ ସିଷ୍ଟମ୍ ବା କ୍ଳାନ୍ତି ରିପୋର୍ଟ କରିବା ବ୍ୟବସ୍ଥା ଦେଶରେ ନିହାତି ଆବଶ୍ୟକ, ଯାହାଦ୍ୱାରା ପାଇଲଟମାନେ ବିନା କୌଣସି ଭୟରେ ନିଜର ଅସୁବିଧା ବିଷୟରେ କର୍ତ୍ତୃପକ୍ଷଙ୍କୁ ଜଣାଇପାରିବେ । ଲଗାତାର ରାତି ଡ୍ୟୁଟି କରିବା ଦ୍ୱାରା ପାଇଲଟମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବକୁ ମଧ୍ୟ ସଂଘ ଗୁରୁତ୍ୱର ସହ ନେଇଛି ଏବଂ ଏଥିପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଛି । ବାସ୍ତବରେ, ବିମାନ କମ୍ପାନୀଗୁଡ଼ିକ ପାଇଁ ମାନବ ସମ୍ବଳ କେବଳ ଏକ ଯନ୍ତ୍ର ନୁହେଁ, ବରଂ ସେମାନେ ମଣିଷ ଅଟନ୍ତି ଏବଂ ସେମାନଙ୍କର ଶାରୀରିକ ସୀମାକୁ ସମ୍ମାନ ଦେବା ନିହାତି ଜରୁରୀ ।

ବିଶ୍ୱ ସ୍ତରରେ ବିମାନ ଚଳାଚଳ ସୁରକ୍ଷା ନିୟମାବଳୀକୁ ଅତ୍ୟନ୍ତ କଡ଼ାକଡ଼ି ଭାବରେ ପାଳନ କରାଯାଏ । ୟୁରୋପ ଏବଂ ଆମେରିକା ଭଳି ଦେଶଗୁଡ଼ିକରେ ଫେଡେରାଲ୍ ଆଭିଏସନ୍ ଆଡମିନିଷ୍ଟ୍ରେସନ୍ ଏବଂ ୟୁରୋପିଆନ୍ ୟୁନିଅନ୍ ଆଭିଏସନ୍ ସେଫ୍ଟି ଏଜେନ୍ସି ଦ୍ୱାରା ପାଇଲଟମାନଙ୍କ ବିଶ୍ରାମ ଏବଂ କାର୍ଯ୍ୟ ସମୟକୁ ନେଇ କଠୋର ନିୟମ ରହିଛି, ଯାହାକୁ ଉଲ୍ଲଂଘନ କଲେ ବିମାନ କମ୍ପାନୀଗୁଡ଼ିକୁ ଭାରି ଜୋରିମାନା ଦେବାକୁ ପଡ଼ିଥାଏ ଏବଂ ସେମାନଙ୍କର ଲାଇସେନ୍ସ ମଧ୍ୟ ରଦ୍ଦ ହୋଇପାରେ । କିନ୍ତୁ ଭାରତରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଏଠାରେ ନିୟମ ଅଛି, କିନ୍ତୁ ତାହାର କାର୍ଯ୍ୟକାରିତା ଶୂନ । ଆର୍ଥିକ ଲାଭ ଆଗରେ ମଣିଷ ଜୀବନର ମୂଲ୍ୟ ଯେପରି ତୁଚ୍ଛ ହୋଇଯାଇଛି । ଭାରତୀୟ ଏୟାରଲାଇନ୍ସଗୁଡ଼ିକ ହଜାର ହଜାର ନୂଆ ବିମାନ କିଣିବା ପାଇଁ ଅର୍ଡର ଦେଉଛନ୍ତି। କିନ୍ତୁ ସେହି ଅନୁପାତରେ ନୂଆ ପାଇଲଟମାନଙ୍କୁ ପ୍ରଶିକ୍ଷଣ ଏବଂ ନିଯୁକ୍ତି ଦିଆଯାଉ ନାହିଁ । ଏୟାରଲାଇନ୍ସଗୁଡ଼ିକ ନିଜର ପରିଚାଳନା ଖର୍ଚ୍ଚ କମାଇବା ପାଇଁ ଏବଂ ଅଧିକ ଲାଭ କମାଇବା ପାଇଁ ବିଦ୍ୟମାନ ପାଇଲଟମାନଙ୍କ ଉପରେ ଅତ୍ୟଧିକ ବୋଝ ଲଦି ଦେଉଛନ୍ତି । ନୂଆ ପାଇଲଟ ନିଯୁକ୍ତି ନ କରିବା ଏବଂ ପୁରୁଣା ପାଇଲଟମାନଙ୍କୁ ସେମାନଙ୍କ କ୍ଷମତାରୁ ଅଧିକ କାମ କରାଇବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । ଏହାର ପରିଣାମ ସ୍ୱରୂପ ଆମେ ଦେଖୁଛୁ ଯେ ୪୦ ରୁ ୫୦ ବର୍ଷ ବୟସର ସୁସ୍ଥସବଳ ପାଇଲଟମାନେ ହଠାତ୍ ହୃଦଘାତର ଶିକାର ହେଉଛନ୍ତି। ଏହା କେବଳ ସେହି ପାଇଲଟ ଏବଂ ତାଙ୍କ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ଦେଶ ପାଇଁ ଏକ ଚିନ୍ତାର ବିଷୟ । ଯଦି ଉଡ଼ାଣ ସମୟରେ ଆକାଶ ମଧ୍ୟରେ କୌଣସି ପାଇଲଟଙ୍କ ସହିତ ଏଭଳି ଅଘଟଣ ଘଟେ, ତେବେ ବିମାନରେ ଥିବା ଶହ ଶହ ନିରୀହ ଯାତ୍ରୀଙ୍କ ଜୀବନ ବିପନ୍ନ ହୋଇପାରେ ।

ଏହି ସମଗ୍ର ଘଟଣାକ୍ରମ ଆମ ଦେଶର ଶ୍ରମ ଆଇନ ଏବଂ କର୍ମଜୀବୀମାନଙ୍କ ଅଧିକାର ସମ୍ପର୍କରେ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କେବଳ ବିମାନ ଚଳାଚଳ କ୍ଷେତ୍ର ନୁହେଁ, ବରଂ ଅନେକ କର୍ପୋରେଟ୍ ସେକ୍ଟରରେ କର୍ମଚାରୀମାନଙ୍କୁ ଯନ୍ତ୍ର ଭଳି ବ୍ୟବହାର କରାଯାଉଛି ଏବଂ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଉଛି । ତଥାପି ବିମାନ ସେବା ଭଳି ଏକ ଅତ୍ୟାବଶ୍ୟକ ତଥା ବିପଦପୂର୍ଣ୍ଣ ସେବାରେ ଏପରି ଅବହେଳା ଆଦୌ କ୍ଷମଣୀୟ ନୁହେଁ । ଏହା ସହିତ ସରକାରଙ୍କ ଦ୍ୱାରା ନିର୍ମିତ ନିୟମଗୁଡ଼ିକୁ କିପରି ପୁଞ୍ଜିପତିମାନଙ୍କ ଚାପରେ ବଦଳାଇ ଦିଆଯାଉଛି ବା ସ୍ଥଗିତ ରଖାଯାଉଛି, ତାହାର ଏହା ଏକ ଜ୍ୱଳନ୍ତ ଉଦାହରଣ। ଏକ ସୁଦୃଢ଼ ଏବଂ ସୁରକ୍ଷିତ ବିମାନ ଚଳାଚଳ ଇକୋସିଷ୍ଟମ୍ ଗଠନ କରିବା ପାଇଁ ନିରନ୍ତର ତଦାରଖ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଏହି ମୃତ୍ୟୁଗୁଡ଼ିକ କେବଳ ଏକ ପରିସଂଖ୍ୟାନ ହୋଇ ରହିଯିବା ଉଚିତ ନୁହେଁ, ବରଂ ଏହା ଏକ ବ୍ୟବସ୍ଥାଗତ ପରିବର୍ତ୍ତନ ପାଇଁ ଆଲାର୍ମ ବେଲ୍ ବା ବିପଦ ଘଣ୍ଟି ସଦୃଶ କାମ କରିବା ଆବଶ୍ୟକ ।

ବିମାନ କମ୍ପାନୀଗୁଡ଼ିକ ନିଜର ବ୍ୟାବସାୟିକ ମଡେଲରେ ପରିବର୍ତ୍ତନ ଆଣି ପର୍ଯ୍ୟାପ୍ତ ସଂଖ୍ୟକ ପାଇଲଟ ନିଯୁକ୍ତି ଦେବା ଉଚିତ, ଯାହାଦ୍ୱାରା କାହାରି ଉପରେ ଅତ୍ୟଧିକ ଚାପ ପଡ଼ିବ ନାହିଁ । ଏହା ସହିତ ପାଇଲଟମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମାନସିକ ସ୍ତରରେ ସେମାନଙ୍କୁ ସୁଦୃଢ଼ ରଖିବା ପାଇଁ ସ୍ୱତନ୍ତ୍ର ପରାମର୍ଶ ବ୍ୟବସ୍ଥା ମଧ୍ୟ କରାଯିବା ଉଚିତ । ଯଦି ସରକାର ଏବଂ ବିମାନ କମ୍ପାନୀଗୁଡ଼ିକ ଏବେ ବି ଚେତିବେ ନାହିଁ ଏବଂ ଏହି ସମସ୍ୟାକୁ ଅଣଦେଖା କରିଚାଲିବେ, ତେବେ ଭବିଷ୍ୟତରେ ଆମକୁ ଏହାର ଏକ ବହୁତ ବଡ଼ ମୂଲ୍ୟ ଦେବାକୁ ପଡ଼ିବ, ଯାହାକି ଏକ ବଡ଼ ବିମାନ ଦୁର୍ଘଟଣା ରୂପରେ ମଧ୍ୟ ଆସିପାରେ । ବିମାନ ଚାଳକମାନେ ଆକାଶର ରକ୍ଷକ ଅଟନ୍ତି, ସେମାନଙ୍କ ଜୀବନ ସୁରକ୍ଷିତ ରହିଲେ ହିଁ ପ୍ରତ୍ୟେକ ଯାତ୍ରୀ ସୁରକ୍ଷିତ ଭାବରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ । ସମୟ ଆସିଛି, ବ୍ୟାବସାୟିକ ଲାଭ କ୍ଷତିର ହିସାବ ଛାଡ଼ି ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉ ।

# କାଣିଚାଏ ସମୟ



## କାନନ ବାଳା ନାୟକ

ବୋଉକୁ ଯିବାର ଆଜି ୧୫ ଦିନ ହେଲା। ଶେଷକୃତ୍ୟର ସବୁ କାମ ସୁରୁଖୁରୁରେ ସରିଗଲା। ବନ୍ଧୁବାନ୍ଧବ, କୁଣିଆ-ମୈତ୍ର ଯିଏ ସବୁ ଆସିଥିଲେ, ନିଜ ନିଜ ଘରକୁ ଫେରିଗଲେଣି। ବୋଉ ଯେ ହଠାତ୍ ଏମିତି ହୃଦ୍‌ଘାତରେ ଚାଲିଯିବ, ଏକଥାକୁ ବିଶ୍ୱାସ କରିପାରୁନଥିଲେ ମୁକ୍ତିକାନ୍ତ ବାବୁ। ବୋଉ ପୂରା ସୁସ୍ଥ ଥିଲା। ନା କୌଣସି ରୋଗ ଥିଲା, ନା ଟଙ୍କାକର ଔଷଧ ଖାଉଥିଲା। ସେଦିନ ପିଣ୍ଡାରେ ବସି ବୋହୂ ପ୍ରମିଳା ସହ ଗପସପ ହେଉଥିବା ସମୟରେ ହଠାତ୍ କହିଲା — 'ମୋ ଛାତିଟା କଣ ହୋଇ ଯାଉଛି !' ତା'ପରେ ସେଇ ଚେୟାରର ହାତରେ ମୁଣ୍ଡ ରଖିଦେଲା ଯେ ଆଉ ଉଠିଲାନି। ଡାକ୍ତରଖାନା ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ।

ଶୁଦ୍ଧିକ୍ରିୟାର ଭିଡ଼ ଓ ହୋ-ହାଲ୍ଲା ଭିତରେ ମୁକ୍ତିକାନ୍ତ ବାବୁ ବୋଉର ଅନୁପସ୍ଥିତିକୁ ଏତେଟା ଅନୁଭବ କରି ପାରୁନଥିଲେ। କିନ୍ତୁ ସମସ୍ତେ ଗଲା ପରେ ଆଜି ପ୍ରଥମ ଥର ପାଇଁ ତାଙ୍କୁ ଘରଟା ଖାଁ ଖାଁ ଲାଗୁଛି। ଚାରିଆଡୁ ବୋଉର ପାଟି ଶୁଣାଯାଉଛି— 'ବାବୁ, ଅଫିସରୁ କେତେବେଳେ ଆସିଲୁ ? କେତେବେଳେ ବୋହୂକୁ ଡାକ ପକାଉଛି— 'ପ୍ରମିଳା ! କୁଆଡ଼େ ଗଲୁ ? ବାବୁ ଆସିଲାଣି, ତାକୁ ଖାଇବାକୁ ଦେ।'

ମୁକ୍ତିକାନ୍ତ ବାବୁ ବୋଉର ଭାବନାରେ ବୁଡ଼ି ରହିଥିବା ବେଳେ ସ୍ତ୍ରୀ ପ୍ରମିଳା ଆସି ତାଙ୍କ ହାତକୁ ଏକ ଡାଇରୀ ବଢ଼ାଇଦେଲେ। ପ୍ରମିଳା କହିଲେ, ବୋଉ କହିଥିଲେ ତାଙ୍କ ମୃତ୍ୟୁ ପରେ ଏଇଟା ତୁମକୁ ଦେବା ପାଇଁ। କିଛି ଦିନ ତଳେ ବୋଉ ଏଇ ଡ଼ାଇରୀଟିକୁ ମୋ ହାତକୁ ବଢ଼ାଇ ଦେଇ କହିଥିଲେ— 'ମୋର ଯଦି କେବେ କିଛି ହୋଇଯାଏ, ତେବେ ଏଇଟା ବାବୁକୁ ଦେଇଦେବୁ।

ପ୍ରମିଳାଙ୍କ ହାତରୁ ଡ଼ାଇରୀଟି ନେଇ ମୁକ୍ତିକାନ୍ତ ବାବୁ ଧୀରେ ଧୀରେ ଡାଇରୀର ପୃଷ୍ଠା ଓଲଟାଇ ପଢ଼ିବାକୁ ଆରମ୍ଭ କଲେ: ବୋଉ ଆରମ୍ଭ କରିଥିଲା-

'ବାବୁ, ଏଇ ଜୀବନଟା ସବୁବେଳେ ଅନିଶ୍ଚିତ। କେତେବେଳେ କାହାର ପ୍ରାଣପକ୍ଷୀ ଉଡ଼ିଯିବ, ତାହା କେହି ଜାଣିନାହାନ୍ତି। ତେଣୁ ମୁଁ ମୋ ମନର କଥା ଏଇ ଡାଇରୀରେ ଲେଖୁଛି। ତୁ ଭାବୁଥିବୁ, ମୁଁ ମୋ ମନ କଥା ତୋତେ ନକହି ଏଇ ଡ଼ାଇରୀରେ କାହିଁକି ଲେଖୁଛି ? ବାବୁରେ, ତୋତେ ଯେବେ ବି ମୋ ପାଖରେ ଟିକେ ବସିବାକୁ କହିଛି, ତୁ କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ ଗୋଟେ ମୁହୂର୍ତ୍ତ ବି ମୋ ପାଖରେ ବସିନୁ। ମୁଁ ମୋ ମନ କଥା କହନ୍ତି କେମିତି ? ଜାଣୁ ପିଲାମାନେ ବଡ଼ ହୋଇ ଯେତେବେଳେ ନିଜ ସଂସାରରେ ବ୍ୟସ୍ତ ହୋଇଯାଆନ୍ତି, ସେତେବେଳେ ବାପା-ମାଆ ପୂରା ଏକୁଟିଆ ଅନୁଭବ କରନ୍ତି। ସେମାନେ ପଦେ କଥା ହେବା ପାଇଁ ବିକଳ ହୁଅନ୍ତି। ପିଲାଙ୍କ ଠାରୁ କଟୁ କଥା ଶୁଣିଲେ ମଧ୍ୟ ସେମାନଙ୍କୁ ପାଖକୁ ଡାକନ୍ତି। ସେମାନେ କେବଳ ଚାହାଁନ୍ତି, ପିଲାମାନେ ତାଙ୍କ ସହ ଟିକେ ସୁଖ-ଦୁଃଖ ହୁଅନ୍ତୁ। ତୋ ବାପା ଗଲା ପରେ ତ ମୁଁ ସମ୍ପୂର୍ଣ୍ଣ ଏକୁଟିଆ ହୋଇ ଯାଇଥିଲି।ମୁଁ ମଧ୍ୟ ଚାହୁଁଥିଲି ତୁ ଟିକେ ମୋ ପାଖରେ ବସନ୍ତୁ, ମୋ ସହ କଥା ହୁଅନ୍ତୁ। ମୋ ମନ କଥା ବୁଝନ୍ତୁ। ମୋତେ କ'ଣ ଖାଇବାକୁ ଭଲ ଲାଗେ ପଚାରନ୍ତୁ, କେଉଁଆଡ଼େ ଟିକେ ବୁଲାଇ ନିଅନ୍ତୁ।

ବାବୁରେ ମୋ ଶରୀରର ବୟସ ସିନା ବଢ଼ୁଛି, ହେଲେ ମନ ! ମନର କ'ଣ ବୟସ ଅଛି ? ମୋ ମନଟା ସବୁବେଳେ ତୋ ସହ ପଦେ କଥା ହେବାକୁ ବ୍ୟାକୁଳ ହୁଏ। ଇଚ୍ଛା ହୁଏ ତୋ ମୁଣ୍ଡଟା ଟିକେ ଆଉଁସି ଦେବାକୁ। ମନେପଡ଼େ, ପିଲାବେଳେ ତୁ କେମିତି ମୋ କୋଳରେ ମୁଣ୍ଡ ରଖୁଥିଲୁ, ମୁଁ ନ ଆଉଁସିବା ପର୍ଯ୍ୟନ୍ତ ଶୋଉନଥିଲୁ। ପିଲାମାନେ ଯେତେ ବଡ଼ ହେଲେ ବି ମାଆ ପାଇଁ ସେଇ ଛୁଆ ହୋଇ ରହନ୍ତି। ଯେଉଁ ପିଲା ଛୋଟବେଳେ ମାଆକୁ ନଦେଖିଲେ ଦଣ୍ଡେ ରହି ପାରୁନଥିଲା, ସେ ବଡ଼ ହେଲା ପରେ କେମିତି ଭୁଲିଯାଏ ଯେ ବାପା-ମାଆଙ୍କୁ ଦଣ୍ଡେ ସମୟ ନଦେଲେ ସମାନଙ୍କୁ କେମିତି ଲାଗୁଥିବ ? ବୋଉର ହାତଲେଖା ପଢ଼ି ମୁକ୍ତିକାନ୍ତଙ୍କ ଆଖିରୁ ଲୁହ ଧାରେ ଗଡ଼ିଆସି ଡାଇରୀର ପୃଷ୍ଠାକୁ ଭିଜାଇ ଦେଲା। ସେ ସେଇଠି ଅଟକି ଯାଇଥିଲେ। ବୋଉର ସେଇ ଶେଷ କେଇଧାଡ଼ି ତାଙ୍କ ଛାତିକୁ କଣେଇ ଦେଉଥିଲା। ସେ ପୁଣି ପଢ଼ିଲେ:

'ମୁଁ ଜାଣେ, ତୁ ଭାବୁଥିବୁ ବୋଉର କ'ଣ ଅଭାବ ଅଛି ? ଭଲ ଖାଇବା, ଭଲ ପିନ୍ଧିବା ଆଉ ଏତେ ବଡ଼ କୋଠା ଘର। ହେଲେ ବାବୁ, ବାର୍ଦ୍ଧକ୍ୟରେ ମଣିଷକୁ ପେଟଭରା ଖାଦ୍ୟ ଯେତିକି ଦରକାର ନଥାଏ, ମନଭରା କଥା ପଦେ ତା'ଠାରୁ ଅଧିକ ଦରକାର ଥାଏ। ତୁ ଅଫିସରୁ ଆସିଲେ ମୁଁ ଚାହୁଁଥିଲି ତୁ ଟିକେ ମୋ ପାଖରେ ବସନ୍ତୁ। ମୁଁ ଗୋଡ଼ ଘଷିବାକୁ କହୁନଥିଲି, ବସି କେବଳ ପଚାରନ୍ତୁ— 'ବୋଉ, ଆଜି ଦିନଟା ତୋର କେମିତି କଟିଲା ?

ମୁକ୍ତିକାନ୍ତ ବାବୁଙ୍କର ମନେପଡ଼ିଗଲା, ପ୍ରତିଦିନ ସେ ଅଫିସରୁ ଫେରିବା ବେଳେ ବୋଉ ବାରଣ୍ଡାରେ ବସି ତାଙ୍କୁ ଅପେକ୍ଷା କରିଥାଏ। ସେ କିନ୍ତୁ 'ବହୁତ କ୍ଳାନ୍ତ ଅଛି' କହି ନିଜ ରୁମ୍‌କୁ ଚାଲିଯାଆନ୍ତି। କେବେ କେବେ ବୋଉ କିଛି କହିବାକୁ ଚେଷ୍ଟା କଲେ ସେ ବିରକ୍ତିରେ କୁହନ୍ତି— 'ବୋଉ ! ସେ ପୁରୁଣା କଥା କହି ମୋ ମୁଣ୍ଡ ଖରାପ କରନି ତ।'

ଡାଇରୀର ଶେଷ ପୃଷ୍ଠାରେ ଲେଖାଥିଲା:

ବାବୁରେ, ଜୀବନରେ ତୁ ଅନେକ ଅର୍ଥ ଓ ସମ୍ପତ୍ତି ଅର୍ଜନ କରିପାରିବୁ, କିନ୍ତୁ ବିତିଯାଇଥିବା ସମୟ ଆଉ ଚାଲିଯାଇଥିବା ବାପା-ମାଆଙ୍କୁ କେବେ ଫେରାଇ ଆଣି ପାରିବୁନି। ମୁଁ ଗଲା ପରେ ତୁ ମୋ କଥାର ସତ୍ୟତା ଉପଲବ୍ଧି କରିବୁ। ତୋ ପାଖରେ ସବୁ ଥିବ, କିନ୍ତୁ ମୋ ଆଶୀର୍ବାଦର ହାତ କି ପରାମର୍ଶ ଦେବାକୁ ମୁଁ ନଥିବି। ଆଉ ଅଧିକ ଲେଖି ତୋର ଅଧିକ ସମୟ ନେବିନି।

ରହୁଛି,

ତୋ 'ବୋଉ।'

ମୁକ୍ତିକାନ୍ତ ଡାଇରୀଟିକୁ ଛାତିରେ ଚାପି ଧରିଲେ।ତାଙ୍କ ହୃଦୟ କୋହରେ ଫାଟି ପଡୁଥିଲା। ଆଜି ତାଙ୍କ ପାଖରେ ପ୍ରଚୁର ସମୟ ଅଛି, କିନ୍ତୁ ସେଇ ସମୟ ନେବା ପାଇଁ ବୋଉ ନାହିଁ। ଘରର ପ୍ରତିଟି କୋଣ ଆଜି ତାଙ୍କୁ ପରିହାସ କରୁଛି । ସେ ବୁଝିପାରିଲେ ଯେ, ମଣିଷ ସଫଳତା ପଛରେ ଦଉଡ଼ି ଦଉଡ଼ି ଆପଣାର ମଣିଷମାନଙ୍କ ପାଇଁ 'କାଣିଚାଏ ସମୟ ବାହାର' କରିପାରୁନାହୁଁ, ଯାହାର ମୂଲ୍ୟ ପରବର୍ତ୍ତୀ ସମୟରେ କେବଳ ଅନୁଶୋଚନା ଛଡ଼ା ଆଉ କିଛି ହୋଇ ନଥାଏ।

ରାତି ବଢ଼ୁଥିଲା ବାହାରେ ଅନ୍ଧାର ଘୋଟି ଆସୁଥିଲା, ଆଉ ମୁକ୍ତିକାନ୍ତ ବାବୁ ସେଇ ଅନ୍ଧାର ଭିତରେ ବୋଉର ଶୂନ୍ୟ ଚେୟାରକୁ ଚାହିଁ ରହିଥିଲେ— ଯେଉଁଠି ବୋଉ ଶେଷ ନିଶ୍ୱାସ ତ୍ୟାଗ କରିଥିଲା, କେବଳ କାଣିଚାଏ ସମୟ ଆଉ ଟିକିଏ ସ୍ନେହ ଓ ଭଲପାଇବାର ପ୍ରତୀକ୍ଷାରେ।

+ଅତିରିକ୍ତ କମିଶନର (ଅପିଲ)
ଦ୍ରବ୍ୟ ଓ ସେବାକର, ପୁରୀ
ଚକଳା, ପୁରୀ

# ଶ୍ରମ, ଶ୍ରମିକ ଓ ଶ୍ରମ ସଂହିତା

## ଡ଼ଃ ସମୀର କୁମାର ନନ୍ଦ

ଏକ ଐତିହାସିକ ନିଷ୍ପତ୍ତିରେ, ଭାରତ ସରକାର ଚାରୋଟି ଶ୍ରମ ସଂହିତା - ମଜୁରୀ ସଂହିତା, ୨୦୧୯, ଶିଳ୍ପ ସମ୍ପର୍କ ସଂହିତା, ୨୦୨୦, ସାମାଜିକ ସୁରକ୍ଷା ସଂହିତା, ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା, ୨୦୨୦କୁ ୨୧ ନଭେମ୍ବର ୨୦୨୫ଠାରୁ କାର୍ଯ୍ୟକାରୀ କରିବାର ଘୋଷଣା କରିଛନ୍ତି। ଏହା ୨୯ଟି ପ୍ରଚଳିତ ଶ୍ରମ ଆଇନକୁ ଯୁକ୍ତିଯୁକ୍ତ କରିଛି । ଶ୍ରମ ନିୟମାବଳୀକୁ ଆଧୁନିକୀକରଣ କରି, ଶ୍ରମିକଙ୍କ କଲ୍ୟାଣକୁ ବୃଦ୍ଧି କରି ଏବଂ ଶ୍ରମ ଇକୋସିଷ୍ଟମକୁ କାର୍ଯ୍ୟର ବିକଶିତ ବିଶ୍ୱ ସହିତ ସମନ୍ୱୟ କରି, ଏହି ଐତିହାସିକ ପଦକ୍ଷେପ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ଏବଂ ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାରକୁ ଚାଳିତ କରୁଥିବା ଏକ ଦୃଢ଼, ସ୍ଥିର ଶିଳ୍ପ ପାଇଁ ମୂଳଦୁଆ ସ୍ଥାପନ କରିବ ।

ଭାରତର ଅନେକ ଶ୍ରମ ଆଇନ ସ୍ୱାଧୀନତା ପୂର୍ବ ଏବଂ ସ୍ୱାଧୀନତା ପରବର୍ତ୍ତୀ ଯୁଗ (୧୯୩୦-୧୯୫୦ ଦଶକ) ରେ ପ୍ରସ୍ତୁତ କରାଯାଇଥିଲା, ଯେତେବେଳେ ଅର୍ଥନୀତି ଏବଂ କାର୍ଯ୍ୟ ଜଗତ ମୌଳିକ ଭାବରେ ଭିନ୍ନ ଥିଲା। ଯଦିଓ ଅଧିକାଂଶ ପ୍ରମୁଖ ଅର୍ଥନୀତି ଗତ ଦଶନ୍ଧିଗୁଡ଼ିକରେ ସେମାନଙ୍କର ଶ୍ରମ ନିୟମାବଳୀକୁ ଅପଡେଟ୍ ଏବଂ ଏକୀକୃତ କରିଛି, ଭାରତ ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନରେ ବିସ୍ତାରିତ ଖଣ୍ଡିତ, ଜଟିଳ ଏବଂ ଅନେକ ଅଂଶରେ ପୁରୁଣା ବ୍ୟବସ୍ଥା ଅଧୀନରେ କାର୍ଯ୍ୟ କରିଆସୁଛି। ଏହି ପ୍ରତିବନ୍ଧକ ଢାଞ୍ଚାଗୁଡ଼ିକ ପରିବର୍ତ୍ତିତ ଅର୍ଥନୈତିକ ବାସ୍ତବତା ଏବଂ ନିଯୁକ୍ତିର ବିକଶିତ ରୂପ ସହିତ ତାଳ ଦେବା ପାଇଁ ସଂଘର୍ଷ କରୁଥିଲା, ଯାହା ଶ୍ରମିକ ଏବଂ ଶିଳ୍ପ ଉଭୟଙ୍କ ପାଇଁ ଅନିଶ୍ଚିତତା ଏବଂ ଅନୁପାଳନ ବୋଝ ବୃଦ୍ଧି କରୁଥିଲା। ଚାରୋଟି ଶ୍ରମ ସଂହିତାର କାର୍ଯ୍ୟାନ୍ୱୟନ ଉପନିବେଶବାଦୀ-ଯୁଗର ଗଠନରୁ ଆଗକୁ ବଢ଼ି ଆଧୁନିକ ବିଶ୍ୱ ଧାରା ସହିତ ସମନ୍ୱିତ ହେବାର ଏହି ଦୀର୍ଘକାଳୀନ ଆବଶ୍ୟକତାକୁ ସମାଧାନ କରିବ ।

ଦରମା ଠାରୁ ଆରମ୍ଭ କରି ଗ୍ରାଚ୍ୟୁଇଟି ପର୍ଯ୍ୟନ୍ତ ନିୟମ ବଦଳିଛି। ଗ୍ରାଚ୍ୟୁଇଟି ପିଏଫ ଏବଂ ପେନସନ ଆଦି ସାମାଜିକ ସୁରକ୍ଷାର ପରିସର ମଧ୍ୟ ବୃଦ୍ଧି କରାଯାଇଛି। ନୂଆ ଶ୍ରମ ସଂହିତା ଯୋଗୁ କମ୍ପାନୀ ମାନଙ୍କର ନିୟମ ମଧ୍ୟ ସରଳ ହେବ ଏବଂ ଅଧିକରୁ ଅଧିକ କର୍ମଚାରୀ ସୁରକ୍ଷା ଓ ସୁବିଧା ପାଇବେ ।ନୂଆ ଆଇନ ଆସିବା ଦ୍ୱାରା ପିଏଫ, ପେନ୍ସନ ସମେତ ଅବସର କାଳୀନ ପାଣ୍ଠିର ପରିମାଣ ବଢ଼ିବ । ଦଶନ୍ଧି ଦଶନ୍ଧି ଧରି ପ୍ରଚଳିତ ଆଇନ ଏବେ ବଦଳି ଯାଇଛି ଓ ଏହାଦ୍ୱାରା କୋଟି କୋଟି କର୍ମଚାରୀ ଉପକୃତ ହେବେ। ନୂଆ ବେତନ ଆଇନ ରେ ମଜୁରୀ ରେ ମୂଳ ଦରମା ମହଙ୍ଗା ଭତ୍ତା ଓ ରିଟେନିଙ୍ଗ ଭତ୍ତା ସାମିଲ କରାଯିବ ଏବଂ ନିଯୁକ୍ତି ଦାତାଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ କର୍ମଚାରୀଙ୍କ ମୋଟ ଦରମାର ଅତିକମରେ ୫୦% ଯେପରି ମୂଳ ଦରମା ଏବଂ ଅନ୍ୟାନ୍ୟ ଭତ୍ତା ସହ ଯୋଡି ହୋଇ ରହିବ । ଏହି ପରିବର୍ତ୍ତନ ଯୋଗୁ ଭବିଷ୍ୟ ନିଧି ବା ପିଏଫ, ଗ୍ରାଚ୍ୟୁଇଟି ଏବଂ ଅନ୍ୟାନ୍ୟ ସୁବିଧାରେ ସିଧା ସଳଖ ପରିବର୍ତ୍ତନ ଆସିବ । ଏହାଦ୍ୱାରା କମ୍ପାନୀ ଓ କର୍ମଚାରୀଙ୍କ ଅଂଶଧନ ମଧ୍ୟ ବୃଦ୍ଧି ପାଇବ ଯାହାର ଅର୍ଥ ହେଉଛି କର୍ମଚାରୀ ମାନଙ୍କ ହାତକୁ ଆସୁଥିବା ଦରମା କମି ଯାଇପାରେ । ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ହେଉଛି ସମସ୍ତ ଆଇନରେ ଦରମାର ସଂଜ୍ଞାକୁ ସମାନ କରିବା ଏବଂ ନିୟମରେ ଥିବା ତ୍ରୁଟି ଗୁଡିକୁ ଦୂର କରିବା। ଯଦି ନିଯୋଜକ ମାନେ ଖର୍ଚ୍ଚ ଭରଣା ପାଇଁ ଭତ୍ତାରେ କାଟ କରନ୍ତି ତେବେ ବି ଟେକ ହୋମ ଦରମା ହ୍ରାସ ପାଇବ । ବର୍ତ୍ତମାନ ଗ୍ରାଚୁଇଟି ର ଗଣନା ମଜୁରୀର ଆଧାରରେ କରାଯିବ ଯେଉଁଥିରେ ମୂଳ ଦରମା ଅନ୍ତର୍ଭୁକ୍ତ ହେବ କିନ୍ତୁ ଘରଭଡ଼ା ଓ ଗାଡି ଭତ୍ତାକୁ ବାଦ ଦିଆଯିବ ଯାହାଦ୍ୱାରା ମଧ୍ୟ ଦରମା କମି ଯାଇ ପାରେ ।

ନୂତନ ଶ୍ରମ ସଂହିତା ରେ ସ୍ଥିର - ଅବଧି କର୍ମଚାରୀ ଓ ଚୁକ୍ତିଭିତ୍ତିକ କର୍ମଚାରୀ ମାନଙ୍କୁ ଛୁଟି, ଚିକିତ୍ସା, ମଜୁରୀ ଏବଂ ସମସ୍ତ ସାମାଜିକ ସୁରକ୍ଷା ସହିତ ସ୍ଥାୟୀ କର୍ମଚାରୀଙ୍କ ପରି ସମସ୍ତ ସୁବିଧା ମିଳିବ ଏବଂ ପାଞ୍ଚ ବର୍ଷ ପରିବର୍ତ୍ତେ ଗୋଟିଏ ବର୍ଷ ପରେ ଗ୍ରାଚ୍ୟୁୟିଟିର ବ୍ୟବସ୍ଥା ରହିଛି। ଏଥିରେ ଗିଗ ଏବଂ ପ୍ଲାଟଫର୍ମ ଅର୍ଥାତ ଅନୌପଚାରିକ ବା ସ୍ୱୟଂ ଚାଳିତ ଶ୍ରମିକ ଓ ଏଗ୍ରେଗେଟର (ଏକତ୍ରକାରୀ, ସଂଗ୍ରହକର୍ତ୍ତା) ପରି କର୍ମଚାରୀଙ୍କ ପାଇଁ ସମ୍ଭାବନା ର ରାସ୍ତା ଖୋଲି ଦିଆଯାଇଛି ଯେଉଁଥିରେ କି ଆଧାର-ସଂଯୁକ୍ତ ୟୁନିଭର୍ସାଲ୍ ଆକାଉଣ୍ଟ୍ ନମ୍ବର କଲ୍ୟାଣ ଲାଭଗୁଡ଼ିକରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯିବାର ପ୍ରଚେଷ୍ଟା କରାଯାଇଛି । ଲିଙ୍ଗଗତ ଭେଦଭାବକୁ ଆଇନଗତ ଭାବରେ ନିଷିଦ୍ଧ କରାଯିବା ସହିତ ମହିଳା ଶ୍ରମିକ ମାନଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ କରିବା, ସମ୍ପ୍ରତି କ୍ରମେ ରାତ୍ରିକାଳୀନ ସିଫ୍ଟ, ଭୂତଳ ଖଣି ଏବଂ ଭାରି ଯନ୍ତ୍ରପାତି ସମେତ ସମସ୍ତ କାର୍ଯ୍ୟରେ ସୁରକ୍ଷା ବ୍ୟବସ୍ଥା ସହିତ କାର୍ଯ୍ୟ କରିବାପାଇଁ ଅନୁମତି ପ୍ରଦାନ କରାଯାଇଛି । ତାସହିତ ଅଭିଯୋଗ କମିଟିରେ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ବାଧ୍ୟତାମୂଳକ କରିବା ଏବଂ ମହିଳା କର୍ମଚାରୀମାନଙ୍କର ମାତାପିତାଙ୍କୁ ପରିବାର ପରିଭାଷାରେ ଯୋଡିବାର ଯୋଜନା କରାଯାଇଛି । ସମସ୍ତ ପ୍ରକାରର ଶ୍ରମିକ ମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରଦାନ, ନିଯୁକ୍ତି ପତ୍ର ପ୍ରଦାନ, ଛୁଟି ସମୟରେ ମଜୁରୀ ବ୍ୟବସ୍ଥା ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଳ ଦରମା ଅନୁଯାୟୀ ମଜୁରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେହିପରି ଏମଏସଏମ ଇ ଶ୍ରମିକ, ବିଡି ଓ ସିଗାର ଶ୍ରମିକ, ବୃକ୍ଷ ରୋପଣ ଶ୍ରମିକ , ଅଡିଓ ଭିଜୁଆଲ ଏବଂ ଡିଜିଟାଲ ମିଡ଼ିଆ କର୍ମୀ, ସାମ୍ବାଦିକ, ଡବିଙ୍ଗ କଳାକାର, ଖଣିଶ୍ରମିକ, ଇତ୍ୟାଦିଙ୍କ ପାଇଁ ପୃଥକପୃଥକ ଭାବରେ ସର୍ବ ନିମ୍ନ ମଜୁରୀ, କାର୍ଯ୍ୟ ନିର୍ଘଣ୍ଟ, ଓଭର ଟାଇମ, ସ୍ୱାସ୍ଥ୍ୟ ପରୀକ୍ଷା ପରି ଅନେକ ମୂଲ୍ୟବାନ ଦିଗକୁ ତର୍ଜମା କରାଯାଇ ସୁବିଧା କରାଯାଇଛି।

ଶ୍ରମ ସଂହିତାର ଖସଡ଼ା ପ୍ରସ୍ତୁତ ସମୟରେ କରାଯାଇଥିବା ବ୍ୟାପକ ପରାମର୍ଶ ଅନୁଯାୟୀ, ସରକାର ସଂହିତା ଅଧୀନରେ ସମ୍ପୃକ୍ତ ନିୟମ, ନିୟମାବଳୀ, ଯୋଜନା ଇତ୍ୟାଦି ଗଠନରେ ଜନସାଧାରଣ ଏବଂ ଅଂଶୀଦାର ମାନଙ୍କୁ ନିୟୋଜିତ କରିବେ। ପରିବର୍ତ୍ତନ ସମୟରେ, ବିଦ୍ୟମାନ ଶ୍ରମ ଆଇନ ଏବଂ ସେମାନଙ୍କର ସମ୍ପୃକ୍ତ ନିୟମ, ନିୟମାବଳୀ, ବିଜ୍ଞପ୍ତି, ମାନଦଣ୍ଡ, ଯୋଜନା ଇତ୍ୟାଦିର ପ୍ରାସଙ୍ଗିକ ବ୍ୟବସ୍ଥା ବଳବତ୍ତର ରହିବ।

ଗତ ଦଶନ୍ଧି ମଧ୍ୟରେ, ଭାରତ ସାମାଜିକ ସୁରକ୍ଷା କଭରେଜକୁ ନାଟକୀୟ ଭାବରେ ବିସ୍ତାର କରିଛି, ଯାହା ୨୦୧୫ରେ ପ୍ରାୟ ୧୯% କାର୍ଯ୍ୟଶକ୍ତିରୁ ୨୦୨୫ରେ ୬୪% ରୁ ଅଧିକ ହୋଇଛି, ଯାହା ଦେଶବ୍ୟାପୀ ଶ୍ରମିକଙ୍କ ପାଖରେ ସୁରକ୍ଷା ଏବଂ ମର୍ଯ୍ୟାଦା ପହଞ୍ଚାଇବା ସୁନିଶ୍ଚିତ କରୁଛି, ଏବଂ ସାମାଜିକ ସୁରକ୍ଷାରେ ଏହି ମାଇଲଖୁଣ୍ଟ ସଫଳତା ପାଇଁ ବିଶ୍ୱ ସ୍ତରରେ ସ୍ୱୀକୃତି ମଧ୍ୟ ହାସଲ କରିଛି। ବିସ୍ତାରିତ ସାମାଜିକ ସୁରକ୍ଷା, ଦୃଢ଼ ସୁରକ୍ଷା ଏବଂ ଅଧିକାରର ଦେଶବ୍ୟାପୀ ପୋର୍ଟେବିଲିଟି ସହିତ, ସଂହିତା ଶ୍ରମିକମାନଙ୍କୁ, ବିଶେଷକରି ମହିଳା, ଯୁବପିଢ଼ି, ଅସଂଗଠିତ, ଗିଗ୍ ଏବଂ ପ୍ରବାସୀ ଶ୍ରମିକଙ୍କୁ ଶ୍ରମ ଶାସନର କେନ୍ଦ୍ରରେ ସ୍ଥିର ଭାବରେ ସ୍ଥାନିତ କରାଯାଇଛି । ଗତ ନଭେମ୍ବର ମାସରେ ଏହି ଶ୍ରମ ସଂହିତା ଲାଗୁ ହେବା ପରେ ତାର ତୁରନ୍ତ ପ୍ରଭାବ ଘରୋଇ କମ୍ପାନୀ ଗୁଡିକର ପରିଚାଳନା ଖର୍ଚ୍ଚ ର ହିସାବ ରେ ଦେଖିବାକୁ ମିଳିଛି ।ଚଳିତ ଆର୍ଥିକ ବର୍ଷର ତୃତୀୟ ତିନି ମାସରେ ଭାରତୀୟ ଘରୋଇ ବ୍ୟାଙ୍କ ଓ ବୀମା ପ୍ରତିଷ୍ଠାନ ଗୁଡିକର କର୍ମଚାରୀଙ୍କ ବାବଦକୁ ଅଧିକ ପରିଚାଳନା ଖର୍ଚ୍ଚ ହୋଇଛି । କାରଣ ନୂତନ ଶ୍ରମ ସଂହିତା ଅନୁଯାୟୀ କମ୍ପାନୀ ଗୁଡିକୁ କର୍ମଚାରୀଙ୍କ ଦରମା ଓ ଗ୍ରାଚ୍ୟୁଇଟି ଆଦି ବାବଦକୁ କିଛି ଅଧିକ ଖର୍ଚ୍ଚ କରିବାକୁ ପଡୁଛି ।

ଶ୍ରମିକ ମାନଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ କରିବା ତଥା ନିଯୁକ୍ତିଦାତା ଓ ଶ୍ରମିକ ମାନଙ୍କ ମଧ୍ୟରେ ପୋଲ ପରି ନିରପେକ୍ଷ ରହି ଶ୍ରମିକମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଶ୍ରମ ବିଭାଗର ବ୍ୟବସ୍ଥା ରହିଛି । ଏତେ ଗୁଡିଏ ସଂହିତା ର ପ୍ରଣୟନ କଲାପରେ ମଧ୍ୟ ଯଦି ଶ୍ରମ ବିଭାଗ ନିଜର ଦାୟିତ୍ୱ ସୁଚାରୁରୂପରେ ନିର୍ବାହ କରି ପାରିବ ନାହିଁ ତେବେ ଶ୍ରମିକ ମାନେ ନ୍ୟାୟ ପାଇବେ ନାହିଁ ।ତେଣୁ ସରକାର ଶ୍ରମ ସଂହିତା ର ତ ନବକଳେବର କରିଦେଲେ କିନ୍ତୁ ଶ୍ରମ ବିଭାଗ, ଶ୍ରମ ଅଧିକାରୀ ଓ କର୍ମଚାରୀ ମାନଙ୍କ ନବକଳେବର ନକରିବା ଯାଏ କୌଣସି ଆଇନ କୌଣସି ବିଧି ବ୍ୟବସ୍ଥା ଶ୍ରମିକ ମାନଙ୍କର କଲ୍ୟାଣ କରି ପାରିବ ନାହିଁ।

+କଚେରୀ ସାହି
ଦେବଗଡ଼ -୭୬୮୧୦୮
ମୋ: ୯୪୩୭୨୧୮୯୧୭




# ଶପଥ କରୁଛି

## ମୋହନ କୁମାର ସ୍ୱାଇଁ



ଶପଥ କରୁଛି ଏବେଠାରୁ ଆଉ
ମାଉଁସ ଜମା ମୁଁ ଖାଇବି ନାଇଁ
କାହିଁ ଖାଇବିନି ତାହାର କାରଣ
ଗୋଟିଗୋଟି ସବୁ ଦେଉଛି କହି।

ଈଶ୍ୱର ସୃଷ୍ଟିରେ ସବୁ ଜୀବ ଜନ୍ତୁ
ଗଢ଼ା ହୋଇଅଛି ଧରଣୀ ବକ୍ଷେ
କିଏ କେଉଁପରି ବଞ୍ଚିକି ରହିବ
ଧରା ସନ୍ତୁଳନ ରହିବା ଲକ୍ଷେ ।

ବାଘକୁ ଦେଇଛି ବଡବଡ ଦାନ୍ତ
ଚୋବେଇ ଖାଇବ ଶୀକାର କରି
ଶାକାହାରୀ ପାଇଁ ଟିକି ଟିକି ଦାନ୍ତ
ମଣିଷ ମୁହଁରେ ଦେଇଛି ଭରି ।

କାହାର ହତ୍ୟାରେ ଭାଗିଦାରୀ ଅର୍ଥ
ଈଶ୍ୱର ଇଚ୍ଛାରେ ବିରୋଧ ଯିବି
ରାକ୍ଷସ ଭୋଜନ କରିଲେ ଆହାର
ନୃଶଂସ ପଣକୁ ଆଦରି ନେବି ।

ପଶୁ ବଧ କଲେ ଯେତିକି ଆଘାତ
ଯନ୍ତ୍ରଣା ଗୁଡ଼ିକ ପାଉଛି ସିଏ
ନିଜକୁ ସେତିକି ଆଘାତ ଲାଗିଲେ
ସତରେ ମୋହର ଦେହ ନ ସହେ ।

ଶପଥ କରୁଛି ଏବେଠାରୁ ଆଉ
ଆମିଷ ମୂଳରୁ ଛାଡ଼ି ମୁଁ ଦେବି
ହତ୍ୟା ଅପରାଧେ ଈଶ୍ୱର ବିରୁଦ୍ଧେ
ଅପରାଧୀ ହୋଇ କାହିଁ ରହିବି ?

+ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

# ମୋ ମନର ଭାଷା

## ନୀଳମଣି ଚାନ୍ଦ



ତୁମେ ଜଳୁଥାଅ ଈର୍ଷା ବହ୍ନିରେ
ସେଥିପାଇଁ ଦୁଃଖ ନାହିଁ
ମୁଁ କହୁଥିବି ବଞ୍ଚି ରହିଛି
ମୋର ପ୍ରିୟତମ ପାଇଁ ।

ତୁମେ ଆମ ପାଇଁ ତୃତୀୟ ପୁରୁଷ
ନାହିଁ ଏଠି ତୁମ ସ୍ଥାନ
ଭଲରେ ତ ଥାଅ କୁହ ମିଛେ କିଆଁ
କର ଏତେ ଅଭିମାନ।

ଜହ୍ନ କଇଁର ଆମ ସମ୍ପର୍କରେ
ପଡ଼ିବନି କେବେ ଫାଟ
ଆମେ ତ ଚାଲିବୁ ହାତେ ହାତ ଛନ୍ଦି
ସାରା ଜୀବନର ବାଟ ।

ଜୀବନ ଆମର ଅଟେ ମଧୁମୟ
ଲଭୁଛୁ ମଳୟ ଛୁଆଁ
ପ୍ରତି ସକାଳଟି ଆମ ପାଇଁ ଆସେ
ଧରି ଦିନ ନୂଆ ନୂଆ ।

ସପନ ରାଇଜେ କରୁ ବିଚରଣ
ପକ୍ଷୀରାଜଟିରେ ବସି
ଆମ ପାଇଁ ସିନା ଆଶିଷ ଢାଳନ୍ତି
ନିତି ରବି ତାରା ଶଶୀ ।

+ମନ୍ତ୍ରମାନୋର,
ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ୧୦,୦୦୦ ପାଦ ଚାଲିବା ସତରେ ସୁରକ୍ଷିତ କି ? ଡାକ୍ତରଙ୍କ ଚେତାବନୀ



ଆଜିର ସମୟରେ ସମସ୍ତେ ଫିଟ୍ ରହିବାକୁ ବେଶ୍ ପସନ୍ଦ କରନ୍ତି । ହେଲେ ଅତ୍ୟଧିକ ଚାପଗ୍ରସ୍ତ ଯୋଗୁଁ ମଣିଷ ଏତେ ସମୟ ପାଉନାହିଁ ଚାଲିବାପାଇଁ । ଯାହା ଫଳରେ ଦେହ ଖରାପ ହେବାଠୁ ଆରମ୍ଭ କରି ବିଭିନ୍ନ ପ୍ରକାର ସମସ୍ୟାମାନ ଦେଖାଯାଉଛି । ୧୦,୦୦୦ ପାହାଚ ଚାଲିବା ଦ୍ୱାରା ଆପଣଙ୍କ ଆଣ୍ଠୁ ଦୁର୍ବଳ ହୋଇପାରେ କି ? ଜଣେ ଅର୍ଥୋପେଡିକ୍ ଡାକ୍ତର ସତର୍କ କରାଇଛନ୍ତି, ସମ୍ଭାବ୍ୟ ଜଟିଳତା ବିଷୟରେ ସତର୍କ କରାଇଛନ୍ତି । ଚାଲିବାର ବିପଦ ଏବଂ ଲାଭ : ଆଜିକାଲି ୧୦,୦୦୦ ପାଦ ଚାଲିବାର ଧାରା ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ଅର୍ଥୋପେଡିକ୍ ବିଶେଷଜ୍ଞମାନ ଏକ ଆଶ୍ଚର୍ଯ୍ୟଜନକ ଚେତାବନୀ ଦେଇଛନ୍ତି । ଏହି ଲେଖାରେ ସେମାନେ ଏ ବିଷୟରେ କ'ଣ କୁହନ୍ତି ତାହା ଆମେ ଜାଣିବା । ଆଜିର ସମୟରେ, ଫିଟନେସ୍ ଫ୍ରିକ୍ ଏବଂ ଫିଟନେସ୍ ସଚେତନ ଲୋକମାନେ ପ୍ରାୟତଃ ଚାଲିବାକୁ ଗୁରୁତ୍ୱ ଦିଅନ୍ତି । ଯଦି ଆପଣ କାହାକୁ ପଚାରନ୍ତି ଯେ ସେ ଦିନକୁ କେତେ ପାଦ ଚାଲେ, ତେବେ ସମସ୍ତଙ୍କ ଉତ୍ତର ହେଉଛି ୧୦ ହଜାର ପାଦ ।

ଏପରି ପରିସ୍ଥିତିରେ, ସମସ୍ତେ ନିଜ ସ୍ମାର୍ଟୱାଚରେ ୧୦,୦୦୦ ପାଦ ସଂଖ୍ୟା ବାଛନ୍ତି ଏବଂ ଦିନସାରା ସେହି ଅନୁସାରେ ଚାଲେ । ଡାକ୍ତରଙ୍କ ଅନୁସାରେ ଏହି 'ଯାଦୁକରୀ ସଂଖ୍ୟା' ସମସ୍ତଙ୍କ ପାଇଁ ନିରାପଦ ନୁହେଁ । ବିଜନେସ୍ ଷ୍ଟାଣ୍ଡାର୍ଡରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଅର୍ଥୋପେଡିକ୍ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଆପଣଙ୍କର ଶାରୀରିକ କ୍ଷମତାକୁ ନ ବୁଝି ଏତେ ଚାଲିବା ଆପଣଙ୍କ ସନ୍ଧି ପାଇଁ ସମସ୍ୟା ହୋଇପାରେ । ବିଶେଷକରି ଯେଉଁମାନେ ପୂର୍ବରୁ କୌଣସି ଶାରୀରିକ ସମସ୍ୟାରେ ପୀଡ଼ିତ ଅଛନ୍ତି ସେମାନଙ୍କ ପାଇଁ।

୧୦,୦୦୦ ପାଦ ଚାଲିବା କେତେ ଗୁରୁତ୍ୱପୂର୍ଣ୍ଣ ?

ପିଡି ହିନ୍ଦୁଜା ହସ୍ପିଟାଲ ଏବଂ ଏମଆରସି ସେଣ୍ଟରର ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରଦୀପ ମୁନୋଟ୍ କୁହନ୍ତି, 'ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ ସେମାନେ ଯେତେ ଅଧିକ ଚାଲିବେ, ସେତେ ଫିଟ୍ ହେବେ ହେଲେ ଚିକିତ୍ସା ବିଜ୍ଞାନ ଅନୁସାରେ, ୧୦,୦୦୦ ପାହାଚ ସୀମା ପାଇଁ କୌଣସି ଦୃଢ଼ ବୈଜ୍ଞାନିକ ଆଧାର ନାହିଁ।'

ଡାକ୍ତରମାନେ କୁହନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୧୦,୦୦୦ ପାଦ ଚାଲିବା ଉଚିତ ବୋଲି ଧାରଣା ଏକ ମାର୍କେଟିଂ ରଣନୀତି ଭାବରେ ଆରମ୍ଭ ହୋଇଥିଲା । ଅଧିକ ଓଜନ କିମ୍ବା ବୟସ୍କ ଲୋକଙ୍କ ପାଇଁ ହଠାତ୍ ଏତେ ପାଦ ଉଠାଇବା ଅତିରିକ୍ତ ଚାପ ପକାଇପାରେ, ଯାହା ଆଣ୍ଠୁ କାର୍ଟିଲେଜ (ହାଡ଼ ମଧ୍ୟରେ ଥିବା କୁଶନ) ଉପରେ କ୍ଷତ ସୃଷ୍ଟି କରିପାରେ ।

ଏହା ଗଣ୍ଠିଗୁଡ଼ିକୁ କିପରି ପ୍ରଭାବିତ କରେ ?

ଡାକ୍ତର ପ୍ରଦୀମ କୁହନ୍ତି, 'ଯେତେବେଳେ ଆମେ ଚାଲୁ, ଆମ ଶରୀରର ସମ୍ପୂର୍ଣ୍ଣ ଓଜନ ଆମ ଆଣ୍ଠୁ ଉପରେ ଥାଏ । ଭୁଲ ଜୋତା ପିନ୍ଧି କିମ୍ବା କଠିନ ଭୂମିରେ ୧୦,୦୦୦ ପାଦ ଚାଲିବା ଦ୍ୱାରା ଅତ୍ୟଧିକ ଆଘାତ ହୋଇପାରେ । ସେଥିପାଇଁ .ଠିକ୍ ଜୋତା ପିନ୍ଧିବା ମଧ୍ୟ ଏକାନ୍ତ ଜରୁରୀ ଅଟେ । ଯଦି ଆପଣ ଚାଲିବା ସମୟରେ ଆପଣଙ୍କ ଆଣ୍ଠୁରେ ଫୁଲା, ଯନ୍ତ୍ରଣା କିମ୍ବା ଫାଟିବା ଶବ୍ଦ ଅନୁଭବ କରନ୍ତି, ତେବେ ବୁଝିନିଅନ୍ତୁ ଯେ ଆପଣଙ୍କ ସନ୍ଧି ଚାପରେ ଅଛି ଏବଂ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ । ବିନା ଡାକ୍ତରଙ୍କ ପରାମର୍ଶରେ ଏଭଳି ଭୁଲ୍ ପଦକ୍ଷେପ ନିଅନ୍ତୁ ନାହିଁ । ୧୦,୦୦୦ ପାଦ ଚାଲିବାକୁ ବାଧ୍ୟ କରିବା ଦ୍ୱାରା ଅଷ୍ଟିଓଆର୍ଥ୍ରାଇଟିସ୍ ଭଳି ଗମ୍ଭୀର ପରିସ୍ଥିତି ସୃଷ୍ଟି ହୋଇପାରେ ।'

ତେବେ ଚାଲନ୍ତୁ ଜାଣିବା ଚାଲିବାର ସଠିକ୍ ଉପାୟ କ'ଣ ?

ଫିଟ୍ ରହିବା ପାଇଁ କେବଳ ପାଦ ଗଣିବା ଯଥେଷ୍ଟ ନୁହେଁ । ଡାକ୍ତରମାନେ ପରାମର୍ଶ ଦିଅନ୍ତି ଯେ ସ୍ୱାସ୍ଥ୍ୟ ପାଇଁ ୭,୦୦୦ ରୁ ୮,୦୦୦ ପାଦ ଚାଲିବା ଯଥେଷ୍ଟ । ଚାଲିବା ସହିତ, ମାଂସପେଶୀକୁ ସୁଦୃଢ଼ କରିବା ଏବଂ ସନ୍ଧି ଉପରେ ଅତ୍ୟଧିକ ଚାପ ରୋକିବା ପାଇଁ ଶକ୍ତି ତାଲିମ ମଧ୍ୟ ଜରୁରୀ । ବିନା ତାଲିମରେ ଏହା ଆମମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସର୍ବଦା ଭଲ ଭାବରେ ଚାଲିବା ଜୋତା ବାଛନ୍ତୁ ଏବଂ କଂକ୍ରିଟ୍ ବଦଳରେ ଘାସ କିମ୍ବା ନରମ ପୃଷ୍ଠରେ ଚାଲନ୍ତୁ । କାରଣ ଘାସରେ ଚାଲିଲେ ପ୍ରାକୃତିକ ଉପାୟରେ ଆମେ ଅଧିକ ସୁସ୍ଥତା ଅନୁଭବ କରିପାରିବା । ଯାହାଫଳରେ ଆମ ଦେହ ଅଧିକ ଫିଟ୍ ହୋଇ ରହିପାରିବ । ଘାସଗାଲିଚାରେ ଚାଲିଲେ ମାନସିକ ଶାନ୍ତି ମଧ୍ୟ ଲାଗିଥାଏ । ଯାହା ଆମ ମନକୁ ମଧ୍ୟ ସୁସ୍ଥତାର ଆଉ ଏକ ଦିଗ ଆଡ଼କୁ ନେଇଯାଇପାରେ ।

# ସ୍ୱାସ୍ଥ୍ୟକର ଭାବି ପିଉଛନ୍ତି କି ବିଟ୍ ରୁଟ୍ ଜୁସ୍ ? ଜାଣନ୍ତୁ ଏହାର କ୍ଷତିକାରକ ପ୍ରଭାବ

ବିଟ୍ ରୁଟ୍ ଜୁସ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ, କିନ୍ତୁ ଏହା ସମସ୍ତଙ୍କ ପାଇଁ ଉପଯୁକ୍ତ ନ ହୋଇପାରେ । କିଛି ସ୍ୱାସ୍ଥ୍ୟ ସମସ୍ୟା ଥିବା ଲୋକଙ୍କ ପାଇଁ ଏହାକୁ ସେବନ କ୍ଷତିକାରକ ହୋଇପାରେ । ଆସନ୍ତୁ ଜାଣିବା କିଏ ଏହି ଜୁସ ପିଇବାରୁ ଦୂରେଇ ରହିବା ଉଚିତ । ବିଟ୍ ରୁଟ୍ ଜୁସର ଲୁକ୍କାୟିତ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି : ଆଜିକାଲି ଲୋକମାନେ ନିଜ ଫିଟନେସ୍ ପ୍ରତି ବିଶେଷ ଯତ୍ନ ନେଉଛନ୍ତି, ଏବଂ ଏହି କାରଣରୁ ଜିମ୍ ଯାଉଥିବା ଏବଂ ସ୍ୱାସ୍ଥ୍ୟ ପ୍ରତି ସଚେତନ ବ୍ୟକ୍ତିମାନେ ଅଧିକ ପନିପରିବା ଜୁସ୍ ପିଉଛନ୍ତି । ଏହି ପରିପ୍ରେକ୍ଷୀରେ, ସକାଳୁ ସକାଳୁ ବିଟ୍ ରୁଟ୍ ଜୁସକୁ ଏକ ସୁସ୍ଥ ପାନୀୟ ଭାବରେ ପିଇବା ଆଜିକାଲି ଏକ ଟ୍ରେଣ୍ଡ ପାଲଟିଛି । ସୋସିଆଲ ମିଡିଆରୁ ଫିଟନେସ୍



ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହାର ଉପକାରିତା ବିଷୟରେ କହୁଛନ୍ତି କିନ୍ତୁ ପ୍ରତ୍ୟେକ ଉପକାରିତା ସହିତ, ଏହାର କିଛି ଅସୁବିଧା ମଧ୍ୟ ଅଛି । ସେହିପରି ବିଟ୍ ରୁଟ୍ ଜୁସ , ଯାହାକୁ ଲୋକମାନେ ସୁସ୍ଥ ଭାବି ପିଅନ୍ତି, କିଛି ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ । ବିଟ୍ ରୁଟ୍ ଜୁସ ନିଶ୍ଚିତ ଭାବରେ ପୁଷ୍ଟିକର ପଦାର୍ଥରେ ଭରପୂର, କିନ୍ତୁ ଏହା ସମସ୍ତଙ୍କ ଶରୀର ଉପରେ ସମାନ ପ୍ରଭାବ ପକାଇ ନଥାଏ । ଏହାକୁ ଅତ୍ୟଧିକ ପିଇବା କେତେକ ସମୟରେ କ୍ଷତିକାରକ ହୋଇପାରେ । ତେଣୁ, ଏହି ଜୁସ ପିଇବା ପୂର୍ବରୁ, ଏହା ଆପଣଙ୍କ ପାଇଁ ଉପଯୁକ୍ତ କି ନାହିଁ ତାହା ନିଶ୍ଚିତ ଭାବରେ ଜାଣନ୍ତୁ । ପାଚନ ସମସ୍ୟାରେ ପୀଡ଼ିତ ଲୋକମାନେ ଯେଉଁମାନଙ୍କର ପ୍ରାୟତଃ ପାଚନ ସମସ୍ୟା ଥାଏ, ସେମାନେ ଏହି ଜୁସ୍ ପିଇବାରୁ ଦୂରେଇ ରହିବା ଉଚିତ । ବିଟ୍ ରୁଟ୍ ଜୁସ ପିଇବା ପରେ କିଛି ଲୋକ ପେଟ ଫୁଲିବା, ପେଟ ଜନିତ ସମସ୍ୟା , ଗ୍ୟାସ୍ କିମ୍ବା ଡାଇରିଆ ଅନୁଭବ କରିପାରନ୍ତି । ବିଶେଷଜ୍ଞଙ୍କ ମତରେ, ବିଟ୍ ରେ ଥିବା ପ୍ରାକୃତିକ ନାଇଟ୍ରେଟ୍ ଏବଂ ଫାଇବର କିଛି ଲୋକଙ୍କ ପାଚନ ପ୍ରଣାଳୀ ଉପରେ କଠୋର ପ୍ରଭାବ ପକାଇପାରେ, ବିଶେଷକରି ଖାଲି ପେଟରେ ସେବନ କଲେ ଏହାର ଅଧିକ ପ୍ରଭାବ ପକାଇଥାଏ । ପରିସ୍ରା ଲାଲ ହେବା ଯଦି ବିଟ୍ ଜୁସ ପିଇବା ପରେ ଆପଣଙ୍କର ପରିସ୍ରା କିମ୍ବା ମଳ ଲାଲ ଦେଖାଯାଏ, ତେବେ ଭୟଭୀତ ହୁଅନ୍ତୁ ନାହିଁ । ହାର୍ଭାର୍ଡ ମେଡିକାଲ୍ ସ୍କୁଲ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବ୍ୟାଖ୍ୟା କରନ୍ତି ଯେ ଏହା ବିଟ୍‌ରେ ଥିବା ପ୍ରାକୃତିକ ରଙ୍ଗଦ୍ରବ୍ୟ ଯୋଗୁଁ ହୁଏ ଏବଂ ସାଧାରଣତଃ କ୍ଷତିକାରକ ନୁହେଁ । ବୃକକ୍ ପଥର ଥିବା ଲୋକଙ୍କ ପାଇଁ ବିପଦ ହୋଇଥାଏ । ବିଟ୍‌ରୁଟ୍‌ରେ ଅକ୍ସାଲେଟ୍‌ର ପରିମାଣ ଅଧିକ ଥାଏ, ତେଣୁ ବୃକକ୍ ପଥର ଥିବା ଲୋକମାନେ ଏହାକୁ ଏଡ଼ାଇବା ଉଚିତ । ଆମେରିକାର ନ୍ୟାସନାଲ୍ ବୃକକ୍ ଫାଉଣ୍ଡେସନ୍ ଅନୁଯାୟୀ, ଶରୀରରେ କ୍ୟାଲସିୟମ୍ ସହିତ ଅକ୍ସାଲେଟ୍‌ର ଉଚ୍ଚ ପରିମାଣ ମିଶିପାରେ, ଯାହା ବୃକକ୍ ପଥର ଗଠନର ଆଶଙ୍କା ବଢ଼ାଇଥାଏ । ଯେଉଁମାନଙ୍କର ପୂର୍ବରୁ ବୃକକ ଜନିତ ସମସ୍ୟା ରହିଥାଏ ସେମାନଙ୍କୁ ସୀମିତ ସେବନ କରିବା ଉଚିତ୍ । ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ ।

### *କେଉଁମାନେ ଦୂରେଇ ରହିବା ଉଚିତ୍ ?*

ବୃକକ୍ ପଥର କିମ୍ବା ବୃକକ୍ ରୋଗ ଥିବା ଲୋକମାନେ , ନିମ୍ନ ରକ୍ତଚାପ ରୋଗୀ , ମଧୁମେହ ରୋଗୀ , ଦୁର୍ବଳ ପାଚନ ପ୍ରଣାଳୀ ଥିବା ଲୋକମାନେ ଏବଂ ଗର୍ଭବତୀ ମହିଳାମାନେ ଦୂରେଇ ରହିବା ଉଚିତ୍ ।

### *ବିଟ୍ ରୁଟ୍ ଜୁସ୍ ପିଇବା ପାଇଁ ସଠିକ୍ ଉପାୟ କଣ ?*

ବିଟ୍‌ରୁଟ୍ ଜୁସ ସମ୍ପୂର୍ଣ୍ଣ ଖରାପ ନୁହେଁ, କିନ୍ତୁ ଯେତେ ଅଧିକ ସେତେ ଭଲ ବୋଲି ଭାବି ଏହାକୁ ପିଇବା ଏକ ଭୁଲ ହୋଇପାରେ । ଯେକୌଣସି ଜିନିଷର ସେବନ ସୀମିତ କରିବା ଏବଂ ଏହା ପ୍ରତି ଆପଣଙ୍କ ଶରୀରର ପ୍ରତିକ୍ରିୟା ପ୍ରତି ସଚେତନ ରହିବା ଭଲ । ଯଦି ଆପଣ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ତୁରନ୍ତ ରସ ପିଇବା ବନ୍ଦ କରନ୍ତୁ ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ । ବିନା ଡାକ୍ତରଙ୍କ ପରାମର୍ଶ ବିନା ଏହାକୁ ସେବନ କରନ୍ତୁ ନାହିଁ ।

# ସକାଳୁ ଶୀଘ୍ର ଉଠିବାରେ ଅସୁବିଧା ହେଉଛି କି ? ଆପଣାନ୍ତୁ ଏହିସବୁ ଟିପ୍ସ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଅନେକ ଲୋକଙ୍କ ପାଇଁ ସକାଳୁ ଶୀଘ୍ର ଉଠିବା ଏକ ବଡ଼ ସମସ୍ୟା ପାଲଟିଛି । ରାତିରେ ବିଳମ୍ବରେ ଶୋଇବା ଏବଂ ସକାଳୁ ଡେରିରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ଯାହା ଦ୍ୱାରା ପୂରା ଶରୀରରେ ବିଭିନ୍ନ ସମସ୍ୟା ଦେଖାଦିଏ । କିନ୍ତୁ କିଛି ସହଜ ଉପାୟ ଆପଣେଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିପାରିବ । ତେବେ ଜାଣନ୍ତୁ ଶୀଘ୍ର ଉଠିବାର କିଛି ସହଜ ଉପାୟ।

ଶୋଇବା ଏବଂ ଉଠିବାର ସମୟ ନିର୍ଦ୍ଧାରିତ କରନ୍ତୁ : ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଏବଂ ଉଠିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ଭାବରେ କାମ କରେ । ଏହାଦ୍ୱାରା ଆପଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନିଦ ଆସିବ ଏବଂ ସକାଳୁ ବିନା ଆଲାର୍ମରେ ମଧ୍ୟ ନିଦ ଭାଙ୍ଗିଯିବ ।

ଆଲାର୍ମକୁ ଦୂରରେ ରଖନ୍ତୁ: ଯଦି ଆପଣଙ୍କୁ ଆଲାର୍ମ ବନ୍ଦ କରି ପୁଣି ଶୋଇପଡ଼ିବାର ଅଭ୍ୟାସ ଅଛି, ତେବେ ଆଲାର୍ମ ଘଣ୍ଟା କିମ୍ବା ମୋବାଇଲକୁ ବିଛଣାଠାରୁ ଦୂରରେ ରଖନ୍ତୁ । ଏହାଦ୍ୱାରା ଆପଣଙ୍କୁ ଆଲାର୍ମ ବନ୍ଦ କରିବାକୁ ଉଠିବାକୁ ପଡ଼ିବ, ଯାହା ଆପଣଙ୍କ ନିଦ ଭାଙ୍ଗିବାରେ ସାହାଯ୍ୟ କରିବ ।

ରାତିରେ ହାଲୁକା ଖାଦ୍ୟ ଖାଆନ୍ତୁ: ରାତିରେ ଅଧିକ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନକ୍ରିୟାରେ ସମସ୍ୟା ହୋଇପାରେ, ଯାହା ଭଲ ନିଦରେ ବାଧା ସୃଷ୍ଟି କରେ । ତେଣୁ ଶୋଇବାର ଅତି କମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ହାଲୁକା ଖାଦ୍ୟ ଖାଇବା ଉଚିତ୍ ।

# ଘରେ ତିଆରି କରନ୍ତୁ - କଞ୍ଚା ଅମୃତଭଣ୍ଡାରେ ତିଆରି ସ୍ୱାଦିଷ୍ଟ 'ପ୍ଲାଷ୍ଟିକ୍ ଚଟଣି'

ବଙ୍ଗଳାର ପ୍ରସିଦ୍ଧ 'ପ୍ଲାଷ୍ଟିକ୍ ଚଟଣି' କ'ଣ ପ୍ରକୃତରେ ପ୍ଲାଷ୍ଟିକ୍‌ରୁ ତିଆରି ? ମାଷ୍ଟରସେଫ୍ ପଙ୍କଜ ଭାଦୌରିଆ କଞ୍ଚା ଅମୃତଭଣ୍ଡାରୁ ତିଆରି ଏହି ସ୍ୱଚ୍ଛ ଏବଂ ସ୍ୱାଦିଷ୍ଟ ଚଟଣି ପାଇଁ ଏକ ଏକ ସରଳ ରେସିପି ସେୟାର କରିଛନ୍ତି । ଆସନ୍ତୁ ଶିଖିବା ଏହାକୁ କିପରି ତିଆରି କରିବେ । ଆପଣ କ'ଣ ଚଟଣି ପ୍ରେମୀ ? ଯଦି ହଁ, ତେବେ ଆପଣ ଧନିଆ ଠାରୁ ପୋଦିନା ଏବଂ କଞ୍ଚା ଆମ୍ବ ପର୍ଯ୍ୟନ୍ତ ପ୍ରଚୁର ପରିମାଣର ଚଟଣି ଖାଇଥିବେ । କିନ୍ତୁ ଆପଣ କେବେ 'ପ୍ଲାଷ୍ଟିକ୍ ଚଟଣି' ଚେଷ୍ଟା କରିଛନ୍ତି କି ? ନାମଟି ଆପଣଙ୍କୁ ଆଶ୍ଚର୍ଯ୍ୟ କରିପାରେ, କିନ୍ତୁ ଅପେକ୍ଷା କରନ୍ତୁ, ଏହା ପ୍ଲାଷ୍ଟିକରୁ ତିଆରି ନୁହେଁ । ଏହା ଏପରି କିଛି ଯାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ, କିନ୍ତୁ ଏହାର ସ୍ୱାଦ ଆପଣଙ୍କୁ ମନମୁଗ୍ଧ କରିବ । ଏହାକୁ ପ୍ଲାଷ୍ଟିକ୍ ଚଟଣି କୁହାଯାଇପାରେ, କିନ୍ତୁ ଏହା ଏହାର ପ୍ଲାଷ୍ଟିକ୍ ସ୍ୱାଦ ବିନା ନୁହେଁ । ଏହା ବଙ୍ଗଳାର ଏକ ଲୋକପ୍ରିୟ ଏବଂ ପାରମ୍ପରିକ ଖାଦ୍ୟ, କଞ୍ଚା ଅମୃତଭଣ୍ଡାରେ ତିଆରି । ଏହାକୁ 'ପ୍ଲାଷ୍ଟିକ୍' କୁହାଯାଏ କାରଣ, ରାନ୍ଧିବା ପରେ, ଅମୃତଭଣ୍ଡା ଖଣ୍ଡ ଗୁଡ଼ିକ ଏତେ ଚକଚକ୍ ଏବଂ ସ୍ୱଚ୍ଛ ହୋଇଯାଏ ଯେ ସେମାନେ ପ୍ଲାଷ୍ଟିକ୍ ପରି ଦେଖାଯାଏ । ମାଷ୍ଟରସେଫ୍ ପଙ୍କଜ ଭାଦୌରିଆ ଏହି ଅନନ୍ୟ ଏବଂ ସହଜ ରେସିପି ସେୟାର କରିଛନ୍ତି । ଆସନ୍ତୁ ଜାଣିବା ଘରେ ଏହି ପ୍ଲାଷ୍ଟିକ୍ ଚଟଣି କିପରି ତିଆରି କରିବେ ।



କଞ୍ଚା ଅମୃତଭଣ୍ଡା– ୭୫୦ ଗ୍ରାମ , ଚିନି - ୧.୫ କପ୍ , ପାଣି – ୧ କପ , ଲେମ୍ବୁ ରସ – ୨ ଚାମଚ କାଜୁ – ୨ ଚାମଚ ,
ଲୁଣ - ସ୍ୱାଦ ଅନୁସାରେ , ସୋରିଷ ତେଲ – ୧ ଚାମଚ, ଜିରା , ପାନମହୁରୀ , ସୋରିଷ , ମେଥି ଦାନା (ସମସ୍ତ ସମାନ ପରିମାଣରେ) ନେବେ ।

### *କିପରି ତିଆରି କରିବେ ?*

ପ୍ଲାଷ୍ଟିକ୍ ଚଟଣି ତିଆରି କରିବା ପାଇଁ, ପ୍ରଥମେ ଅମୃତଭଣ୍ଡାକୁ ଛଡ଼ାଇ ବିହନ କରନ୍ତୁ । ଏହାକୁ ପତଳା ଖଣ୍ଡରେ କାଟି ଫୁଟୁଥିବା ପାଣିରେ ୧ ମିନିଟ୍ ପାଇଁ ବଏଲ୍ କରନ୍ତୁ । ଏହା ଚଟଣିକୁ ଅଧିକ ସ୍ୱଚ୍ଛ କରିଥାଏ । ଏକ ପ୍ୟାନରେ ତେଲ ପକାଇ କାଜୁକୁ ହାଲକା ଭାବରେ ଭାଜନ୍ତୁ । ସେହି ତେଲରେ ପଞ୍ଚଫୁଟଣ ପକାଇ ଏହାକୁ ହାଲକା ଭାବରେ ଗୋଳାନ୍ତୁ । ତାପରେ, ପାଣି ଏବଂ ଚିନି ପକାଇ ଫୁଟାନ୍ତୁ । ତିନିରୁ ଚାରି ବୁନ୍ଦା ଲେମ୍ବୁ ରସ ପକାନ୍ତୁ । ଅମୃତଭଣ୍ଡା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବା ପର୍ଯ୍ୟନ୍ତ ୮-୧୦ ମିନିଟ୍ ପାଇଁ ରାନ୍ଧନ୍ତୁ । ଅମୃତଭଣ୍ଡା ସମ୍ପୂର୍ଣ୍ଣ ଧଳା ରଙ୍ଗ ଦେଖାଯିବା ପରେ , ଚଟଣିରେ ଲୁଣ, ଲେମ୍ବୁ ରସ ଏବଂ କାଜୁ ପକାଇ ମିଶାନ୍ତୁ । ଲେମ୍ବୁ ଚିନିର ମିଶ୍ରଣକୁ ପକାଇ ଏହାକୁ ଗୋଳାନ୍ତୁ । ତା ପରେ ପ୍ରସ୍ତୁତ ହୋଇଯିବ ସୁନ୍ଦର ପ୍ଲାଷ୍ଟିକ୍ ଚଟଣୀ । ଯାହା ଖାଇଲେ ସବୁବେଳେ ଆଉଥରେ ଖାଇବାକୁ ଇଚ୍ଛା କରିବେ।

ମନେ ରଖନ୍ତୁ ଯେ ଯେତେବେଳେ ଆପଣ ଅମୃତଭଣ୍ଡା ଚଟଣି ପ୍ରସ୍ତୁତ କରିବାକୁ ଇଚ୍ଛା କରୁଛନ୍ତି ତେବେ ଅମୃତଭଣ୍ଡାଟି କଠିନ ଏବଂ କଞ୍ଚା ହୋଇଥିବା ଆବଶ୍ୟକ । ପାଚିଲା ଅମୃତଭଣ୍ଡା ସ୍ୱାଦକୁ ଖରାପ କରିପାରେ । ଗର୍ଭବତୀ ମହିଳା ମାନେ ଅମୃତଭଣ୍ଡା ଖାଇବାକୁ ଦୂରେଇ ରୁହନ୍ତୁ । ଲେମ୍ବୁ ରସ ମିଶାଇବା ଦ୍ୱାରା ଚଟଣିର ସ୍ୱାଦ ସନ୍ତୁଳିତ ହୁଏ ଏବଂ ଚିନି ଜମା ହେବାରୁ ରୋକିଥାଏ । ତେଣୁ, ସର୍ବଦା ଲେମ୍ବୁ ରସ ମିଶାନ୍ତୁ । ବଙ୍ଗଳାରେ, 'ପ୍ଲାଷ୍ଟିକ୍ ଚଟଣି' ସାଧାରଣତଃ ପାମ୍ପଡ଼ ସହିତ ପରିବେଷଣ କରାଯାଏ, କିନ୍ତୁ ଆପଣ ଏହାକୁ ପୁରୀ, ପରଟା କିମ୍ବା ଟୋଷ୍ଟ ସହିତ ମଧ୍ୟ ଖାଇପାରିବେ । ଏହା ସ୍ୱାଦକୁ ଆହୁରି ବଢ଼ାଇଦେବ ।

# ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ପଡିବ ନକରାତ୍ମକ ପ୍ରଭାବ

ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ। ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ୍ୟ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ। ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ? ଆସନ୍ତୁ ଜାଣିବା। ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ। ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ୍ୟ ଗୋଡ କରି ଶୋଇବା ଉଚିତ ନୁହେଁ। ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ୍ୟ ଉଚିତ ନୁହେଁ। ଏହା ଶରୀର ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ। ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି। ବାସ୍ତୁବୀତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ। ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ।

# ଭୟଙ୍କର ଗ୍ରୀଷ୍ମପ୍ରବାହରେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ନେଇ ଡାକ୍ତରଙ୍କ ଚେତାବନୀ



ଏବେ ଗ୍ରୀଷ୍ମପ୍ରବାହ ଏତେ ଅଧିକ ହେଉଛି ଯେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି । ସକାଳ ୮ଟା ପରେ ଦିଲ୍ଲୀରେ ଘରୁ ବାହାରିବା ମଧ୍ୟ ମୁସ୍କିଲ୍ ହୋଇଯାଉଛି । ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକମାନେ । ଦିଲ୍ଲୀରେ ତାପମାତ୍ରା ୪୫ ଡିଗ୍ରି ଅତିକ୍ରମ କରୁଛି । ଯାହା ସାଧାରଣରେ ବଞ୍ଚିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏଭଳି ପରିସ୍ଥିତିରେ ବିଷେଷକରି ଗର୍ଭବତୀ ସ୍ତ୍ରୀଲୋକମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୪୫ ଡିଗ୍ରି ଗରମ ଅକାଳ ପ୍ରସବ ଏବଂ କମ୍ ଓଜନ ଭଳି ଗମ୍ଭୀର ଜଟିଳତାର ବିପଦକୁ ଦ୍ରୁତ ଗତିରେ ବୃଦ୍ଧି କରୁଛି, ଯାହା ଡାକ୍ତରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ଡାକ୍ତରଖାନାଗୁଡ଼ିକରେ ଗରମ ଯୋଗୁଁ ଗର୍ଭାବସ୍ଥା ସମ୍ବନ୍ଧୀୟ ସମସ୍ୟା ଥିବା ମହିଳାଙ୍କ ସଂଖ୍ୟା ବହୁତ ବୃଦ୍ଧି ପାଇଛି । ଡାକ୍ତରମାନେ କହିଛନ୍ତି ଯେ ବର୍ଦ୍ଧିତ ତାପମାତ୍ରା କେବଳ ମା'ଙ୍କ ସ୍ୱାସ୍ଥ୍ୟକୁ ଖରାପ କରୁନାହିଁ, ବରଂ ଗର୍ଭରେ ଥିବା ଶିଶୁର ବୃଦ୍ଧିକୁ ମଧ୍ୟ ବାଧା ଦେଉଛି । ଗରମ ହେତୁ ସମୟ ପୂର୍ବରୁ ପ୍ରସବର ଆଶଙ୍କା ମାଲିକ ରାଡିକ୍ସ ହେଲଥକେୟାରର ନିର୍ଦ୍ଦେଶକ ଡକ୍ଟର ରେଣୁ ମାଲିକ କୁହନ୍ତି ଯେ ଗରମ ଅକାଳ ପ୍ରସବ ବୃଦ୍ଧି କରିବାରେ ସହାୟକ ହେଉଛି । ଶରୀରର ତାପମାତ୍ରା ଚାପ ସୃଷ୍ଟି କରିପାରେ । ଯାହା ଡେଲିଭରୀ ହେବା ବେଳେ ଅତ୍ୟଧିକ କଷ୍ଟକର ହୋଇଥାଏ । ଡାକ୍ତରମାନେ କୁହନ୍ତି ଯେ ଯେତେବେଳେ ତାପମାତ୍ରା ପ୍ରାୟ ୪୫ ଡିଗ୍ରି ପର୍ଯ୍ୟନ୍ତ ପହଞ୍ଚିଯାଏ, ଶରୀର ଜଳୀୟ ଅଂଶ ହ୍ରାସ ପାଏ । ଏହା ଗର୍ଭାଶୟକୁ ରକ୍ତ ପ୍ରବାହ ହ୍ରାସ କରେ ଏବଂ ଅକ୍ସିଟୋସିନ୍ ଭଳି ହରମୋନକୁ ସକ୍ରିୟ କରିପାରେ। ଏହି ମାରାତ୍ମକ ଗରମ କେବଳ ମାଆ ପାଇଁ ନୁହେଁ ବରଂ ପିଲା ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ । ରିପୋର୍ଟ୍ ଅନୁଯାୟୀ ଶିଶୁକୁ ସଠିକ୍ ପୋଷକତତ୍ତ୍ୱ ପହଞ୍ଚିପାରେ ନାହିଁ । ଯାହା ଉଭୟ ମାଆ ଓ ପିଲା ପାଇଁ ବିପଦପୂର୍ଣ୍ଣ ହୋଇପାରେ । ଯାହା ଫଳରେ ଶିଶୁର ଓଜନ କମ୍ ହେବା ସହିତ ଶରୀର ମଧ୍ୟ ଅସୁସ୍ଥ ହୋଇଥାଏ । ଏହାକୁ ବାଦ୍ ଦେଇ ଯେଉଁ ମହିଳାମାନେ ଗର୍ଭାବସ୍ଥାରେ ଅତ୍ୟଧିକ ଗରମରେ ଲମ୍ବା ସମୟ ପର୍ଯ୍ୟନ୍ତ କାମ କରିଥାନ୍ତି ସେମାନଙ୍କ ପାଇଁ ଏହା ଅଧିକ କ୍ଷତିକାରକ ହୋଇପାରେ । ବିଶେଷଜ୍ଞଙ୍କ ମତରେ ପିଲାଙ୍କୁ ଦ୍ୱିପହର ୧୧ଟାରୁ ୪ଟା ପର୍ଯ୍ୟନ୍ତ ଘରୁ ବାହାର କରନ୍ତୁ ନାହିଁ ଏବଂ ଦେହକୁ ହାଇଡ୍ରେଟ୍ ରଖନ୍ତୁ । ଯାହାଦ୍ୱାରା ଆପଣ ସୁସ୍ଥ ରହିବା ସହ ଆପଣଙ୍କ ପିଲା ମଧ୍ୟ ସୁସ୍ଥ ରହିପାରିବେ ।

# ମନ୍ଦାରି ମଣ୍ଡଳ ପୋଖରୀରେ ଚନ୍ଦନଯାତ୍ରା ମହାସମାରୋହରେ ପାଳିତ



ବାସୁଦେବପୁର, ୦୫/୫ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ମଣ୍ଡଳ ପୋଖରୀ ଠାରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଚନ୍ଦନ ଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଯାତ୍ରା ୭୫ ବର୍ଷରେ ପଦାର୍ପଣ କରିଛି। ଏହି ବର୍ଣ୍ଣାଢ଼୍ୟ ଓ ଆକର୍ଷଣୀୟ ଉତ୍ସବରେ ଚନ୍ଦନ ଯାତ୍ରା କମିଟିର ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ରତିକାନ୍ତ ମଲ୍ଲିକ, ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା,ସମାଜ ସେବୀ ଉଦୟ ନାରାୟଣ ମଲ୍ଲିକ, ସଭ୍ୟ ତପନ କୁମାର ନାଥ, ବଂଶୀଧର ବେହେରା,କୋଷାଧ୍ୟକ୍ଷ ଅମର ମଲ୍ଲିକ, ମୁକେଶ ମଲ୍ଲିକ,ସମାଜ ସେବୀ ଜଗବନ୍ଧୁ ଦାସ,ଜିତେନ୍ଦ୍ର ବାରିକ୍,ସନ୍ତୋଷ ବାରିକ୍, ପ୍ରଶାନ୍ତ ମଲ୍ଲିକ,ରମାକାନ୍ତ ଘଡ଼େଇ, ଭରତ ମଲ୍ଲିକ ଓ ବହୁ ସଦସ୍ୟ ଯୋଗ ଦେଇଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଚନ୍ଦନ ଯାତ୍ରା ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ସାଜ ସଜା ହୋଇଛି। ମଣ୍ଡଳ ପୋଖରୀରେ ସୁନ୍ଦର ଭାବେ ନାବ ଖେଳି ଅନୁଷ୍ଠିତ ହେବା ସହିତ ହଜାର ହଜାର ଭକ୍ତ ରାହାସ ବିହାରି ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଆକର୍ଷଣ ଭାବେ ସ୍ଥାନ ପାଇଛି ନୃତ୍ୟ, ସଙ୍ଗୀତ, ନାବ ଖେଳି, ଯାତ୍ରା ପାର୍ଟି କଳିଙ୍ଗ ଗଣନାଟ୍ୟ। ଭଜନ, କୀର୍ତ୍ତନ, ନାମ ସଙ୍କୀର୍ତ୍ତନ ଓ ଆଧ୍ୟାତ୍ମିକ ଚିନ୍ତାଧାରାରେ ଏହି ସୁନ୍ଦର ପରିବେଶ ପ୍ରକମ୍ପିତ ହୋଇ ଥିଲା ଏବଂ ହଜାର ହଜାର ଭକ୍ତ ଏହି ସୁନ୍ଦର ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମରେ ମନ୍ତ୍ର ମୁଗ୍ଧ ହୋଇ ଥିଲେ।

# କଲଚୁରାଲ କାନଭାସ ଏକାଡେମୀ ରେମୁଣାର ବାର୍ଷିକ ଉତ୍ସବ ପାଳିତ




ବାଲେଶ୍ୱର, ୦୫/୦୫ (ନି.ପ୍ର):ଦୁଇ ଦିନ ଧରି କଲଚୁରାଲ୍ କାନଭାସ ଏକାଡେମୀ ରେମୁଣାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।୨୮ ତାରିଖ ଦିନ ସକାଳ ୯ ଟାରୁ ସନ୍ଧ୍ୟା ୬.୩୦ ଯାଏ ବିଭିନ୍ନ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ କୁଇଜୀ , ନାଚ,ଗୀତ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇ ବିଚାରକ ମଣ୍ଡଳୀ ଦ୍ୱାରା ବିଜେତା ଚୟନ କରାଯାଇଥିଲା। ସନ୍ଧ୍ୟା ୭ଟାରେ ଅନୁଷ୍ଠାନର ସଭାପତି ଡ.ବିଜୟ ମହାକୁଡ଼ଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇ ଥିଲା। ସଭାକୁ ଉଦ୍ଘାଟନ କରିଥିଲେ ରେମୁଣା ବ୍ଲକ ଅଧ୍ୟକ୍ଷ ଶ୍ରୀ ରାଜେନ୍ଦ୍ର କୁମାର ରାଉତ। ଉଦ୍ ଘାଟକ ସହ ଅନୁଷ୍ଠାନର ସଭାପତି ନାଟ୍ୟକାର, ଗବେଷକ ବିଜୟ ମହାକୁଡ଼, ଉପଦେଷ୍ଟା ସାହିତ୍ୟିକ ,ଗୀତିକାର, ନାଟ୍ୟକାର ପୀତାମ୍ବର ଦାସ, ଅନୁଷ୍ଠାନ ର ଅଧ୍ୟକ୍ଷା ଜ୍ୟୋତି ମୟୀ ରଣା, ଉପସଭାନେତ୍ରୀ ଶୁଭଶ୍ରୀ ଦାସ,ସମ୍ପାଦକ ଶ୍ରୀ ପ୍ରକାଶ ଦାସ ଅଧିକାରୀ ଅନୁଷ୍ଠାନ କିପରି ବହୁ ପ୍ରତିଭା ଧାରୀ ଙ୍କୁ ବିଭିନ୍ନ କଳା ପ୍ରଦର୍ଶନ ମାଧ୍ୟମ ରେ ଲୋକଲୋଚନ କୁ ଆଣିବାର ପ୍ରୟାସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ୍ କରିଥିଲେ। ଶେଷରେ।ପୀତାମ୍ବର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନ ଅର୍ଥାତ୍ ୨୯ ତାରିଖରେ ଅନୁଷ୍ଠାନର ଉପଦେଷ୍ଟା ପୀତାମ୍ବର ଦାସଙ୍କ ତତ୍ତ୍ୱାବଧାନରେ ଏକ କବିତା ପାଠ ଉତ୍ସବ ପାଳନ କରାଯାଇଥିଲା।ଡ.ରାଧା ରଞ୍ଜନ ପଟ୍ଟନାୟକ ଙ୍କ ପୌରୋହିତ୍ୟରେ ମୁଖ୍ୟ ଅଥିତି ଡ.ଭାଗବତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ.ଜ୍ୟୋସ୍ନା ରାୟ,ପଦ୍ମଲୋଚନ ପ୍ରଧାନ, ମଧୁସୂଦନ ମିଶ୍ର ଙ୍କ ସଂଯୋଜନାରେ ଚାଳିଶ ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ କବିତା ପାଠ କରିଥିଲେ।ସନ୍ଧ୍ୟାରେ ସଭାପତି ଶ୍ରୀ ବିଜୟ ମହାକୁଡ଼ ଙ୍କ ସଭାପତିତ୍ୱରେ ସଭା ଆରମ୍ଭ କରାଯାଇ ସମ୍ପାଦକ ଶ୍ରୀ ପ୍ରକାଶ ଦାସ ଅଧିକାରୀ ଙ୍କ ସମ୍ପାଦକୀୟ ଙ୍କ ବିବରଣୀ ପାଠ କରିବାପରେ ପରେ ,ନିଜେ ନିଜେ ସଭାପତି ଶ୍ରୀ ମହାକୁଡ଼,ଉପଦେଷ୍ଟା ପୀତାମ୍ବର ଦାସ,ଉପ ସଭାପତି ଶୁଭଶ୍ରୀ ଦାସ,ସମ୍ମାନୀତ ଅତିଥି ଶିଳ୍ପୀ କେଶୁ ଦାସ,ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅମୃତାଂଶୁ ପଟ୍ଟନାୟକ,ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକା ପ୍ରଫେସର ସରୋଜିନୀ ସାହୁ, କଳା ,ସଂସ୍କୃତି କ୍ଷେତ୍ରର ଅଗ୍ରଗତି ପାଇଁ ଏହି କଲ୍ଚରାଲ କାନଭାସ ଏକାଡେମୀ କିପରି ବିଶିଷ୍ଟ ଭୂମିକା ଗ୍ରହଣ କରିଛି ଓ ବହୁ ପ୍ରତିଭା ଧାରୀ ଙ୍କୁ ସୁଯୋଗ ଦେଇ ତାଙ୍କର ଲୁକାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ସର୍ବଦା ଚେଷ୍ଟିତ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ସଭା ପରେ ପରେ ପୂର୍ବ ଦିନ ଅନୁଷ୍ଠିତ ବିଜେତା ମାନଙ୍କୁ **certificate** ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ରେ ପୀତାମ୍ବର ଦାସ ନିଜ ବକ୍ତବ୍ୟ ପ୍ରଦାନ କରି ଧନ୍ୟବାଦ୍ ଦେଇଥିଲେ । ସେଲିବ୍ରିଟୀ ସୁଶ୍ରୀ ସ୍ମିଟି ପଟ୍ଟନାୟକ ଙ୍କ ଦ୍ୱାରା ବିଭିନ୍ନ ମନମତାଣିଆ କାର୍ଯ୍ୟ କ୍ରମ କରାଯାଇଥିଲା।ଶେଷରେ ଅନୁଷ୍ଠାନ ତରଫରୁ ଶିକ୍ଷକ ଓ ଛାତ୍ର, ଛାତ୍ରୀଙ୍କ ଦ୍ୱାରା ନାଚ,ଗୀତ ଇତ୍ୟାଦି ପରିବେଷଣ କରାଯାଇଥିଲା। ଦର୍ଶକ ମାନେ କାର୍ଯକ୍ରମକୁ ବେଶ୍ ମନଭରି ଉପଭୋଗ କରିଥିଲେ।

# ମସାନକୁଣ୍ଡାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ

ନୂଆପଡ଼ା, ୦୫/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲାର ଭାନପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ମସାନକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ନିମନ୍ତେ ଏକ ବ୍ୟାପକ ସଚେତନତା ଶିବିର ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡଃ ଦ୍ୱାରିକାନାଥ ଶତପଥୀ, ବିଡିଓ ରୋହିତ ଭୋଇ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସ୍ଥାନୀୟ ସରପଂଚ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସଭା ପରିଚାଳନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ନୂଆପଡ଼ା ରାଜ୍ୟ ଓ ଜାତୀୟ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ପ୍ରବାସୀ ଶ୍ରମିକ ସମସ୍ୟା ନିରାକରଣ ପାଇଁ ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରତି ଶ୍ରମିକ ପରିବାରକୁ ୩୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟ ରହିଥିବା ସହିତ ଗ୍ରାମରେ ରହି ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମସ୍ତେ ମିଶିମିଶି ପ୍ରବାସମୁକ୍ତ ଗ୍ରାମ ପଂଚାୟତ ଗଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ "ଝିଅ ପାଇଁ ଗଛଟିଏ" ଓ "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" ପାଳନ କରାଯାଇଥିଲା। ଜିଲ୍ଲାପାଳ ଜଣେ ନବଜାତ ଶିଶୁ କନ୍ୟାକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଚାରା ଓ ଉପହାର ପ୍ରଦାନ କରିଥିଲେ। ସେହିପରି, ଜଣେ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଉପହାର ବଂଟନ କରାଯାଇଥିଲା। ସ୍ଥାନୀୟ ସ୍କୁଲ୍ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ଓ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରମ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକରୀଙ୍କୁ ପ୍ରଥମ କିସ୍ତି ପେନସନ ବଂଟନ କରାଯାଇଥିଲା। ଏହି ଅବସରରେ, "ସ୍ୱଚ୍ଛତା ଦୂତ ପୁରସ୍କାର" ମଧ୍ୟ ପ୍ରଦାନ କରାଯାଇଥିଲା। ପରବର୍ତୀ କାର୍ଯ୍ୟକ୍ରମରେ "ପକ୍ଷୀ ପାଇଁ ଦିନଟିଏ" ପାଳନ କରାଯାଇ ପକ୍ଷୀମାନଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ "ପ୍ରବାସମୁକ୍ତ ଓ ଉନ୍ନତ ପଂଚାୟତ" ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ।

# ମୁଖ୍ୟ ରାସ୍ତାରେ ନାହିଁ ରୋଡ୍ ଡିଭାଇଡର: ଦୁର୍ଘଟଣା ପରେ ଦୁର୍ଘଟଣା ବଢ଼ିଚାଲିଛି

ସମ୍ବଲପୁର, ୦୫/୦୫ (ନି.ପ୍ର): ସମ୍ବଲପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରମାଗତ ଭାବେ ବ୍ରିଜ୍, ରାସ୍ତା ଓ ବହୁ ଡ୍ରେନ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ନିର୍ମାଣ ଓ ମରାମତି କାର୍ଯ୍ୟ ଚାଲିଛି । ଦୀର୍ଘ ବର୍ଷ ପରେ ବି ଅଦ୍ୟାବଧି ଧନୁପାଲି ଜେଲଛକ ରାସ୍ତା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ରାସ୍ତାର ଅନେକ ସ୍ଥାନରେ ଷ୍ଟ୍ରି ଲାଇଟ ସଂଯୋଗ ହୋଇପାରିନଥିବା ବେଳେ କେତେକ ଜାଗାରେ ଗୋଟିଏ ରାସ୍ତାରୁ ଅପର ପାର୍ଶ୍ୱକୁ ଯିବାପାଇଁ ଅତି ସଙ୍କୁଚିତ ରାସ୍ତା ଛଡାଯାଇଛି ।ଫଳରେ ବିଭିନ୍ନ ସମୟରେ ବଡ଼ ବଡ଼ ଗାଡି ଯାତାୟାତ ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ରାସ୍ତା ସଙ୍କୁଚିତ କାରଣରୁ ଦୁର୍ଘଟଣା ଘଟିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ସେହିପରି ସମ୍ବଲପୁର ସହରର ପ୍ରମୁଖ ଗୋବିନ୍ଦତୋଳା ଛକର ମୋଡାଣୀ ସ୍ଥାନରେ ପ୍ରାୟ ୨୦୦ ମିଟର ରାସ୍ତାରେ ରୋଡ୍ ଡିଭାଇଡର ନରଖି ଖାଲି ଛଡାଯାଇଛି । ଯଦ୍ୱାରା ଅଧିକାଂଶ ଗାଡ଼ି ଚାଳକ ଟ୍ରାଫିକ ମାର୍କିଙ୍ଗକୁ ମାନୁନଥିବା ବେଳେ, ଅଯଥାରେ ବାରମ୍ବାର ନିରୀହ ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏପରିକି ଗୋବିନ୍ଦତୋଳା ଛକ ଏକ ଦୁର୍ଘଟଣା ପ୍ରବଣ ଚକ୍ର ମାନ୍ୟତା ପାଇଲାଣି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ସମ୍ବଲପୁର ସହରର ବିଭିନ୍ନ ରାସ୍ତାଘାଟର ଅବ୍ୟବସ୍ଥା ନେଇ ବରିଷ୍ଠ ବିଜେପି ନେତା ତଥା 'ସାଧନା'ର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଶ୍ରୀ ପାଣିଗ୍ରାହୀ କ୍ଷୋଭର ସହ ପ୍ରକାଶ କରିଛନ୍ତି ଯେ, ଏହି ଖାଲି ରାସ୍ତା ଅଂଶରେ ସତୀରାଣୀ ଜୀ ମନ୍ଦିର ସାମ୍ନା ଏବଂ ଗୋବିନ୍ଦତୋଳା ଛକ ପାଖ ଡିଭାଇଡର ପାଖରେ ୨ଟି ପାସିଂ ରାସ୍ତା ଛାଡ଼ିଦେଇ, ରାସ୍ତା ମଝିରେ ୨ ଥାକିଆ ଫାଇବର ଡିଭାଇଡର ଲଗାଯାଉ ବୋଲି ଛଅ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଠାରେ ଦୁର୍ଗା ପୂଜା କମିଟି ତଥା ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷ ଏ ଦିଗରେ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ ଦାବିପତ୍ରରେ ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ, ଖାଲି ଥିବା ରାସ୍ତା ଯୋଗୁଁ ବାରମ୍ବାର ଲୋକେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏହା ସତ୍ତ୍ୱେ ଆଜିଯାଏ ଫାଇବାର ଡିଭାଇଡର ସଂଯୋଗ କରାନଯିବା ଏକ ଦୁର୍ଭାଗ୍ୟ ଜନକ ବିଷୟ । ଗମନାଗମନ କ୍ଷେତ୍ରରେ ସର୍ବନିମ୍ନ ସମସ୍ୟାକୁ ଦୂରୀକରଣ କରିବାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ବିଚାର ପୂର୍ବକ ସମାଧାନ କରିବା ପାଇଁ ମହାନଗର ନିଗମ ତଥା ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ମଧ୍ୟ ଶ୍ରୀ ପାଣିଗ୍ରାହୀ ଦାବି ଉପସ୍ଥାପନ କରିଛନ୍ତି ।

# ଭାରତୀ ସମାଜର ସଂଚାଳନ ସମିତି ପୁନର୍ଗଠିତ

ସମ୍ବଲପୁର, ୦୫/୦୫ (ନି.ପ୍ର): ସମ୍ବଲପୁର ସହରର ପ୍ରମୁଖ ସାମାଜିକ ସଙ୍ଗଠନ ଭାରତୀ ସମାଜର କେନ୍ଦ୍ରୀୟ ସଂଚାଳନ ସମିତି ପୁନଃର୍ଗଠନ କରାଯାଇଛି। ଭବାନୀ ଶଙ୍କର ଭୋଇଙ୍କ ସଭାପତିତ୍ୱରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଭାରତୀ ସମାଜ ୨୦୦୧ ମସିହାରୁ କରି ଆସିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ମହାସଚିବ ଦେବୀ ପ୍ରସାଦ ଭୋଇ ବିଗତ ୨୬ ବର୍ଷର ତଥ୍ୟ କୁ ସମ୍ମିଳିତ କରି ସ୍ମରଣିକା ଆକାରରେ ପ୍ରକାଶ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ବିଗତ ଏପ୍ରିଲ ଏକ ତାରିଖ ରେ ଆୟୋଜିତ ଭାରତୀ ଉତ୍ସବର ସଫଳତା ଉପରେ ସଦସ୍ୟ ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭାରତୀ ସମାଜକୁ ଅଧିକ ବ୍ୟାପକ କରିବା ପାଇଁ ଏହାର ସମ୍ବିଧାନ ସଂଶୋଧନ କରାଯାଇଥିଲା। ଏହାସହ ଭାରତୀ ସମାଜ ର କେନ୍ଦ୍ରୀୟ ସଂଚାଳନ ସମିତି ପୁନଃର୍ଗଠନ କରାଯାଇଥିଲା। ଏଥିରେ ଭବାନୀ ଶଙ୍କର ଭୋଇଙ୍କୁ ସଂଚାଳକ, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ଅଶୋକ ତ୍ରିପାଠୀ, ଜୟପାଲ ବାଗ ଏବଂ ଗୋପବନ୍ଧୁ ସେନାପତିଙ୍କୁ ସହ ସଂଚାଳକ, ଦେବୀ ପ୍ରସାଦ ଭୋଇ ମହାସଚିବ(ସଙ୍ଗଠନ) ଗଦାଧର ନିଆଲ ମହାସଚିବ (କାର୍ଯ୍ୟକ୍ରମ), ସୁବୋଧ କୁମାର ଦୋରା କୋଷାଧ୍ୟକ୍ଷ, ରଞ୍ଜିତ ସାହୁ ଭାରତୀ ଶିକ୍ଷା ସଂସ୍କୃତି ପ୍ରମୁଖ, ଲଳିତା ଭୋଇ ସେବା କାର୍ଯ୍ୟକ୍ରମ ପ୍ରମୁଖ, ମାନସ ରଞ୍ଜନ ବକ୍ସିଙ୍କୁ ପଶ୍ଚିମାଂଚଳ ଏକତା ମଂଚ ପ୍ରମୁଖ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୦୫/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଜେଏସ୍ଏମ୍ କଲେଜ ପରିସରରେ ମଂଚର ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ସ୍ୱାଗତ ଭାଷଣ ପରେ ସଭାପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ସଂପାଦକ କପିଳେଶ୍ୱର ଖମାରୀ ସଂପାଦକୀୟ ଅଭିଭାଷଣ ଦେବା ସହ ପୂର୍ବ ବୈଠକର ଆଲୋଚନା ସଂପର୍କରେ ସୂଚାଇଥିଲେ ଏବଂ ଇତିମଧ୍ୟରେ କରାଯାଇଥିବା କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟପନ୍ଥା ସଂପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ୨୬.୦୬.୨୦୨୬ ତାରିଖ ଦିନ ହେବାକୁ ଥିବା ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠା ଦିବସ ଉପରେ ଆଲୋଚନା ହୋଇଥିଲା । ଏତଦ୍ ବ୍ୟତିତ ଅନ୍ୟାନ୍ୟ ଆଲୋଚନା ସହ ସେମିନାର, ପଂଚକର୍ମ, ସଭ୍ୟ ସଂଗ୍ରହ, ଓଡିଶା ତଥା ଓଡିଶା ବାହାରକୁ ଭ୍ରମଣ କରିବା, ସ୍ମରଣୀକା ଉନ୍ମୋଚନ ତଥା ଏହି ମଂଚର ନବିକରଣ କରିବା ସଂପର୍କରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନାମାନଙ୍କରେ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ଦୁର୍ଗା ପ୍ରସାଦ ହେତା, ସଭ୍ୟ ଶିବ ନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରମୋଦ କୁମାର ଗୁରୁ, ନବୀନ କୁମାର ନନ୍ଦ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ । କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା ଆୟ ବ୍ୟୟ, ଅର୍ଥ ସଂଗ୍ରହ ତଥା ଅଡିଟ ସଂପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ । ସଂଗଠନ ସଂପାଦକ ବିନୟ କୁମାର ମିଶ୍ରଙ୍କ ନେତୃତ୍ୱରେ କୃଷ୍ଣଚନ୍ଦ୍ର ନାଥ, ସୁରେନ୍ଦ୍ର ନେଗୀ, ଦୟାସାଗର ପଟେଲ ପ୍ରମୁଖ ଏହି ବୈଠକର ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଏହି ମଂଚର ଉପସଭାପତି ଇଂ. ହରେକୃଷ୍ଣ ମେହେର ଏବଂ ଅଶୋକ କୁମାର ଚାନ୍ଦ ମଧ୍ୟ ମଂଚାସିନ ଥିଲେ । ପରିଶେଷରେ ସହ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କଲା ପରେ ସଭାପତି ସଭା କାର୍ଯ୍ୟ ସାଂଗ କରିଥିଲେ ।

# କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ପୋଡ଼ି ପାଉଁଶ

ନୂଆପଡ଼ା, ୦୫/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ତନୱାଟ ଗ୍ରାମ୍ ଠାରେ ଏକ କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ଆଜି ପୋଡ଼ି ପାଉଁଶ ହୋଇଯାଇଛି। ଯାହାଫଳରେ ଲକ୍ଷାଧିକ ଟଙ୍କାର ଟ୍ରାକ୍ଟର ଓ କେନ୍ଦୁପତ୍ର ପୋଡ଼ି ନଷ୍ଟ ହୋଇଥିବା ବେଳେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେନ୍ଦୁପତ୍ର ବୋଝେଇ ଟ୍ରାକ୍ଟର ତାନୱାଟ ଗ୍ରାମ ମଝିରେ ପହଂଚିବା ପରେ କେନ୍ଦୁପତ୍ରରେ ଅଚାନକ ନିଆଁ ଲାଗିଥିଲା। ହଠାତ୍ ସବୁ ପତ୍ର ହୁ ହୁ ହୋଇ ଜଳି ଉଠିଥିଲା। କାହାକୁ କିଛି କରିବାକୁ ମୌକା ମିଳିନଥିଲା। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ଅଗ୍ନି ଉପରେ ଆୟତ କଲାବେଳକୁ ସବୁ କେନ୍ଦୁ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

# 'ଶ୍ୱେତପଦ୍ମା ସାହିତ୍ୟ ସଂସଦ'ର ତୃତୀୟ ବାର୍ଷିକୀ ପ୍ରତିଷ୍ଠା ଦିବସ ପାଳିତ



ବ୍ରହ୍ମପୁର, ୦୫/୦୫ (ନି.ପ୍ର): 'ଶ୍ୱେତପଦ୍ମା ସାହିତ୍ୟ ସଂସଦ' ର ତୃତୀୟ ବାର୍ଷିକୀ ପ୍ରତିଷ୍ଠା ଦିବସ ବ୍ରହ୍ମପୁର ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗର ସମ୍ମିଳନୀ କକ୍ଷରେ ସଂସଦର ପ୍ରତିଷ୍ଠାତା (ଇଂ) ବିଜୟ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁସଂଖ୍ୟକ ବିଶିଷ୍ଟ କବି, କବୟିତ୍ରୀ ଓ ସୁସାହିତ୍ୟିକ ଏହି ଉତ୍ସବରେ ଯୋଗଦାନ କରିଥିଲେ । ବରିଷ୍ଠ ଓ ବିଶିଷ୍ଟ ତଥା ସୁସାହିତ୍ୟିକ ଓ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଉତ୍ସବର ଉଦଘାଟନ କରିଥିଲେ । ବିଶିଷ୍ଟ ଓ ବରିଷ୍ଠ ସୁସାହିତ୍ୟିକ ଓ ଶିକ୍ଷାବିତ୍ ଡ. ପ୍ରମୋଦ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ । ସୁସାହିତ୍ୟିକ ତଥା ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଶ୍ରୀଯୁକ୍ତ ସୁଶାନ୍ତ ଦାଶ ଓ ଡ. କାଳୀପଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷାର ବିକାଶ ଓ ଦିଗ ସମ୍ପର୍କରେ ନିଜ ନିଜର ଉଚ୍ଚକୋଟୀର ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଡ. ରୋଜାଲିନି ସେନାପତି କବିତାର ଛଳଛଳ ଆବେଗ ବିଷୟରେ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ସଂସଦର କାର୍ଯ୍ୟକାରୀ ସଂପାଦିକା ଶ୍ରୀମତୀ ସସ୍ମିତା ମିଶ୍ର ଦକ୍ଷତାର ସହ ସୁନ୍ଦର ଓ ସୁଚାରୁ ଭାବେ ଏହି ସାରସ୍ୱତ ସଭାର ସମସ୍ତ କାର୍ଯ୍ୟକ୍ରମ ନିର୍ବାହ କରିଥିଲେ । ଏହି ଉତ୍ସବରେ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଡ. ପ୍ରମୋଦ କୁମାର ଦ୍ୱିବେଦୀ, ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଶ୍ରୀମତୀ ଗୀତାଞ୍ଜଳି କର, ଡ. ରୋଜାଲିନି ସେନାପତି, ଶ୍ରୀଯୁକ୍ତ ବିଦ୍ୟାଧର ଦଳବେହରା, ଶ୍ରୀଯୁକ୍ତ ଲଳିତ କୁମାର ସ୍ୱାଇଁ, ଡ. ପ୍ରତିଚୀ ନନ୍ଦଙ୍କ ଭଳି ଆଠ ଜଣ ବିଶିଷ୍ଟ ସାରସ୍ୱତ ସାଧକ ଓ ସାଧିକା ସମ୍ବର୍ଦ୍ଧିତ ହୋଇଥିଲେ । ଏହା ସହିତ ଏଇ ଉତ୍ସବରେ ଡ. ରୋଜାଲିନି ସେନାପତିଙ୍କ 'ଅକୁହା କଥା' ଓ 'ତୁମକଥା ମନେ ପଡ଼େ' ଦୁଇଟି ପୁସ୍ତକର ଶୁଭ ଲୋକାର୍ପଣ ହୋଇଥିଲା । ସମାରୋହର ଦ୍ୱିତୀୟ ଅଧିବେଶନର କବିତା ପାଠ ଆସରରେ ବହୁସଂଖ୍ୟକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶ୍ରୀମତୀ ସୌଦାମିନୀ ମିଶ୍ର କବିତା ପାଠ ଆସରର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଡ. ଗୀତାଶ୍ରୀ ପ୍ରିୟମ୍ବଦା ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଡ. ଲକ୍ଷ୍ମୀନାରାୟଣ ଦାଶ, ଶ୍ରୀଯୁକ୍ତ ବଂଶୀଧର ସେଠୀ, ଡ. ପ୍ରତିଚୀ ନନ୍ଦ ବି କବିତା ଓ ସାହିତ୍ୟ ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସାଧାରଣ ସଂପାଦିକା ଶ୍ରୀମତୀ ମଧୁଛନ୍ଦା ମିଶ୍ର ଓ ଉପ-ସଭାପତି ବଂଶୀଧର ସେଠୀ ପ୍ରମୁଖ ଏହି ଉତ୍ସବର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପରିଶେଷରେ କବି ଶ୍ରୀଯୁକ୍ତ ବଂଶୀଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଖଡ଼ିଆଳ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ନୂଆପଡ଼ା, ୦୫/୦୫ (ନି.ପ୍ର): ତୁର୍କେଲ ବ୍ରିଜ ନିର୍ମାଣ ଦାବିରେ ଆଜି ଖଡ଼ିଆଳ ଠାରେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚାର କର୍ମକର୍ତା ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରି ତହସିଲଦାର ନରସିଂହ ଗଡବାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ଅତିଶୀଘ୍ର ତୁର୍କେଲ ବ୍ରିଜ ନିର୍ମାଣ କରିବାକୁ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଖଡ଼ିଆଳ-ଭବାନୀପାଟଣାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ତୁର୍କେଲ ବ୍ରିଜର ଏକ ଅଂଶ ଗତ ୮ ମାସ ହେବ ଦବି ଯାଇଛି। ଯାହାଫଳରେ ଯାନବାହାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହି ରାସ୍ତା ଉପରେ ନୂଆପଡ଼ା, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ରାସ୍ତା ବନ୍ଦ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ମଧ୍ୟ ଆନ୍ତରିକତା ଦେଖାଉନାହାନ୍ତି। ଯାହାଫଳରେ ହଜାର ହଜାର ଲୋକେ ହଇରାଣ ହରକତରେ ପଡୁଛନ୍ତି। ରାଜ୍ୟ ସରକାର ଦୃଷ୍ଟି ଦେଇ ବ୍ରିଜ ନିର୍ମାଣ ତୁରନ୍ତ କରିବାକୁ ଦାବି ହୋଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ବେଳେ କୋଶଳ ସଂଘର୍ଷ ବାହିନୀ ନୂଆପଡ଼ା ଜିଲ୍ଲା ସଭାପତି କେଶବ ଚନ୍ଦ୍ର ବେହେରା, କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସିଂ, ଖଡ଼ିଆଳ ବ୍ଲକ ସଭାପତି ଚୈତନ୍ୟ ତାଣ୍ଡି, ଟିକଚନ ଆଡବଙ୍ଗ, ଶ୍ୟାମ ସୁନ୍ଦର ବେହେରା, ହେମସାଗର ମାଝୀ, ସିପୁନ ଖମାରୀ, ଯୁଗଲ ମେହେର, ଜିତୁ ନାଏକ, ଥବିରାମ ବେହେରା, ପ୍ରଦୀପ ବେହେରା, ଚୂଡ଼ାମଣି ବାଗଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

AFFIDAVIT

By virtue of an affidavit before the Notary Public, Baliapal, Balasore, I, Pradip Santara, aged about 56 years, S/o- Bhaskar Santara of Village- Bhanreswar, P.o- Bolang, Via- Langaleswar, P.S.- Singla, Dist.- Balasore, State- Odisha, Pin- 756024, Aadhaar Card No.- 746743367805 declare that my name is Pradip Santara, aged about 56 years, S/o- Bhaskar Santara, Village- Bhanreswar, P.o- Bolang, Via- Langaleswar, P.S.- Singla, Dist.- Balasore, State- Odisha, Pin- 756024 which is mentioned in my Aadhar Card No- 746743367805 and also in my PAN Card No- MUGPS0450J. But in my Transfer Certificate my name has been mentioned as Nanigopal Santara, S/o- Bhaskar Chandra Santara, My transfer Certificate No.- 0077101, dated- 16.1.1992. Both Pradip Santara, S/o- Bhaskar Santara and Nanigopal Santara, S/o- Bhaskar Chandra Santara are one and Same Person.

**Pradip Santara**

# ଆଶାକର୍ମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ୦୫/୦୫ (ନି.ପ୍ର): କେନ୍ଦ୍ରାପଡା ଆଶାକର୍ମୀ ସଂଘ ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୯ ଦଫା ଦାବିପତ୍ର ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଆଶାକର୍ମୀ ମାନଙ୍କୁ ତୁରନ୍ତ ପ୍ରୋତ୍ସାହନ ରାଶି ମାସର ପ୍ରଥମ ସପ୍ତାହରେ ଏକାଥରକେ ପ୍ରଦାନ କରାଯାଉ, ସେକ୍ଟର ବୈଠକରେ ପାରିଶ୍ରମିକ ଘୋଷଣା କରାଯାଉ, ପ୍ରମୋସନ ପେନସନ୍ ବ୍ୟବସ୍ଥା ତୁରନ୍ତ ଲାଗୁ କରାଯାଉ, ସର୍ବନିମ୍ନ ମାସିକ ଦରମା ୨୬ ହଜାର ଟଙ୍କା କରାଯାଉ, ମୃତ୍ୟୁକାଳୀନ ସହାୟତାକୁ ବୃଦ୍ଧି କରାଯାଇ ୫ ଲକ୍ଷ ଟଙ୍କା କରାଯାଉ, କାମ ଥିଲାବେଳେ ଆଶା କର୍ମୀଙ୍କର ମୃତ୍ୟୁ ଘଟିଲେ ତା ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯାଉ, ମୁନିସିପାଲିଟି ଆଶାକର୍ମୀଙ୍କୁ ତୁରନ୍ତ ମୋବାଇଲ୍ ସେଟ୍ ପ୍ରଦାନ କରାଯାଉ ଆଦି ଦାବିଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦିକା କାନ୍ତିପ୍ରଭା ନାୟକ, ଭଜହରି ପ୍ରଧାନ, ରଞ୍ଜୁଲତା ବେହେରା, ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଦିଲ୍ଲୀରେ ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ, ୦୫/୫ (ନି.ପ୍ର): ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଣ୍ଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ୍ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଆଗାମୀ ଦିନରେ ଶିକ୍ଷ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଞ୍ଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତ୍ତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟା ଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି । "ଫର୍ମ ଆଇଆଇଟିଏମ ଫର୍ ଭାରତ. ବଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ । ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ ।

# ଗଣେଶ ସୋରେନ୍ ହେଲେ ଉତ୍ତର ବାଲେଶ୍ୱର ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି



ଜଳେଶ୍ୱର, ୦୫/୫ (ନି.ପ୍ର): ଭାରତୀୟ ଜନତା ପାର୍ଟିର ସାଂଗଠନିକ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି । ଜଳେଶ୍ୱର ଅଞ୍ଚଳର ଜଣାଶୁଣା ଟାଣୁଆ ନେତା ଗଣେଶ ସୋରେନଙ୍କୁ ବିଜେପି ଉତ୍ତର ବାଲେଶ୍ୱର ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ଭାବେ ନୂତନ ନିଯୁକ୍ତି ମିଳିଛି । ରାଜ୍ୟ ଅନୁସୂଚୀତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନଙ୍କ ଅନୁମୋଦନ କ୍ରମେ ଶ୍ରୀ ଗଣେଶ ସୋରେନଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି ।ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ବିଜେପି କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ ଗଣେଶଙ୍କୁ ଏହି ପଦବୀ ମିଳିଥିବାରୁ ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି । ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ସୋରେନ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ।ସେ କହିଛନ୍ତି ଯେ ଯୁବବର୍ଗଙ୍କୁ ଏକଜୁଟ କରି ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ଶକ୍ତିଶାଳୀ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନହିତକର ଯୋଜନାଗୁଡ଼ିକୁ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚାଇବାକୁ ପ୍ରୟାସ କରାଯିବ । ଜଳେଶ୍ୱର ସମେତ ସମଗ୍ର ଉତ୍ତର ବାଲେଶ୍ୱରରେ ଆଦିବାସୀ ସମ୍ପ୍ରଦାୟର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସେ ନିରନ୍ତର କାର୍ଯ୍ୟ କରିବେ ।ଦଳ ମୋ ଉପରେ ଯେଉଁ ଭରସା ରଖିଛି,ମୁଁ ତାକୁ ସୁଚାରୁ ରୂପେ ତୁଲାଇବି ଏବଂ ଆଦିବାସୀ ଭାଇଭଉଣୀଙ୍କ ହକ୍ ପାଇଁ ସର୍ବଦା ଲଢ଼େଇ ଜାରି ରଖିବି ବୋଲି ଗଣେଶ ସୋରେନ କହଛନ୍ତି । ସୂଚନାଯୋଗ୍ୟ ଯେ,ଶ୍ରୀ ସୋରେନ୍ ପୂର୍ବରୁ ଅନେକ ଆଦିବାସୀ ସଂଗଠନ ସହିତ ଜଡ଼ିତ ରହି ସେମାନଙ୍କ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରି ଆସୁଛନ୍ତି ।ତାଙ୍କର ଏହି ନିଯୁକ୍ତି ଆଗାମୀ ଦିନରେ ଉତ୍ତର ବାଲେଶ୍ୱରରେ ବିଜେପିର ସାଂଗଠନିକ ସ୍ଥିତିକୁ ଆହୁରି ମଜବୁତ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

## ଝାରସୁଗୁଡା ଜିଲ୍ଲାରେ କୃଷି ରଥ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ

ଝାରସୁଗୁଡା, ୦୫/୫ (ନି.ପ୍ର): କୃଷକମାନଙ୍କୁ ସାର ବ୍ୟବହାର, ଏଗ୍ରିଷ୍ଟ୍ୟାକ ଓ କୃଷି ସମ୍ପର୍କିତ ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ "ସ୍ପେସିଆଲ କୃଷି ରଥ" କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରେ ଅତିରିକ୍ତ ଜ଼ିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଜ଼ିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ପତାକା ଦେଖାଇ ସ୍ୱତନ୍ତ୍ର କୃଷି ରଥର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଅଭିଯାନ "ଫର୍ଟିଲାଇଜର ଏବଂ ଏଗ୍ରିଷ୍ଟ୍ୟାକ ସଚେତନତା ଉପରେ ନିଶ୍ଚିତ ଭାବେ ଲୋକଙ୍କୁ ସଚେତନ କରିବ ବୋଲି ଅତିରିକ୍ତ ଜ଼ିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ସ୍କିମ ଅଫିସର ଭାଗ୍ୟଶ୍ରୀ ଦାସ, ସହକାରୀ କୃଷି ଅଧିକାରୀ ସସ୍ମିତା ପଟେଲ, ବ୍ଲକ କୃଷି ଅଧିକାରୀ, ଝାରସୁଗୁଡା ଅମ୍ରିତ ଲୁଗୁନ, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ । କୃଷି ରଥ ମାଧ୍ୟମରେ କୃଷକମାନଙ୍କୁ ସଠିକ ସାର ପ୍ରୟୋଗ, ମାଟି ପରୀକ୍ଷା, ଡିଜିଟାଲ କୃଷି ସେବା ଓ ଏଗ୍ରିଷ୍ଟ୍ୟାକ ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରାଯାଉଛି ।

# କଳିଙ୍ଗ ଟ୍ୟୁଟୋରିଆଲ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୦୫/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାରାପୁର ହାଇସ୍କୁଲ ନିକଟସ୍ଥ କଳିଙ୍ଗ ଟ୍ୟୁଟୋରିଆଲ ପରିସରରେ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି କଳିଙ୍ଗ ଟ୍ୟୁଟୋ ରିଆଲର ଛାତ୍ର ଛାତ୍ରୀ ମାନେ ସଫଳତା ହାସଲ କରିଛନ୍ତି । ଏ ଓ୍ୱାନ ତିନି ଜଣ ପାଇଛନ୍ତି ଯଥା ମେଧାବୀ ଛାତ୍ର ସୌମ୍ୟ ରଞ୍ଜନ ବେହେରା, ଛାତ୍ରୀ ମଧୁଛନ୍ଦା ବେହେରା ଓ ଜୟସ୍ମିତା ପାଢ଼ୀ । ସମୁଦାୟ ଏହି କୋଚିଂ ସେଣ୍ଟରରେ ୪୫ ଜଣ ଛାତ୍ର ଛାତ୍ରୀ ପାଠ ପଢୁଥିଲେ । ଏହି ଛାତ୍ର ଛାତ୍ରୀ ମାନେ ସମସ୍ତେ ବାରା ପୁର ହାଇସ୍କୁଲରେ ପାଠ ପଢୁଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ କଳିଙ୍ଗ ଟ୍ୟୁ ଟୋରିଆଲର ଉପଦେଷ୍ଟା ତଥା ଅବସର ପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ଅନିରୁଦ୍ଧ ସାହୁ, ସୁଧାଂଶୁ ଶେଖର ସାହୁ,ନିର୍ଦ୍ଦେଶକ ମାନସ କୁମାର ସାହୁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କୁ ସମାଜରେ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ସାତ ବର୍ଷ ଧରି କଳିଙ୍ଗ ଟୁଟୋରିଆଲ ଶହ ଶହ ଛାତ୍ର ଛାତ୍ରୀ ମାନଙ୍କ ସେବାରେ ଆଗେଇ ଚାଲିଛି ଏବଂ ପ୍ରତ୍ୟେକ ବର୍ଷ ଏହି ଶିକ୍ଷା ଅନୁଷ୍ଠାନରୁ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ସଫଳତା ହାସଲ କରୁଛନ୍ତି ।

# ଦୁଧହଂସା ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ବସ୍ତା, ୦୫/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଜୟପୁର ଓ ଦୁଧହଂସା ବୈଶାଖୀ ମହୋତ୍ସବ କମିଟି ପକ୍ଷରୁ ଷଷ୍ଠ ବୈଶାଖୀ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଆୟୋଜକ ସୁଲଗ୍ନା ଗ୍ରୁପ ଅଫ ଇନିଷ୍ଟିଚିଉଡ୍ ଓ ଆମ ଗାଆଁ ଚେରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଡ଼ ଘନଶ୍ୟାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦଘାଟକ ତଥା ମୁଖ୍ୟ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମାନସ କୁମାର ଦେଓ, ଯୁବ ସମାଜସେବୀ ବିକାଶ ବାରିକ,ସମାଜସେବୀ ସୁମନ୍ତ କୁମାର ଜେନା,ସମୟ ଚକ୍ର ର ସମ୍ପାଦକ ସର୍ବେଶ୍ୱର ଜେନା,ସରପଞ୍ଚ ବନିତା ବିଶ୍ୱାଳ, ଶିକ୍ଷାବିତ ଡ଼କ୍ଟର ଧରଣୀଧର ଘୋଷ,ଅବସର ପ୍ରାପ୍ତ ଶିକ୍ଷକ ଲମ୍ବୋଧର ମହାପାତ୍ର,ଗୌରାଙ୍ଗ ସାହୁ, ମନୋରଞ୍ଜନ ବିଶ୍ୱାଳ, ସଭାପତି ପୁରୁଷୋତ୍ତମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ମହୋତ୍ସବ ମହାସମନ୍ୱୟର ପ୍ରତୀକ । ଗାଁ , ମାଟି ଓ ମୂଲକର ସାମାଜିକ, ଆଧାତ୍ମିକ ଓ ସଂସ୍କୃତିକ ବିକାଶ ପାଇଁ ସମସ୍ତେ ମା ମାଟି କୁ ନ ଭୁଲି ସମସ୍ତେ ସମସ୍ତଙ୍କୁ ଭଲ ପାଇବାକୁ ନିବେଦନ କରିଥିଲେ । ଏହି ଅବସରରେ ଆମ ଗାଁ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ସମାଜସେବୀ ବିକାଶ ବାରିକ, ପଶୁ ଚିକିତ୍ସାକ ଡାକ୍ତର ଲଲାଟେନ୍ଦୁ କେଶରୀ ଦାସ, ଭଗବାନ ସାହୁ, ସାମ୍ବାଦିକ ଭାରତ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ତତ ସହିତ ଅନୁଷ୍ଠାନ ପକ୍ଷରୁ ପଂଚାୟତ ରେ ଥିବା ୭୦ ଟି ଏସ ଏଚ ଜି ଗ୍ରୁପ ମାନଙ୍କୁ ନେଇ ଲେମନ ରେସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ପ୍ରଥମ ମାବ୍ରାହ୍ମଣୀ ଏସଏଚ ଜି ଗ୍ରୁପ, ଦ୍ୱିତୀୟ ବଡାମ ଠାକୁରାଣୀ ଏସ ଏଚ ଜି ଗ୍ରୁପ, ତୃତୀୟ ରେମା ଅମ୍ବିକା ଏସ ଏଚ ଜି ଗ୍ରୁପ ଏବଂ ଚତୁର୍ଥରେ ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ମହୋତ୍ସବରେ ଓଡିଶାର ପ୍ରଥିତଯଶା ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କ ଦ୍ୱାରା ଆଧାତ୍ମିକ ପ୍ରବଚନ, ସଂଗୀତ ସନ୍ଧ୍ୟା, କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ଗଚ୍ଛିତ ଥିବା ଅବ୍ୟବହୃତ ଗହମ ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ତଦନ୍ତ

ଜଳେଶ୍ୱର, ୦୫/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନଛିମପୁର ଗ୍ରାମରେ ଥିବା କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତି କାରଖାନା ନିକଟରେ ଗଚ୍ଛିତ ଥିବା ଅବ୍ୟବହୃତ ଗହମ ସ୍ଥାନାନ୍ତର ପାଇଁ ପ୍ରଶାସନର ତତ୍ପରତା ପ୍ରକାଶ ପାଇବା ପରେ ଆଜି ଜଳେଶ୍ୱର ଏନ ଏଚ ୬୦ ଜମାଲପୁର ବାଇପାସ ନିକଟରେ ଥିବା କାରଖାନାରେ ତଦନ୍ତ ହୋଇଛି । ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଗହମ ସ୍ଥାନାନ୍ତର କରାଯାଉ ନଥିବାରୁ ଏହା ନଷ୍ଟ ହେବାର ଆଶଙ୍କା କରି ବାଲେଶ୍ୱର ଜିଲ୍ଲାପାଳ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସୂଚନା ଅନୁସାରେ, ଆଇସିଡିଏସ ପ୍ରକଳ୍ପ ଅଧୀନରେ କାର୍ଯ୍ୟ କରୁଥିବା ଏହି ସ୍ୱୟଂ ସହାୟକ ଗୋଷ୍ଠୀକୁ ଗତ ୨୦୨୫ ମସିହା ଅକ୍ଟୋବର ମାସ ୨୭ ତାରିଖ ଅର୍ଡର ନଂ ୪୭୩୧ ଅନୁଯାୟୀ କାର୍ଯ୍ୟରୁ ଅବ୍ୟାହତି ବା ବିଚ୍ଛିନ୍ନ କରାଯାଇଥିଲା ।କାର୍ଯ୍ୟରୁ ବାଦ୍ ପଡ଼ିବା ପରେ ମଧ୍ୟ ଗୋଷ୍ଠୀ ନିକଟରେ ବହୁ ପରିମାଣର ଗହମ ଗଚ୍ଛିତ ହୋଇ ରହିଛି ।ଏହି ଷ୍ଟକ୍ ସ୍ଥାନାନ୍ତର ପାଇଁ ପୂର୍ବରୁ ଅନେକ ଥର ନିର୍ଦ୍ଦେଶ ଦିଆଯାଇଥିଲେ ହେଁ,ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା । ଗହମର ମାନ ରକ୍ଷା କରିବା ଏବଂ ସଠିକ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୧୭୬୦ ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଥିଲା । ଉକ୍ତ ଟିମରେ ଆଇସିଡିଏସ ର ଜିଲ୍ଲା ପ୍ରଗ୍ରାମ ଅଫିସର ଗିରିବାଳା ମହନ୍ତ, ମାର୍କେଟିଙ୍ଗ ଇନ୍ସପେକ୍ଟର ଅବନ୍ତିକା ସାହୁ, ସିଡିପିଓ ମିନତି ସିଂ, ଫୋଡ ସୀକୃତି ଅଫିସର ଶଶୀକାନ୍ତ ବେହେରା, ବିପିସି ସନ୍ତୋଷ କୁମାର ପାତ୍ର, ଜଳେଶ୍ୱର ଥାନା ର ସବ ଇନ୍ସପେକ୍ଟର ଚିରଞ୍ଜିବି ରାଉତ, ସୁପରଭାଇଜର ଶୀତଲ ସବିତା ମାଝୀ ବରିଷ୍ଠ କିରାଣୀ ନମିତା ସିଂ ପ୍ରମୁଖ ଆଜି ସକାଳ ୧୦ ଘଟିକା ସମୟରେ ଉକ୍ତ ଛତୁଆ ପ୍ରସ୍ତୁତ ଫେକ୍ଟ୍ରୀ ଠାରେ ଉପସ୍ଥିତ ରହି ଷ୍ଟକ୍ ଯାଞ୍ଚ,ସ୍ଥାନାନ୍ତର ପ୍ରକ୍ରିୟା ସହିତ ମାନ ର ପରୀକ୍ଷା ପାଇଁ ବାଲେଶ୍ୱର ଲେବକୁ ପଠାଇବା ପାଇଁ ନିମ୍ନଲିଖିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ପ୍ରକ୍ରିୟାରେ ସହଯୋଗ କରିବା ପାଇଁ କଲ୍ୟାଣମୟୀ ଏସଏଚଜି ର ସଭାପତି ଓ ସମ୍ପାଦକଙ୍କୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା ।ନିର୍ଦ୍ଧାରିତ ସମୟରେ ଗୋଦାମ ଖୋଲା ରଖିବା ସହ ଗହମ ଷ୍ଟକ୍ ରେଜିଷ୍ଟର ଦାଖଲ କରିବାକୁ କୁହାଯାଇଥିଲା । ସ୍ଥାନାନ୍ତର ସମୟରେ ଯେପରି କୌଣସି ଅନିୟମିତତା ନହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୟୁଏଇରେ ଇରାନର...

ହର୍ମୁଜ ପ୍ରଣାଳିରୁ ଇରାନର ଦବଦବା ହଟାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିଶାଳ ସାମରିକ ଅଭିଯାନ 'ପ୍ରୋଜେକ୍ଟ ଫ୍ରିଡମ୍' ଆରମ୍ଭ କରିଛନ୍ତି । ଏହି ଅଭିଯାନ ଆଧାରରେ ଆମେରିକୀୟ ନୌସେନା ସୋମବାର ଇରାନର ସାତଟି ଦ୍ରୁତଗାମୀ ନୌକାକୁ ଧ୍ୱଂସ କରିଥିବା ବେଳେ ଏକାଧିକ କ୍ରୁଜ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ବିଫଳ କରିଦେଇଛି । ଆମେରିକା ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ ବ୍ରାଡ କୁପର ସୂଚନା ଦେଇଛନ୍ତି ଯେ, ଏହି ଅଭିଯାନରେ ୧୫୦୦୦ ଆମେରିକୀୟ ସୈନ୍ୟ, ଅତ୍ୟାଧୁନିକ ବିଧ୍ୱଂସକାରୀ ଯୁଦ୍ଧପୋତ, ଶହେରୁ ଅଧିକ ବିମାନ ଓ ସବମାରିନ୍ ସାମିଲ ରହିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକୀୟ କମାଣ୍ଡରମାନଙ୍କୁ ନିଜ ସୈନ୍ୟ ଓ ବ୍ୟବସାୟିକ ଜାହାଜଗୁଡ଼ିକୁ ସିରକ୍ଷା ଦେବା ପାଇଁ ପୂର୍ଣ୍ଣ ଅଧିକାର ଦିଆଯାଇଛି । ତେବେ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଫେବୃଆରୀ ୨୮ରୁ ଇରାନର ଅବରୋଧ ଯୋଗୁଁ ଅଟକି ରହିଥିବା ଅନ୍ତର୍ଜାତୀୟ ଜଳପଥକୁ ପୁନଃ ସଚଳ କରିବା । ଇରାନର ଧମକ ସତ୍ତ୍ୱେ ଆମେରିକା ବ୍ୟବସାୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯାତାୟାତ କରିବାକୁ ଉତ୍ସାହିତ କରୁଛି ଏବଂ ଏହାର ପ୍ରଭାବ ସ୍ୱରୂପ ବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଥିବା ଆମେରିକା ଦାବି କରିଛି, କିନ୍ତୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ଦାବିକୁ ଖଣ୍ଡନ କରିବା ସହ ଆମେରିକୀୟ ଜାହାଜଗୁଡ଼ିକ ଚଳାଚଳ କରୁନଥିବା କହିଛି । ଅନ୍ୟପଟେ ହର୍ମୁଜରେ ଏକ ଦକ୍ଷିଣ କୋରିଆ ଜାହାଜ ଉପରେ ହୋଇଥିବା ବିସ୍ଫୋରଣକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି ଯେ, ସମ୍ପୃକ୍ତ ଜାହାଜ ଏହି ଅଭିଯାନର ଅଂଶ ନଥିଲା ଏବଂ ଦକ୍ଷିଣ କୋରିଆକୁ ଏହି ସୁରକ୍ଷା ମିସନରେ ସାମିଲ ହେବା ଉଚିତ ।

## ୧୫ ହଜାର ଟଙ୍କା ଲାଞ୍ଚ...

ଅଭିଯୋଗ ଭିତ୍ତିରେ ଭିଜିଲାନ୍ସ ଟିମ୍ ଛକି ବସି ଆବେଦନକାରୀଙ୍କ ଠାରୁ ମାଗିଥିବା ଲାଞ୍ଚଟଙ୍କା ନେବା ବେଳେ ରଙ୍ଗେହାତ ଧରିଥିଲେ । ଏନେଇ ଭିଜିଲାନ୍ସ ବିଭାଗ ମଇ ୪ରେ ପିସିଆଇନ, ୨୦୧୮ର ଧାରା ୭ରେ ଏକ ମାମଲା ରୁଜୁ କରିଥିଲା । ଏହା ପରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଆଶଙ୍କାରେ ବଲାଙ୍ଗୀରୀ ଜିଲ୍ଲା କଣ୍ଟାବାଞ୍ଜି ଠାରେ ଥିବା ଭଡ଼ାଘର, କଟକ ଜଗତପୁରର ତରୋଲା ପୈତୃକ ବାସଭବନ, ଯାଜପୁର ବରୀ ବାଲିଆପାଳ ଠାରେ ଥିବା ବାସଭବନ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଯାଞ୍ଚ ଆରମ୍ଭ କରିଛି । ଅଭିଯୁକ୍ତ କୋର୍ଟ ଅମିନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଏହା ପୂର୍ବରୁ ୮ ଫେବ୍ରୁଆରି ୨୦୨୪ରେ ଉକ୍ତ କୋର୍ଟ ଅମିନ ବଲାଙ୍ଗୀର ସଇଁତଳା ତହସିଲରେ କାମ କରିବା ବେଳେ ୮ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ ।

## ରାଜ୍ୟସଭା ନିର୍ବାଚନରେ ...

ଉପମୁଖ୍ୟ ସଚେତକ ଏବଂ ଦଳର ଅଧିକୃତ ଏଜେଂଟ ଡ଼ ଅରୁଣ କୁମାର ସାହୁ: ବିଧାୟକ ଏବଂ କାଉଂଟିଂ ଏଜେଂଟ ଡ଼ ସସ୍ମିତ ପାତ୍ର: ସାଂସଦ ଏବଂ କାଉଂଟିଂ ଏଜେଂଟ (ମାମଲାର ଆବେଦକ) ବିଜୁ ଜନତା ଦଳର ପକ୍ଷ ଉପସ୍ଥାପନ କରିବେ । ପୁନର୍ବାର ଏହି ଅନିୟମିତତାରେ ତ୍ୱରିତ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ, ନିରପେକ୍ଷ ଏବଂ ପାରଦର୍ଶୀ ତଦନ୍ତ ଦାବି କରୁଛି, ଯାହା ନିର୍ବାଚନ ପ୍ରକ୍ରିୟାର ପବିତ୍ରତାକୁ ରକ୍ଷା କରିବ । ଦଳ ସଦାସର୍ବଦା ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଓ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଗୁରୁତ୍ୱ ଦେଇଆସିଛି ।

## ଗୁଜରାଟରୁ ପୁଞ୍ଜିନିବେଶ...

ନିସ୍ତା ଲାଲଭାଇ, ନିର୍ମା ଲିମିଟେଡ୍‌ର କର୍ସନଭାଇ ପଟେଲ, ଆରଏମ୍‌ଟିଏଲ୍‌ର ପ୍ରକାଶ ସାଂଘଭି ଓ ବୋରୋସିଲ୍ ଲିମିଟେଡ୍‌ର ସିଇଓ ମେଲ୍‌ୱିନ ମୋସେସ୍ ସାକ୍ଷାତ କରିଥିଲେ । ଗୁଜରାଟ ଗସ୍ତ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟବାସୀଙ୍କ କଲ୍ୟାଣ ଓ ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଆମ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ରାଜ୍ୟର ଶିଳ୍ପ ସମୃଦ୍ଧି ଓ ଆମ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆମର ସର୍ବୋଚ୍ଚ ପ୍ରାଥମିକତା । ସେହି ସଂକଳ୍ପକୁ ସାକାର କରିବା ପାଇଁ ନିବେଶକମାନଙ୍କୁ ଆକୃଷ୍ଟ କରି ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତିକୁ ଆହୁରି ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୁଁ ଗୁଜରାଟ ଗସ୍ତରେ ଆସିଛି । ବିଶ୍ୱସ୍ତରୀୟ ପୁଞ୍ଜିନିବେଶକାରୀଙ୍କୁ ଓଡ଼ିଶାର ଶିଳ୍ପ ସାମର୍ଥ୍ୟ ସହ ପରିଚିତ କରାଇବା ଏବଂ ସେମାନଙ୍କୁ ଆମ ରାଜ୍ୟର ଏହି ଅପରାଜେୟ ବିକାଶ ଯାତ୍ରାରେ ସହଭାଗୀ କରାଇବା ଏହି ଗସ୍ତର ମୂଳ ଅଭିପ୍ରାୟ। ଆମର ଯୁବଶକ୍ତିଙ୍କ ପାଇଁ ନିଜ ମାଟିରେ ହିଁ ସମ୍ମାନଜନକ ଜୀବିକାର ସୁଯୋଗ ସୃଷ୍ଟି କରିବା ସହ ଏକ ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ୮ଟି ଜିଲ୍ଲା ନିମନ୍ତେ...

ବିଶ୍ୱ ରଞ୍ଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ରୋହିତ ଯୋସେଫ୍ ତିର୍କି, ରୁଦ୍ର ପ୍ରତାପ ମହାରଥୀ, ପ୍ରମୋଦ ସାମଲ, କାଶୀନାଥ ହେମ୍ବ୍ରମ୍, ବିଷ୍ଣୁବ୍ରତ ରାଉତରାୟ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ଗୋବର୍ଦ୍ଧନ ଦାସ, ମହମ୍ମଦ ଡବ୍ଲୁ ସକିଲ, ସୁବାସ ଚନ୍ଦ୍ର ପାତ୍ର, ଜଗଦୀଶ ପାତ୍ର, ସୁରେନ୍ଦ୍ର ମହାପାତ୍ର, ଜଗବନ୍ଧୁ ଦାସ, ଶିଶିର ପରିଜା, ପ୍ରଶାନ୍ତ ନାୟକ, ଅମୀୟ ଦାସ, ବିପ୍ଲବ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ଏହା ବ୍ୟତୀତ ୪୪ଜଣଙ୍କୁ ସମ୍ପାଦକ ଓ ୧୧ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି ।

## ପଶ୍ଚିମବଙ୍ଗରେ ମେ ୯ରେ...

ସମ୍ମିଳନୀରେ ଘୋଷଣା କରିଛନ୍ତି । ସେ କହିଛନ୍ତି, "ଆମେ ହାରି ନାହୁଁ । ମୁଁ ହାରି ନାହିଁ । ତେଣୁ ରାଜ ଭବନ ଯିବି ନାହିଁ । ମୁଁ ଇସ୍ତଫା ଦେବି ନାହିଁ । ବିଜେପି ଲୁଟ କରି ବିଜୟ ହାସଲ କରିଛି ।" ବେଙ୍ଗଲରେ ବିଜେପି ୧୦୦ ସିଟ ଲୁଟ କରିଥିବା କଥା ଦୋହରାଇଛନ୍ତି ଦିଦି । ସେ କହିଛନ୍ତି, "ଗଣତନ୍ତ୍ର ଏମିତି କାମ କରେ ନାହିଁ । ଯେତେବେଳେ ନିର୍ବାଚନ କମିଶନ ପକ୍ଷପାତିତା କରୁଛନ୍ତି ଓ ସରକାର ଗୋଟିଏ ଦଳର ଶାସନ ଚାହୁଁଛନ୍ତି ସେତେବେଳେ ଗୋଟିଏ ଖରାପ ବାର୍ତ୍ତା ପୂରା ବିଶ୍ୱକୁ ଯାଉଛି ।" ମମତା ବାନାର୍ଜୀ ପରାଜୟର ସବୁ ଦୋଷ ଭାରତୀୟ ନିର୍ବାଚନ କମିଶନ ଓ କେନ୍ଦ୍ରୀୟ ସୁରକ୍ଷା ବଳ ଉପରେ ଲଦିଛନ୍ତି । ନିର୍ବାଚନ କମିଶନ ଅତ୍ୟନ୍ତ ଖରାପ ଖେଳ ଖେଳିଛନ୍ତି । ବାସ୍ତବରେ ବିଜେପି ନୁହେଁ, ବରଂ ତାଙ୍କ ଦଳ ନିର୍ବାଚନ କମିଶନ ସହ ଲଢୁଥିବା ମମତା କହିଛନ୍ତି । ସେ କହିଛନ୍ତି, "କେନ୍ଦ୍ର ସରକାର ନିର୍ବାଚନ ପ୍ରକ୍ରିୟାରେ ସିଧାସଳଖ ହସ୍ତକ୍ଷେପ କରିଛନ୍ତି । ସେମାନେ ଯେମିତି ମହାରାଷ୍ଟ୍ର, ହରିୟାଣା, ବିହାରରେ କରିଥିଲେ ଏବେ ବେଙ୍ଗଲରେ ସମାନ ପଦକ୍ଷେପ ନେଇଛନ୍ତି ।" ୭୧ ବର୍ଷୀୟ ମମତା ଅଭିଯୋଗ କରିଛନ୍ତି ଯେ କାଉଣ୍ଟିଂ ସେଣ୍ଟରରେ ତାଙ୍କଚ ମାଡ଼ ମରାଯାଇଥିଲା । ସେ କହିଛନ୍ତି, "ମୋ ପେଟ ଓ ପିଠିକୁ ଗୋଇଠା ମରାଯାଇଛି । ସିସିଟିଭିକୁ ବନ୍ଦ କରାଯାଇଥିଲା । କାଉଣ୍ଟିଂ ସେଣ୍ଟରରୁ ମୋତେ ଧକ୍କା ମାରି ବିଦା କରାଯାଇଛି । ଜଣେ ମହିଳା ହିସାବରେ ମୋ ସହ ଦୁର୍ବ୍ୟବହାରୁ କରାଯାଇଥିଲା ।" ମମତା ଆହୁରି କହିଛନ୍ତି ଯେ ନିର୍ବାଚନ ପରଠାରୁ ଟିଏମସିର କର୍ମୀ ଓ ଅଫିସ ଉପରେ ଆକ୍ରମଣ କରାଯାଉଛି । ବିଭିନ୍ନ ଲୋକଙ୍କୁ ଧମକ ଦିଆଯାଉଛି । ଟିଏମସି କର୍ମୀମାନେ ଭୟରେ ରହିଛନ୍ତି । ବିଜେପି ନେତା ଓ କର୍ମୀଙ୍କ ଆକ୍ରମଣରେ ଅନେକ ଟିଏମସି କର୍ମୀ ଆହତ ହୋଇଛନ୍ତି । ବିଜେପି ପକ୍ଷରୁ ଟିଏମସିର ଏକାଧିକ ଅଫିସକୁ ଜାଳି ଦିଆଯାଇଛି । ସେମାନେ ଟିଏମସିର ମୁଖ୍ୟାଳୟକୁ ମଧ୍ୟ ଦଖଲ କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି । ମମତା ବାନାର୍ଜୀ ସାମ୍ବାଦିକ ସମ୍ମିନଳୀରେ ଭାରତୀୟ ନିର୍ବାଚନ କମିଶନଙ୍କ ବିରୋଧରେ ପକ୍ଷପାତିତା ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି, "ଆମର ଲଢ଼େଇ ବିଜେପି ସହ ନୁହେଁ, ବରଂ ନିର୍ବାଚନ କମିଶନଙ୍କ ସହ । ବିଜେପି ଇସିଙ୍କୁ ବ୍ୟବହାର କରି ସବୁ କିଛି ଯୋଜନା କରିଥିଲା । ଏହା ଗଣତନ୍ତ୍ରର ନିର୍ମମ ହତ୍ୟା । ଯଦି ସେମାନେ ସ୍ୱଚ୍ଛତାର ସହ ନିର୍ବାଚନ ଜିତି ଥାଆନ୍ତେ, ତା'ହେଲେ ମୁଁ କୌଣସି ଅଭିଯୋଗ କରି ନଥାଆନ୍ତି । କିନ୍ତୁ ଆମେ ହାରି ନାହିଁ । ସେମାନେ ଚୋରି କରିଛନ୍ତି ।" ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ ମଧ୍ୟ ଆଣିଛନ୍ତି ମମତା । ସେ କହିଛନ୍ତି, "ସେମାନେ ୯୦ ଲକ୍ଷ ନାଁ ଡିଲିଟ କରିଥିଲେ । ଆମେ ଯେତେବେଳେ କୋର୍ଟକୁ ଗଲୁ ୩୨ ଲକ୍ଷ ପୁଣି ଯୋଡ଼ା ଯାଇଥିଲା । ଏହାପରେ ଆଉ ୭ ଲକ୍ଷ ନାଁ ସାମିଲ କରାଯାଇଥିଲା । କେହି ଜାଣିପାରିଲେ ନାହିଁ,ଏସବୁ କେମିତି ହେଲା ? ମୁଁ ମୋ ଜୀବନରେ ଏମିତି ନିର୍ବାଚନ କେବେ ଦେଖିନି । ୨୦୦୪ରୁ ଏପରି ଅତ୍ୟାଚାର କେବେ ବି ଦେଖି ନାହିଁ । ଏହା ଅତ୍ୟନ୍ତ ଭୟଙ୍କର ।" ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ପ୍ରଚାର ଓ ଗଣତି ବେଳେ ଅନେକ ହିଂସାକାଣ୍ଡ ଘଟିଛି । ତାଙ୍କ ଦଳର କର୍ମୀଙ୍କୁ ଆକ୍ରମଣ ଓ ଭୟଭୀତ କରାଯାଇଥିବା ସେ ଦାବି କରିଛନ୍ତି । ସେ କହିଛନ୍ତି, "ପ୍ରଥମ ରାଉଣ୍ଡ ଭୋଟ ପରେ ବିଜେପି ଏତେ ସଂଖ୍ୟକ ଆସନ ଜିତୁଥିବା ମିଡିଆ କହିଥିଲା । ଏହାପରେ ବିଜେପି ବୁଥରେ ପଶିଥିଲା ଓ ଆମ ଲୋକଙ୍କୁ ପିଟିବା ଆରମ୍ଭ କରିଥିଲା । ବିଜେପି ଓ ତା'ର ଗୁଣ୍ଡାମାନେ ଅତ୍ୟାଚାର ଆରମ୍ଭ କରିଥିଲେ । ପୁଲିସ୍ ପୂରା ନିଷ୍କ୍ରିୟ ହୋଇ ରହିଥିଲା । ସେମାନେ ଆମ ଲୋକଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଛନ୍ତି । ସେମାନେ ଏସ୍?ସି/ଏସଟି ପରିବାର ଉପରେ ମଧ୍ୟ ଆକ୍ରମଣ କରୁଛନ୍ତି । ମହିଳାମାନଙ୍କୁ ଧମକ ଦିଆଯାଇଛି । ମହିଳାମାନଙ୍କୁ ଦୁଷ୍କର୍ମ କରାଯିବ ବୋଲି ସେମାନେ ଧମକ ଦେଇଛନ୍ତି ।" କେନ୍ଦ୍ରୀୟ ଫୋର୍ସର ଆଚରଣ ଉପରେ ପ୍ରଶ୍ନ ଉଠାଇ ମମତା ପଚାରିଛନ୍ତି ଯେ "ଏହା ଯବାନ ବାହିନୀ ନା ଗୁଣ୍ଡା ବାହିନୀ ? କେନ୍ଦ୍ରୀୟ ବଳ ଏମିତି ବ୍ୟବହାର କରିବା ମୁଁ କେବେ ଦେଖି ନାହିଁ ।" ଆମେ ଦୃଢ଼ ଭାବେ ଫେରିବୁ । ବେଙ୍ଗଲରେ ବଡ଼ ପରାଜୟ ସତ୍ତ୍ୱେ ମମତା ହାର ମାନି ନାହାନ୍ତି । ସେ ଓ ତାଙ୍କ ଦଳ ଲଢ଼େଇ ଜାରି ରଖିବ ବୋଲି ଦମ୍ଭୋକ୍ତି କରିଛନ୍ତି । ସେ କହିଛନ୍ତି, "ଆମେ ବାଘ ଭଳି ଲଢ଼ିଛୁ । ଆମେ ଆଗକୁ ମଧ୍ୟ ଲଢ଼େଇ ଜାରି ରଖିବୁ । ଆମେ ପୁଣି ଦୃଢ଼ ଭାବେ ଫେରିବୁ ଓ ଏହି ଯୁଦ୍ଧରେ ଲଢ଼େଇ କରିବୁ । ମୁଁ ଚେୟାରକୁ ଖାତିର କରେ ନାହିଁ । ମୁଁ କେବଳ ଲୋକଙ୍କ କଥା ଭାବେ ।" ବେଙ୍ଗଲ ରେଜଲ୍ଟ ପରେ ଇଣ୍ଡିଆ ମେଣ୍ଟର ସବୁ ସଦସ୍ୟ ତାଙ୍କୁ ସମର୍ଥନ ଘୋଷଣା କରିଥିବା ମମତା ଦାବି କରିଛନ୍ତି । ସେ କହିଛନ୍ତି, "ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ଅରବିନ୍ଦ କେଜ୍ରିୱାଲ, ଉଦ୍ଧବ ଠାକରେ, ହେମନ୍ତ ସୋରେନ, ତେଜସ୍ୱୀ ଯାଦବ ମୋତେ କଲ କରିଥିଲେ । ସେମାନେ ସମସ୍ତେ କହିଛନ୍ତି ଯେ ଇଣ୍ଡିଆ ମେଣ୍ଟ ମୋ ସହିତ ରହିଛି । ଅଖିଲେଶ ଯାଦବ ବୁଧବାର ଆସୁଛନ୍ତି ।

ବୁଧବାର, ମଇ ୦୬, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣର ବାର୍ଷିକ ଉତ୍ସବ 'ପ୍ରତିଫଳନ-୨.୦' ଅନୁଷ୍ଠିତ



ବାରିପଦା , ୦୫/୫ (ନି.ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୁରଭଞ୍ଜର ବାର୍ଷିକ ଉତ୍ସବ ପରିସରରେ ଥିବା ସଭାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ଓ ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହ ପ୍ରଧାପକ ଚିତ୍ରସେନ ସେଠୀ ଓ ମୁଖ୍ୟ ବକ୍ତା ଭାବେ ଉକ୍ତ ଅନୁଷ୍ଠାନର ପୁର୍ବତନ ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣି ତଥା ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ, କଟକ ର ଅଧକ୍ଷ ନିରଞ୍ଜନ ସାହୁ, ମୁଣ୍ଡାରୀ ସମ୍ପ୍ରଦାୟର ଭାଷା ସଂସ୍କୃତି ଉପରେ କାର୍ଯ୍ୟରତ ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବର ଆଭିମୁଖ୍ୟ, ଉପାଦେୟତା ଉପରେ ଆଲୋକପାତ କରିଥିଲେ ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ମୟୁର ଗଡ଼ର ବାର୍ତ୍ତା' ଅତିଥିଙ୍କ ହାତରେ ଉନ୍ମୋଚିତ ହୋଇଥିଲା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ତତସହିତ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ / ପ୍ରଶିକ୍ଷିକା, କର୍ମଚାରୀ ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶିକ୍ଷକ ପ୍ରଶିକ୍ଷିକା ରୁପାଲୀ ରଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଦଶଦିନିଆ ଭଦ୍ରକ ବୈଶାଖୀ ମେଳା ଉଦ୍‌ଯାପିତ




ଭଦ୍ରକ, ୦୫/୫ (ନି.ପ୍ର): ଉତ୍କଳୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭଦ୍ରକ ସହରରେ ସ୍ଥାନୀୟ ନେହେରୁ ପଡ଼ିଆ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ଦଶଦିନ ଧରି ଚାଲିଥିବା 'ବୈଶାଖୀ ମେଳା' ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଉତ୍କଳୀୟ ସଂସ୍କୃତିରେ ବୈଶାଖୀ' ପ୍ରସଙ୍ଗ ଉପରେ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶା ସୁପରିଚିତ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍କଳୀୟ ପରମ୍ପରାରେ ବୈଶାଖ ମାସର ପବିତ୍ରତା, ଧାର୍ମିକତା ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିବା ସହ ସମ୍ମିଳିତ ହେବାରେ ଜୀବନର ସାର୍ଥକତା ଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ବରୁଣ ଚାନ୍ଦ ଯୋଗଦେଇ ବୈଶାଖ କେବଳ ଏକ ଋତୁ ପରିବର୍ତ୍ତନର ସଙ୍କେତ ନୁହେଁ, ବରଂ ଏହା ଆମ ଜୀବନ, ଜୀବିକା ଓ ଶ୍ରଦ୍ଧାପୂର୍ଣ୍ଣ ଚେତନା ସହ ସଂଶ୍ଳିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବୈଶାଖୀ ସ୍ୱରରେ ଆମ ମାଟି ଓ ମନ ମହକିତ ହୋଇଛି ବୋଲି ମତପ୍ରକାଶ କରିଥିଲେ। ମେଳା କମିଟି ସଦସ୍ୟ ଅଧିବକ୍ତା ଗଦାଧର ବଳ, ଇଂ. ଅମ୍ବିକା ସ୍ୱାଇଁ, ସମ୍ପାଦକ ରୂପକ ବିହାରୀ ରାୟ, ସଦସ୍ୟା ବସୁମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ, ସୁଧାକର ରାଉତ, ଅଶୋକ ଦ୍ୱିବେଦୀ, ଶାନ୍ତିଲତା ନାୟକ, ବସୁମିତ୍ରା ସାହୁ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ମନୋରଞ୍ଜନ ଦାସ, ପଦ୍ମନ ରାୟ, ସୁଧାକର ରାଉତ, ଉମାକାନ୍ତ ପାଳ, ମଦନ ମୋହନ ନାୟକ, ମୁକ୍ତିକାନ୍ତ ନାୟକ, ବୈଲୋଚନ ବେହୁରିଆ, କୈଳାସ ମହାପାତ୍ର, ଅଶୋକ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବୈଶାଖୀ ମଳର ସମ୍ପାଦକ ରୂପକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଶ୍ରୀ ନାୟକ ଭବ୍ୟ ମେଳା ଆୟୋଜନରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ, ବିଭିନ୍ନ ସଂସ୍ଥା, ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଏହି ମେଳାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ଭଦ୍ରକର ଏହି ଭବ୍ୟ ଆୟୋଜନ ସହରର ସାଂସ୍କୃତିକ ଏକତାକୁ ଜାଗରୁକ କରିଛି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା।

## ବିଜେଡି ଦଳର ନେତା ନୁହଁ କର୍ମୀମାନେ ହିଁ ସମ୍ବଳ: ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ

ସିମୁଳିଆ, ୦୫/୫ (ନି.ପ୍ର): ସିମୁଳିଆ ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ତଥା ବିଜେଡି ସରକାରର ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦ୍ୱିତୀୟ ଥର ପାଇଁ ଜିଲା ସଭାପତି ଭାବେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଯୁକ୍ତି ହୋଇଛନ୍ତି । ଉକ୍ତ ଖବର ଖଇରା ଓ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ପହଞ୍ଚିବା ପରେ ବିଜେଡି କର୍ମ ମାନେ ଉତ୍ସାହିତ ହୋଇ ପଡିଛନ୍ତି । ହଜାର ହଜାର ସଂଖ୍ୟାର ବିଜେଡି କର୍ମୀ ବିଭିନ୍ନ ଛକ ବଜାରେ ଏକଜୁଟ ହୋଇ ବାଣ ଫୁଟାଇ ଖୁସି ମନାଇଥିଲେ। । ଏହି ପରିପ୍ରେକ୍ଷୀରେ ଖଇରା ବ୍ଲକ ଡୁଙ୍ଗୁରା ଦୁର୍ଗା ମଣ୍ଡପ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ବିଜେଡି ସଭାପତି ତଥା ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ,ସିମୁଳିଆ ବ୍ଲକ ସଭାପତି ଉମାକାନ୍ତ ମହାନ୍ତି , ଅବସରପ୍ରାପ୍ତ ଅଧାପକ ପ୍ରଫୁଲ୍ଲ କୁମାର ମହାନ୍ତି, ଯୁବ ନେତା ବିଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ନିର୍ବାଚନ ମଣ୍ଡଳି ଏବଂ ଜିଲ୍ଲାରେ ବିଜେଡି ଶକ୍ତିଶାଳୀ ହେବା ସହ ଦୁର୍ନିତି ଚଲାଇଥିବା ଭାଜପା ସରକାରଙ୍କୁ ହଟାଇବାକୁ ସକ୍ଷମ ହେବ । ନ୍ୱ ନିଯୁକ୍ତ ସଭାପତି ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସେ ୧୦ ବର୍ଷଧରି ବିଧାୟକ ଓ ମନ୍ତ୍ରୀ ପଦବିରେ ରହିବା ସମୟରେ ସେବାକୁ ଗୁରୁତ୍ୱ ଦେଇ ଆସିଥିଲେ । କ୍ଷମତାରୁ ଯିବା ପରେ ମଧ ସେ ସେବା ମନୋଭାବରୁ କେବେ ବିଚ୍ୟୁତ ହୋଇ ନାହାଁନ୍ତି । ବିଜେଡି ନେତା ଅପେକ୍ଷା କର୍ମୀ ଙ୍କୁ ଗୁରୁତ୍ୱ ଦିଆଯିବ ନେଇ ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନରେ ବିଜେଡି କିଭଳି ପଞ୍ଚାୟତ ଓ ଜିଲା ଦଖଲ କରିବ ସେଥି ପାଇଁ ପ୍ରତ୍ୟେକ ବିଜେଡି କର୍ମୀଙ୍କୁ ଜଣେ ଜଣେ ଆଗଧାଡିର ସୈନିକ ଭଳି କାର୍ଯ୍ୟ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡୁଙ୍ଗୁରା ବିଜେଡି ସଭାପତି ନିରଞ୍ଜନ ବେହେରା, ଯୁବନେତା ମୁକେଶ କୁମାର ଜେନା, ବଡ଼ ଜୟପୁର ର ପୂର୍ବତନ ସରପଞ୍ଚ ଦେୌ ।ତାରି ସେଠି , ଯୁବନେତା ପପୁ କୁଅଁର ଙ୍କସମେତ ବିଜେଡି ର ବିଭିନ୍ନ ସଂଗଠନ କର୍ମୀ, ନିର୍ବାଚିତ ଲୋକ ପ୍ରତିନିଧି , ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ନବ ନିଯୁକ୍ତ ସଭାପତି ଶ୍ରୀ ପାଣିଗ୍ରାହୀ କେକ କାଟିଥିଲେ।

## ମହୁମାଛି ଆକ୍ରମଣରେ ୨ ଗୁରୁତର: ରେମୁଣା ମେଡ଼ିକାଲକୁ ସ୍ଥାନାନ୍ତର

ନୀଳଗିରି , ୦୫/୫ (ନି.ପ୍ର): ମହୁମାଛି ଆକ୍ରମଣରେ ଦୁଇ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଅଞ୍ଚଳର ସାର୍ଥକ ରଞ୍ଜନ ଦାସ ରଞ୍ଜନ ବେହେରା ମିତ୍ରପୁରରୁ ନୀଳଗିରି ଆସୁଥିବା ବେଳେ ଧୋବଶିଳା ନିକଟରେ ଏକ ମହୁମାଛି ପଲ ଅତର୍କିତ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପାଖପାଖି ଦୁଇଶହରୁ ତିନିଶହ ମହୁମାଛି ଆକ୍ରମଣ କରିଥିବା ଜଣାଯାଇଛି।

## ପିଇବାପାଣି ପାଇଁ ଗରା, ବାଲତି ରଖି ମହିଳାଙ୍କ ରାସ୍ତା ଅବରୋଧ



ନୀଳଗିରି , ୦୫/୫ (ନି.ପ୍ର): ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତ ନଟାପଡ଼ା ଗ୍ରାମରେ ୧୦୦ରୁ ଅଧିକ ପରିବାର ରହୁଥିବା ବେଳେ ଆଜକୁ ୧୫ଦିନଧରି ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପାଣିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ବି କୌଣସି ସୁଫଳ ନମିଳିବାରୁ ଶେଷରେ ମଙ୍ଗଳବାର ଦିନ ମହିଳାମାନେ ହାତରେ ଗରା ବାଲତି ଧରି ନରଣପୁର ମାଟିଆଳୀ ରାସ୍ତାର ନଟାପଡ଼ା ଛକନିକଟରେ ରାସ୍ତା ଅବରୋଧକରି ପ୍ରତିବାଦ କରିଛନ୍ତି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କଲାପରେ ଘଟଣାସ୍ଥଳରେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ତୁରନ୍ତ ପାଇପଯୋଗେ ଜଳଯୋଗାଣ କରାଯିବାର ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

## ଟ୍ରକକୁ ପଛପଟୁ ଧକ୍କା ଦେଲା ହାଇୱା: ହେଲପର ମୃତ, ଡ୍ରାଇଭର ଆହାତ

ବସ୍ତା ୫/୫(ନିପ୍ର):ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯୁକନଣ୍ଡି ଛକ ଅନତି ଦୂରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଦୃଘଟାଣାରେ ଜଣେ ମୃତ ଜଣେ ଆହତ।ସୂଚନା ଥାଉ କି ଯେ, ଆଜି ଭୋର ୪.୦୫ ମିନିଟ ସମୟରେ ରାଜପଥର ଯୁକନଣ୍ଡି ଛକ ନିକଟରେ ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଯାଉଥିବା ଡବ୍ଲୁ ବି ୨୩ ଡି ୪୧୯୮ ଟ୍ରକକୁ ପଛ ପଟୁ ଓଡି ୦୧ ଏପି ୨୮୨୦ ଏକ ହାଇୱା ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହାଇୱାର ହେଲ୍ପର ଚାନ୍ଦ କିସ୍କୁ (୩୪) ମୃତ୍ୟୁ ବରଣ କରିଥିବା ବେଳେ ଗାଡିର ଡ୍ରାଇଭର ଆହତ ହୋଇଥିବା ଜଣାପଡିଛି। ରୁପ୍ସା ପୋଲିସ,ରାଜପଥ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ଉଦ୍ଧାର କରି ହସ୍ପିଟାଲକୁ ପଠାଇଛନ୍ତି।

## ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ର ତୃତୀୟ ସନ୍ଧ୍ୟା




ଭଦ୍ରକ, ୦୫/୫ (ନି.ପ୍ର): ପୁରାଣରେ ବର୍ଣ୍ଣିତ ନାରୀ ଚରିତ୍ର; ସାବିତ୍ରୀ,ସୀତା , ଊର୍ମିଳା, ଅନସୂୟା, କୁନ୍ତୀ, ଗାନ୍ଧାରୀ, ଅହଲ୍ୟା, ଦ୍ରୌପଦୀ, ଯଶୋଦା, ଗାର୍ଗୀ, ଲୋପାମୁଦ୍ରା ପରି ଅଧିକାଂଶ ନାରୀ ଚରିତ୍ର ଯେପରି ପୂଜନୀୟା ସେପରି ଇତିହାସର ତଥା ସାମ୍ପ୍ରତିକ ସମୟର ବହୁ ନାରୀ ଚରିତ୍ର ବନ୍ଦନୀୟା। ଯୁଗେ ଯୁଗେ ମା' ତଥା ନାରୀ ଚରିତ୍ର ବନ୍ଦନୀୟା ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟିର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ ତଥା ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକର ଜିଲ୍ଲାପାଳ, ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । 'ଅମୃତ ଦର୍ଶନ'ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ପ୍ରବାଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଭଦ୍ରକ ପୌରପାଳିକା ପାରିଷଦ ସଦସ୍ୟା ସ୍ୱାଗତିକା ନାୟକ, କବୟିତ୍ରୀ ଓ ଅଧିବକ୍ତା ଚୈତାଳି ଖିଲାର ସମ୍ମାନନୀୟା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ ହୋଇ ଥିଲା ଏବଂ କବୟିତ୍ରୀ ଓ ପ୍ରାବନ୍ଧିକା ପ୍ରୀତିଲତା ପଣ୍ଡା ଓ ଅଧାପିକା ଦେବସ୍ମିତା ମିଶ୍ର କବିତା ସଂଯୋଜନା କରିଥିଲେ। ବିଶିଷ୍ଟ କବୟିତ୍ରୀ ବିଦ୍ୟୁତ୍ ପ୍ରଭାଙ୍କ ସ୍ମୃତିରେ ତୃତୀୟ ସନ୍ଧ୍ୟା ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକର ସଭାନେତ୍ରୀ କଳ୍ପନା ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, କବୟିତ୍ରୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ସୁଦର୍ଶନ ନାୟକ ପରିଚାଳିତ ଦର୍ଶନ ସାଂସ୍କୃତିକ ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରଘୁନାଥ ମହାନ୍ତିଙ୍କୁ ବିଜୁଜନତା ଦଳ ରାଜ୍ୟ ଉପସଭାପତି ମନୋନିତ : ନବୀନ ପଟ୍ଟନାୟକଙ୍କୁ ଜଣାଇଲେ କୃତଜ୍ଞତା



ବସ୍ତା, ୦୫/୫ (ନି.ପ୍ର): ଦୀର୍ଘ ଦିନ ଅନ୍ତରାଳ ପରେ ବିଜୁ ଜନତା ଦଳରେ ପୁନଃ ମିଶିବା ପରେ ବିଜୁଜନତା ଦଳ ସଭାପତି ନବୀନ ପଟ୍ଟନାୟକ ରଘୁନାଥ ମହାନ୍ତିଙ୍କ ବିଶ୍ୱାସ ରଖି ରାଜ୍ୟ ଉପସଭାପତି ଭାବେ ମନୋନୀତ କରିଥିବାରୁ ଶ୍ରୀ ମହାନ୍ତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୦୫/୫ (ନି.ପ୍ର): ଏହି ବ୍ଲକ ସ୍ଥିତ ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦେବୀ ପ୍ରସନ୍ନା ଖୁଣ୍ଟିଆ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ଓ ଓଡ଼ିଆରେ ସର୍ବୋଚ୍ଚ ମାର୍କ ରଖି ଥିବାରୁ ପ୍ରାଣକୃଷ୍ଣ ଧଳ ପାଠାଗାର, ପଦିନାରାୟଣପୁର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ ପାଠାଗାରର ସଭାପତି ଶିକ୍ଷାବିତ ପୁରୁଷୋତ୍ତମ ଧଳ, ଘନଶ୍ୟାମ ସ୍ୱାଇଁ, ଜଗନ୍ନାଥ ନାୟକ, ଦୋଳଗୋବିନ୍ଦ ଖୁଣ୍ଟିଆ, ପ୍ରଦୀପ କୁମାର ବେହୁରିଆ,



ବିଦ୍ୟୁତଲତା ଜେନା ପ୍ରମୁଖ ସୁଶ୍ରୀ ଦେବୀ ପ୍ରସନ୍ନା ଖୁଣ୍ଟିଆଙ୍କୁ ଉତ୍ତରୀୟ, ଓଡ଼ିଆ ଅଭିଧାନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୁଶ୍ରୀ ଖୁଣ୍ଟିଆ ସଫଳତାର ଶ୍ରେୟ ପିତା ମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଥିଲେ।

## ବେକରେ ରଶିଲଗାଇ ନାବାଳକ ଆତ୍ମହତ୍ୟା

ନୀଳଗିରି , ୦୫/୫ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦର ପଞ୍ଚାୟତର ଜୁରିଆପାଟଣା ଗ୍ରାମର ମନୋରଞ୍ଜନ ମଲ୍ଲିକଙ୍କ ୧୭ବର୍ଷର ପୁଅ ବବୁଲୁ ଘରେ ରଶିଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାପ୍ରାୟ ୬ଟା ସମୟରେ ମାଆ ରୋଷେଇକରୁଥିବା ବେଳେ ପୁଅ ଘରେ ରଶିଲଗାଇ ଆତ୍ମହତ୍ୟା କରିଥିବା ବେଳେ ପୁଅ ଘରେ କଣ କରୁଛି କହି ଘରେ କବାଟ ଖୋଲି ଦେଖେତ ପୁଅ ଝୁଲୁ ଥିବାର ଦେଖି ଡାକ ଛାଡ଼ିଥିଲେ। ସଙ୍ଗେସଙ୍ଗେ ପରିବାର ଲୋକେ ଏକ ଅଟୋଯୋଗେ ନୀଳଗିରି ମେଡିକାଲ ଆଣିଥିବା ହେଁ ଡାକ୍ତର ତାଙ୍କୁ ମୃତଘୋଷଣା କରିଛନ୍ତି।

## ଯାତ୍ରୀମାନଙ୍କ ନିମନ୍ତେ ଜୀବନ ରକ୍ଷାକାରି ଜ୍ୟାକେଟ ଏବଂ ଭାସମାନ ବଳୟ ଚିଲିକା ହ୍ରଦରେ ନୌକା ଚାଳନା ବେଳେ ବାଧ୍ୟତା ମୂଳକ

ଖୋର୍ଦ୍ଧା , ୦୫/୫ (ନି.ପ୍ର): ଚିଲିକା ହ୍ରଦରେ ଯାତ୍ରୀ ବାହି ନୌକା ଚାଳନା ସମୟରେ ଯାତ୍ରୀ ମାନଙ୍କ ଜୀବନ ସୁରକ୍ଷିତ ନିମନ୍ତେ ରାଜ୍ୟ ସରକାର ଓଡିଶା ନୌକା ଏବଂ ବିଭିନ୍ନ ପ୍ରକାର ଯାତ୍ରୀ ବାହି ବୋଟ,ନୌକା,ଡଙ୍ଗା ନିୟମ ୨୦୦୪ କୁ ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ପକ୍ଷରୁ ଲାଗୁ କରାଯାଇଅଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗ୍ରୀଷ୍ମ ଋତୁ ସମୟରେ ପ୍ରାୟତଃ କାଳ ବୈଶାଖୀ ଏବଂ ଘୂର୍ଣ୍ଣ ବାତ୍ୟା ଘଟୁଥିବା ହେତୁ ଚିଲିକା ହ୍ରଦରେ ଡଙ୍ଗା /ବୋଟ୍ ରେ ଯାଉଥିବା ସମୟରେ ଯାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ଥିବା ଓ ଆଗକୁ ଆସୁଥିବା ମୌସୁମୀ ବର୍ଷା ଋତୁ ଭିତ୍ତିକ ପ୍ରତିକୂଳ ପାଗ ପାଇଁ ଦୁର୍ଘଟଣାର ଆଶଙ୍କା ବହୁ ମାତ୍ରାରେ ଅଛି । ଏପରି ସ୍ଥଳେ ଯାତ୍ରୀ ମାନଙ୍କ ର ସୁରକ୍ଷିତ ଯାତ୍ରା ଏବଂ ସେମାନଙ୍କ ଜୀବନ ସୁରକ୍ଷା ଓ ଜୀବନ ରକ୍ଷା ପାଇଁ ସୁରକ୍ଷିତ ପଦକ୍ଷେପ ଡଙ୍ଗା /ବୋଟ୍ ମାଲିକ ମାନଙ୍କର ନେବାର ଆବଶ୍ୟକତା ବାଧ୍ୟତା ମୂଳକ ଅଟେ । ଏହି କ୍ରମେ ଡଙ୍ଗାରେ ଜୀବନ ରକ୍ଷାକାରି ଜ୍ୟାକେଟ ସମସ୍ତ ଯାତ୍ରୀ ମାନଙ୍କ ନିମନ୍ତେ ଡଙ୍ଗା ମାଲିକ ମାନେ ଚିକିକା ହ୍ରଦରେ ଡଙ୍ଗା /ବୋଟ୍ ଚଳାଇବା ସମୟରେ ସମସ୍ତ ଯାତ୍ରୀ ମାନଙ୍କୁ ଜୀବନ ରକ୍ଷକାରୀ ଜ୍ୟାକେଟ ଏବଂ ସୁରକ୍ଷା ବଳୟ ଡଙ୍ଗାରେ ନେବା ବାଧ୍ୟତା ମୂଳକ ଅଟେ । ଏଥିସହ ଯାତ୍ରୀ ମାନଙ୍କ ସଂଖ୍ୟା ଡଙ୍ଗା/ ବୋଟ୍ ର ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ଠାରୁ କୌଣସି ମତେ ଅଧିକ ହବା ଉଚିତ ନୁହେଁ । ଏହି ନିୟମକୁ ଓଡିଶା ସରକାର ଙ୍କ ବୋଟ /ଡଙ୍ଗା/ନୌକା ନିଅମ ୨୦୦୪ ବୋଟ୍ ମାଲିକ ମାନେ ସତର୍କତା ଓ ଯତ୍ନ ସହକାରେ ପାଳନ କରିବେ। ଏହି ନିୟମ ଉଲଂଘନ ବା ବ୍ୟତିକ୍ରମ କଲେ ସରକାର ସେମାନଙ୍କ ବୋଟ ପଞ୍ଜିକରଣକୁ ରଦ୍ଦ କରିବା ସହ ଓଡିଶା ବୋଟ୍ ନିୟମ ୨୦୦୪ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କଠୋର ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହା ଜିଲ୍ଲା ପ୍ରଶାସନ ପକ୍ଷରୁ , ସଭାପତି କାଳିଯାଇ ମୋଟର ବୋଟ ସଂଘ , ବାଲୁଗାଁ , ବଡକୂଳ ଏବଂ ମା' କାଳୀଯାଇ ଶ୍ରମିକ ସଂଗଠନ ବଡକୂଳ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଇ ଦିଆଗଲା ।

## ସାମାଜିକ ସୁରକ୍ଷାରୁ ବଂଚିତ ୮୧ ବର୍ଷ ବୟସ୍କ ବିଧବା ମା' 'ଚୁଡ଼ାମଣି'



ଉଦଳା, ୦୫/୫ (ନି.ପ୍ର): ଯେ ହେଉଛି ଗୋପବନ୍ଧୁନଗର ବ୍ଲକର ଶିଳଘାଟି ପଂଚାୟତ ଅନ୍ତର୍ଗତ ଡ଼ାହାଣିବୁଡ଼ା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବିଧବା ମା'ଚୁଡ଼ାମଣି ଟୁଡୁ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଖବର ନେବାରୁ 'ଚୁଡ଼ାମଣି'ଙ୍କ ସ୍ୱାମୀ ଅସେ ଟୁଡୁଙ୍କର ଆଜକୁ ୬ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ତେବେ ବିଧବା ମା' ମାନଙ୍କୁ ସରକାର ଯୋଗାଇ ଦେଉଥିବା ଭତା ପାଇବା ପାଇଁ 'ଚୁଡ଼ାମଣି' ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । 'ଚୁଡ଼ାମଣି' ଜଣେ ଆଦିବାସୀ ବିଧବା ମା' ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଆଧାରକାର୍ଡ଼ରେ 'ଚୁଡ଼ାମଣି' ଙ୍କର ଜନ୍ମ ତାରିଖ ୩ ଫେବୃଆରି ୧୯୪୫ ଉଲ୍ଲେଖ ରହିଛି । ଏହାକୁ ହିସାବକୁ ନେଲେ ଚଳିତ ବର୍ଷ 'ଚୁଡ଼ାମଣି' ୮୧ ବର୍ଷ ବୟସରେ ପଦାର୍ପଣ କଲେ । ବୟସ ଅଧିକ ହୋଇଯାଇଥିବାରୁ 'ଚୁଡ଼ାମଣି' ଆଉ କାମ କରିପାରୁ ନାହାଁନ୍ତି । ୮୦ ବର୍ଷ ବୟସରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ଭତା ସରକାର ଘୋଷଣା କରିଛନ୍ତି । କିନ୍ତୁ 'ଚୁଡ଼ାମଣି' ବାର୍ଦ୍ଧକ୍ୟ କିମ୍ବା ବିଧବା କୌଣସି ଭତା ପାଇପାରିନଥିବାର କଥା କହିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida